
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୦ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 July 2024
Vol.No. 35 ■ No.194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଧାନମନ୍ତ୍ରୀ ଓ ବିଜେପିକୁ ଆରଏସଏସ ମୁଖ୍ୟଙ୍କ ଟାର୍ଗେଟ୍

### ଜନସେବାରେ ମର୍ଯ୍ୟାଦା ପାଳନ କରିବା ଓ ଅହଂକାର ଛାଡିବାକୁ ଦେଲେ ପରାମର୍ଶ



ନୂଆଦିଲ୍ଲୀ, ୧୯/୭ : ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ବୟାନକୁ ନେଇ ପୁଣି ଚର୍ଚ୍ଚା । ପରୋକ୍ଷରେ ପୁଣି ଥରେ ବିଜେପି ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶାଣିତ ଢଙ୍ଗରେ ଟାର୍ଗେଟ କରିଛନ୍ତି । ଝାଡଖଣ୍ଡରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ଭାଗବତ କହିଥିଲେ ଆତ୍ମ ବିକାଶର ଅନ୍ତ ନାହିଁ । ତେଣୁ ନିଜକୁ ସୁପରମ୍ୟାନ,ଈଶ୍ୱର କହିବା କେତେ ଦୂର ଠିକ? ମାନବ ସେବା ପାଇଁ କର୍ତ୍ତବ୍ୟ ଜାରି ରଖିବା ଜରୁରୀ କାରଣ । ଏଥିସହ ସେ କହିଥିଲେ ମଣିଷ ହେବା ସତ୍ତ୍ୱେ ଯଦି ମାନବୀୟ ଗୁଣ ଅଭାବ ରହିବା ଠିକ ନୁହେଁ । ଭାଗବତଙ୍କ ବୟାନକୁ ନେଇ କଂଗ୍ରେସ ପ୍ରତିକ୍ରିୟା ରଖିଛି । ବିଜେପି ଉପରେ ଏହାକୁ ଆରଏସଏସର ଅଗ୍ନିମିସାଇଲ ମାଡ ବୋଲି କହିଛନ୍ତି ଦଳର ବରିଷ୍ଠ ନେତା ଜୟରାମ ରମେଶ ।

## ଅବପାତରେ ପରିଣତ ହେଲା ଲଘୁଚାପ: ଆଜି ପୁରୀ ଅତିକ୍ରମ କରିବ



ଭୁବନେଶ୍ୱର, ୧୯/୭ (ନି.ପ୍ର): ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ୱେଲ୍ ମାର୍କଡ ଲୋ-ପ୍ରେସର ବା ସୁଦୃଶ୍ୟ ଲଘୁଚାପଟି ଆଜି ଅବପାତରେ ପରିଣତ ହୋଇଛି । ଆସନ୍ତାକାଲି ସୁଦ୍ଧା ଅବପାତଟି ପୁରୀ ଦେଇ ଓଡ଼ିଶା ଉପକୂଳ ଅତିକ୍ରମ କରିବ । ଅବପାତଟି ବର୍ତ୍ତମାନ ପୁରୀଠାରୁ ୭୦ କିମି ଦୂରରେ ଥିବାବେଳେ ଗୋପାଳପୁର ଓ ପାରାଦୀପଠାରୁ ୧୩୦ କିମି ଦୂରରେ ଅବସ୍ଥିତ ରହିଛି । ଏହା ପ୍ରଭାବରେ ପୁରୀ ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି । ପାଣିପାଗର କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପ ପ୍ରଭାବରେ ଆଜିଠାରୁ ରାଜ୍ୟରେ ୪ ଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । କିଛି ଜିଲ୍ଲାରେ ମୂଷଳଧାରାରେ ବର୍ଷା ହୋଇପାରେ । ବିଶେଷ କରି ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଆଜି ୧୦ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ୩ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ପ୍ରବଳ ବର୍ଷା ହେବାକୁ ଥିବା ଜିଲ୍ଲା ଗୁଡ଼ିକ ହେଲା- କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଓ ପୁରୀ । ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏତଦ୍‌ବ୍ୟତିତ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ଆଉ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି କାଲି ପାଇଁ ୩ ଜିଲ୍ଲାକୁ ଅରେଞ୍ଜ ଓ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେହିପରି ଲଘୁଚାପ ପ୍ରଭାବରେ ଆସନ୍ତାକାଲିଠୁ ଓଡ଼ିଶା ଉପକୂଳ ଓ ସଲଗ୍ନ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବୋହିବ । ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ । ଏଥିପାଇଁ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ବର୍ଷା ଯୋଗୁ ବିଭିନ୍ନ ନଦୀ, ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଏହାସହିତ ପାହାଡ଼ିଆ ଅଂଚଳରେ ମାଟି ଅତଡ଼ା ଧସିବାର ଆଶଙ୍କା ଥିବାର ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ବିଭିନ୍ନ ଦୁର୍ବଳ ନଦୀ ଓ କେନାଲବନ୍ଧଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଦାୟିତ୍ୱରେ ଥିବା ଇଞ୍ଜିନିୟରମାନଙ୍କୁ କୁହାଯାଇଛି ।

## କାର୍ଯ୍ୟକାରିଣୀରେ ନେତା ଓ କର୍ମୀଙ୍କୁ ଟାସ୍କ ଦେଲେ ଜେପି ନଡ୍ଡା



ଭୁବନେଶ୍ୱର, ୧୯/୭ (ନି.ପ୍ର): ଓଡ଼ିଶାରେ ସରକାର ଗଢିବା ପରେ ବିଜେପିର ପ୍ରଥମ କାର୍ଯ୍ୟକାରିଣୀ । କାର୍ଯ୍ୟକାରିଣୀରେ ନେତା ଓ କର୍ମୀଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ କାଉନସେଲିଂ । ବିଜୟର ଶ୍ରେୟ ଓ କିଛି ଟାସ୍କ ଦେଲେ । ଶାସକ ଦଳରେ କର୍ମୀଙ୍କ ଭୂମିକା କ'ଣ ରହିବ, ସେନେଇ ମନ୍ତ୍ର ମଧ୍ୟ ଦେଲେ । ରାଜ୍ୟରେ ୨୫ ବର୍ଷ କ୍ଷମତାରେ ରହିବା ପାଇଁ ପକାଇଥିଲେ ମୂଳଦୂଆ । ରାଜ୍ୟରେ ସରକାର ଗଠନ ପରେ ପୁରୀରେ ଆୟୋଜିତ ଦୁଇ ଦିନିଆ କାର୍ଯ୍ୟକାରିଣୀକୁ ଉଦଘାଟନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା । କହିଛନ୍ତି, ଏହି ବିଜୟର ଶ୍ରେୟ କାର୍ଯ୍ୟକର୍ତ୍ତାଙ୍କର । ସରକାର ଓ ମନ୍ତ୍ରୀ କାର୍ଯ୍ୟକର୍ତ୍ତା ପାଖରେ ଉତ୍ତରଦାୟୀ ରହିବେ । କାର୍ଯ୍ୟକର୍ତ୍ତା, ଲୋକଙ୍କ ପାଖରେ ଉତ୍ତରଦାୟୀ ରହିବେ । ଆଗାମୀ ଦିନରେ ସରକାରଙ୍କ କାମ ଲୋକଙ୍କ ପାଖକୁ ନେଇ ଯିବାକୁ କହିଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ । ଦଳ ଦେଇଥିବା ସବୁ ପ୍ରତିଶ୍ରୁତି ପୂରଣ ହେବ ବୋଲି ଦୃଢ ସ୍ୱରରେ କହିଥିଲେ ନଡ୍ଡା । ଏଥିସହ କଂଗ୍ରେସକୁ ଅମରିଲତା ସହ ତୁଳନା କରିବା ସହ ପର ଭରସାରେ ବଞ୍ଚିଥିବା କହି କଟାକ୍ଷ କରିଥିଲେ ନଡ୍ଡା । ରାଜ୍ୟରେ ଆଗକୁ କିଭଳି ବିଜେଡିର ଭୋଟବ୍ୟାଙ୍କ ଭାଙ୍ଗି ନିଜ ଭୋଟବ୍ୟାଙ୍କକୁ ମଜବୁତ କରିବା? ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବା । ରାଜ୍ୟବାସୀ କିଭଳି ଡବଲ ଇଞ୍ଜିନ ସରକାରର ଫାଇଦା ଅନୁଭବ କରିପାରିବେ ସେଦିଗରେ କାର୍ଯ୍ୟ କରିବା? ଅନ୍ୟଦଳରୁ ଆସିଥିବା ନେତାଙ୍କୁ ଥଇଥାନ କରିବା ସହ ଆମଦାନୀ ଓ ଦଳୀୟ ନେତାଙ୍କ ମଧ୍ୟରେ ସମନ୍ୱୟ ରଖିବା ଉପରେ କାର୍ଯ୍ୟକାରିଣୀରେ ଫୋକସରେ ରଖାଯାଇଥିଲା । ସେପଟେ କାର୍ଯ୍ୟକାରିଣୀ ପୂର୍ବରୁ ଦଳର ପଦାଧିକାରୀ ବୈଠକରେ ଦଳ ଓ ସରକାରକୁ ନେଇ ହୋଇଛି ଆଲୋଚନା । ଯେଉଁଥିରେ ଉଠିଛି '୩ ସ' ଥିଓରୀ । ▶▶ପୃଷ୍ଠା ୭

## ଝାଡ଼ାବାନ୍ତିରେ ୨ ମୃତ୍ୟୁ:୨୫ ଆକ୍ରାନ୍ତ

ଗଞ୍ଜାମ, ୧୯/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଟିକରପଡ଼ା ଗାଁରେ ଝାଡ଼ାବାନ୍ତି ଆତଙ୍କ । ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୫ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ମୃତକ ହେଲେ କନ୍ଧ ସହୁ ଓ ଦେବ ଗୌଡ଼ ବୋଲି ଜଣାପଡ଼ିଛି । ଟିକରପଡ଼ା ଗାଁରେ କିଛିଦିନ ହେବ ଝାଡ଼ାବାନ୍ତି ଆତଙ୍କ ଲାଗିରହିଛି । ପ୍ରତ୍ୟକ ଦିନ ଗାଁର ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହେଉଛନ୍ତି । ଗତ ତିନିଦିନ ତଳେ କନ୍ଧ ସହୁ ଓ ଦେବ ଗୌଡ଼ଙ୍କର ହଠାତ ଝାଡ଼ାବାନ୍ତି ହୋଇଥିଲା । ସଙ୍ଗେ ସଙ୍ଗେ ପରିବାର ଲୋକ ଭଞ୍ଜନଗର ମେଡିକାଲକୁ ନେଇଥିଲେ । ସେଠାରେ ଚିକିତ୍ସା ଚାଲିଥିବା ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିଲା । ▶▶ପୃଷ୍ଠା ୭

## ଧର୍ମଶାଳାରେ କଳାପଥର ଲୁଟ୍‌ର ହେବ ତଦନ୍ତ

ଯାଜପୁର, ୧୯/୭ (ନି.ପ୍ର): କଳାପଥର ଲୁଟ୍‌ର ହେବ ତଦନ୍ତ । କ୍ୱାରି-ଟୁ-କ୍ୱାରି ତଦନ୍ତ କରିବ ଏକ ସଂସ୍ଥା । ଏହା କହିଛନ୍ତି ମାଇନର୍ ମିନେରାଲ୍ ଯୁଗ୍ମ ନିର୍ଦ୍ଦେଶକ ଏସ୍.ଏନ୍. ସିଂହଦେଓ । ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲର ବିଭିନ୍ନ କଳାପଥର ଖାଦାନ ଉପରେ ଚଢ଼ାଉ କରି ଗୋଟାଏ କ୍ରସର୍ ସହ ପ୍ରୋକ୍ଲିନ ମେସିନ ଜବତ କରିଛି ଖଣି ବିଭାଗ । ନିୟମ ଅନୁସାରେ କଳାପଥର ଉତ୍ତୋଳନ ହୋଇଛିକି ନାହିଁ । ଚିହ୍ନିତ ଅଞ୍ଚଳ ଭିତରୁ କିମ୍ବା ବାହାରୁ କିପରି ଓ କେତେ ଖନନ ହୋଇଛି । ତାହା ସ୍ପଷ୍ଟ ହେବାକୁ ସମୟ ଲାଗିବ ବୋଲି କହିଛନ୍ତି ଯୁଗ୍ମ ନିର୍ଦ୍ଦେଶକ । ତେବେ ପ୍ରାଥମିକ ତଦନ୍ତରୁ ଅନେକ ଜାଗାରେ ମାଇନିଂ ପ୍ଲାନ୍ ଅନୁସାରେ କାମ ହୋଇନଥିବା ଜଣାପଡ଼ିଛି ଓ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସର୍ଭେ ହେବ ବୋଲି ସେ ସୂଚନା ଦେଇଛନ୍ତି । କଳାପଥର ଲୁଟ ନେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦାବି ପରେ ଧର୍ମଶାଳା ତହସିଲ ଅନ୍ତର୍ଗତ ରାଜସ୍ୱ ସର୍କଲ ବଲରାମପୁର ୧ ଓ ଡଙ୍କାରି ରାଜସ୍ୱ ସର୍କଲରେ ଥିବା ଲୁଣିବର ପାହାଡ଼, ବାରମାନ ପାହାଡ଼, ବରଡ଼ା ପାହାଡ଼ ଓ ରାହାଡ଼ପୁର ପାହାଡ଼ କଳାପଥର ଖାଦାନ ଗୁଡ଼ିକ ଉପରେ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା ।

## ବିଲକିସ୍ ବାନୋ ମାମଲା: ଦୋଷୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯/୭ : ବହୁ ଚର୍ଚ୍ଚିତ ୨୦୦୨ ମସିହା ଗୁଜରାଟ ଦଙ୍ଗା ପୀଡ଼ିତ ବିଲକିସ୍ ବାନୋ ମାମଲାର ଦୁଇ ଦୋଷୀ ରାଧେଶ୍ୟାମ ଓ ରାଜୁ ଭାଇକୁ ବଡ଼ ଝଟକା ଦେଇଛନ୍ତି ସୁପ୍ରିମକୋର୍ଟ । ଉଭୟ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ ହେଁ ସର୍ବୋଚ୍ଚ ଅଦାଲତ ଏହାକୁ ଖାରଜ କରି ଦେଇଛନ୍ତି । ସୁପ୍ରିମକୋର୍ଟ ନୂତନ କ୍ଷମା ଆବେଦନ ଉପରେ ନିର୍ଦ୍ଦେଶ ଦେବା ଯାଏ ଉଭୟ ଜାମିନରେ ମୁକୁଳିବାକୁ ଚାହୁଁଥିଲେ । ୨୦୨୨ ସ୍ୱାଧୀନତା ଦିବସରେ ଗୁଜରାଟ ସରକାରୀ ଦଣ୍ଡାଦେଶ ବିରୋଧରେ ଯାଇ ବିଲକିସ୍ ବାନୋଙ୍କ ଦୁଷ୍କର୍ମକାରୀଙ୍କୁ ଜେଲରୁ ଖଲାସ କରି ଦେଇଥିଲେ । ହେଲେ ଜାନୁଆରୀ ମାସରେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ନିର୍ଦ୍ଦେଶକୁ ଖାରଜ କରିଥିଲେ । ଏହାକୁ ରାଧେଶ୍ୟାମ ଓ ରାଜୁ ଭାଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ମାସରେ ରାଧେଶ୍ୟାମ ଓ ରାଜୁ ଭାଇ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ଜାନୁଆରୀ ମାସରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ସେମାନେ ଚ୍ୟାଲେଞ୍ଜ କରିଥିଲେ । ଏଥିସହ ବୃହତ୍ତର ବେଞ୍ଚରେ ସେମାନଙ୍କ କ୍ଷମା ଆବେଦନର ବିଚାର କରିବାକୁ କହିଥିଲେ । ସେମାନେ କହିଥିଲେ ଯେ ସୁପ୍ରିମକୋର୍ଟର ଦୁଇଟି ପୃଥକ ବେଞ୍ଚ ସରକାରଙ୍କ ନୀତି ବିରୋଧରେ ପରସ୍ପର ବିରୋଧୀ ରାୟ ଦେଇଥିଲେ । ୨୦୨୨ ମେ' ମାସରେ ଗୋଟିଏ ଖଣ୍ଡପୀଠ ରାଧେଶ୍ୟାମଙ୍କ ଶୀଘ୍ର ରିଲିଜକୁ ବିଚାର କରିବା ପାଇଁ ରାଜ୍ୟକୁ କହିଥିଲେ । ▶▶ପୃଷ୍ଠା ୭

## ବ୍ଲାକ୍ ରୋଜ ବୁଡ଼ି: ସିବିଆଇ ତଦନ୍ତକୁ ସମ୍ମତି ଦେବେ କି ମୋହନ ସରକାର ?



ଭୁବନେଶ୍ୱର, ୧୯/୭ (ନି.ପ୍ର): ୨୦୦୯ ସେପ୍ଟେମ୍ବର ୯ ତାରିଖ । ପାରାଦୀପ ବନ୍ଦରର ୫ କିମି ଦୂରରେ ବୁଡ଼ିଗଲା ବ୍ଲାକ ରୋଜ୍ ଜାହାଜ । ଓଡ଼ିଶାରେ ବେଆଇନ ଲୁହାପଥର ଚୋରା ଚାଲାଣ ବଢ଼ିଥିବା ବେଳେ ଏହି ଜାହାଜରେ ଓଡ଼ିଶାରୁ ଚୀନ ଯାଉଥିଲା ଚୋରା ଲୁହାପଥର । ଜାହାଜରେ ବେଆଇନ କାଗଜପତ୍ରରେ ଯାଉଥିଲା ୨୩,୮୪୩ ଟନ୍ ଚୋରା ଲୁହାପଥର । ପୂର୍ବରୁ ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ଦୁଇଟି ଆବେଦନର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାର ସହଯୋଗ ନ କରିବାରୁ ତଦନ୍ତ ଆଗେଇ ପାରିଲା ନାହିଁ ବୋଲି ସିବିଆଇ ସୂଚନା ଅଧିକାର ଆଇନରେ ଦର୍ଶାଇଥିଲା । ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ପୁଣି ଥରେ ୨୦୨୩ ଅଗଷ୍ଟ ୩୦ରେ ହାଇକୋର୍ଟରେ ମାମଲା କଲା ପରେ ଗତ ଏପ୍ରିଲ ୧୫ ତାରିଖର ଶୁଣାଣିରେ ▶▶ପୃଷ୍ଠା ୭

## ୨୧ରେ ଓଡ଼ିଶା ବିଧାନସଭାର ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୯/୭ (ନି.ପ୍ର): ଆସନ୍ତା ୨୧ ତାରିଖରେ ବସିବ ଓଡ଼ିଶା ବିଧାନସଭାର ସର୍ବଦଳୀୟ ବୈଠକ । ସେହି ଦିନ ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ । ବଜେଟ ଅଧିବେଶନକୁ ସୁରୁଖୁରୁରେ ପରିଚାଳନା ଲାଗି ସହଯୋଗ ଲୋଡ଼ିବେ ବାଚସ୍ପତି । ବୈଠକ ପୂର୍ବରୁ ନିଯୁକ୍ତ ହେବେ ସରକାରୀ ଦଳ ମୁଖ୍ୟ ସଚେତକ ଓ ଉପ ମୁଖ୍ୟ ସଚେତକ । ସେହିପରି ଆସନ୍ତା ୨୩ ତାରିଖରେ ଉପ ବାଚସ୍ପତି ପଦ ଲାଗି ନାମାଙ୍କନ ହେବ । ସେହିଦିନ ୧୨ଟା ସୁଦ୍ଧା ନାମାଙ୍କନ ଦାଖଲ ହେବ ଏବଂ ୨୪ ତାରିଖରେ ଫଳାଫଳ ଘୋଷଣା କରାଯିବ ।

## ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ହେଲେ ଆଡଭୋକେଟ୍ ଜେନେରାଲ



ଭୁବନେଶ୍ୱର, ୧୯/୭ (ନି.ପ୍ର): ଓଡ଼ିଶା ହାଇକୋର୍ଟଙ୍କ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଆଡଭୋକେଟ୍ ଜେନେରାଲ ହୋଇଛନ୍ତି । ଶ୍ରୀ ଆଚାର୍ଯ୍ୟଙ୍କୁ ରାଜ୍ୟ ସରକାର ଏହି ବଡ଼ ଦାୟିତ୍ୱ ଦେଇଛନ୍ତି । ପୀତାମ୍ବରଙ୍କ ନିଯୁକ୍ତି ରାଜ୍ୟ ଆଇନ ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ମାସେ ଅତିକ୍ରମ କରିଛି । ଆଜି ଯାଏଁ ଏଜି ନିଯୁକ୍ତି ହୋଇ ନଥିବାରୁ ବିଭିନ୍ନ ମହଲରୁ ଉଦବେଗ ପ୍ରକାଶ ପାଉଥିଲା । ଏପରିକି ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଏନେଇ ପ୍ରଶ୍ନ କରିଥିଲେ । ବିରୋଧୀ ବିଜେଡି ▶▶ପୃଷ୍ଠା ୭

## ବୋଲ ବମ ଯାତ୍ରା: ଦୋକାନୀଙ୍କ ନାଁ ଉଲ୍ଲେଖ କରିବା ନିର୍ଦ୍ଦେଶକୁ ପ୍ରିୟଙ୍କାଙ୍କ ସମାଲୋଚନା



ନୂଆଦିଲ୍ଲୀ, ୧୯/୭ : ଉତ୍ତର ପ୍ରଦେଶର ମୁଜାଫରନଗର ପୁଲିସ୍ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଦୋକାନ ଆଗରେ ମାଲିକଙ୍କ ନାଁ ଲେଖିବା ନେଇ ଦେଇଥିବା ନିର୍ଦ୍ଦେଶ ଦିନକୁ ଦିନ ଘନେଇବାରେ ଲାଗିଛି । ମୁଜାଫରନଗରର ଯେଉଁ ମାର୍ଗରେ କାଉଡ଼ିଆମାନେ ଯାତ୍ରା କରିବେ, ସେଠାରେ ଥିବା ଦୋକାନ ମାଲିକଙ୍କ ପାଇଁ ନାଁ ଉଲ୍ଲେଖ କରିବା ନିର୍ଦ୍ଦେଶ ବାଧ୍ୟତାମୂଳକ କରାଯାଇଛି । ଏହାକୁ ଆଜି ପ୍ରିୟଙ୍କା ଗାନ୍ଧି ଭଦ୍ରା ସମାଲୋଚନା କରିଛନ୍ତି । ଏପରି ନିର୍ଦ୍ଦେଶ ସମ୍ବିଧାନ ବିରୋଧୀ ବୋଲି ସେ କହିଛନ୍ତି । ସେ କହିଛନ୍ତି, "ଆମର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ଗ୍ୟାରେଣ୍ଟୀ ଦେଇଛି ଯେ ତାଙ୍କ ସହ ଜାତି, ଧର୍ମ, ଭାଷା କିମ୍ବା ଅନ୍ୟ କୌଣସି ଆଧାରରେ ଭେଦଭାବ କରାଯାଇ ପାରିବ ନାହିଁ । ଉତ୍ତର ପ୍ରଦେଶରେ ଠେଲା ଓ ଦୋକାନରେ ବ୍ୟବସାୟୀମାନଙ୍କୁ ସେମାନଙ୍କ ମାଲିକଙ୍କ ନାଁ ଉଲ୍ଲେଖ କରିବା ଭଳି ବିଭାଜନକାର ଆଦେଶ ଆମର ସମ୍ବିଧାନ, ଆମର ଗଣତନ୍ତ୍ର ଓ ଆମର ସବୁ ଐତିହ୍ୟ ଉପରେ ହମଲା ଅଟେ । ସମାଜରେ ଜାତି ଓ ଧର୍ମ ଆଧାର ବିଭାଜନ ସୃଷ୍ଟି କରିବା ସମ୍ବିଧାନ ବିରୋଧୀ ଅପରାଧ । ଏପରି ଆଦେଶ ତୁରନ୍ତ ପ୍ରତ୍ୟାହାର କରାଯାଉ ଓ ଯେଉଁ ଅଧିକାରୀମାନେ ଏପରି ଆଦେଶ ଜାରି କରିଥିଲେ, ▶▶ପୃଷ୍ଠା ୭

# ପୁଅର ହତ୍ୟାକାରୀଙ୍କୁ ଗିରଫ ଦାବିରେ ଏସପିଙ୍କୁ ଭେଟିଲେ ପରିବାର ଓ ଗ୍ରାମବାସୀ

କୋରେଇ, ୧୯/୦୭ (ନି.ପ୍ର): ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ଗ୍ରାମର ଅଜୟ କୁମାର ସାମଲଙ୍କ ପୁଅଙ୍କ ପବିତ୍ର ସାମଲଙ୍କ ମୃତ ଦେହ ଗତ ଜୁଲାଇ ୫ ତାରିଖ ନିକଟସ୍ଥ ଅଂଚଳରୁ ମିଳିଥିଲା । ପରିବାର ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ମାତ୍ର ଅବଧି ୧୩ ଦିନ ବିତିଯାଇଥିଲେ ବି ପୁଲିସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାରେ ବିଫଳ ହୋଇଛି । ଫଳରେ ଧର୍ମଶାଳା ପୁଲିସ ଉପରେ ଭରଷା ନକରି ଅଜୟ ଓ ତାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହାୟତାରେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲଙ୍କୁ ପୁଅର ହତ୍ୟାକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏନେଇ ଘଟଣାର ତ୍ୱରୀତ ତଦନ୍ତ କରାଯିବ ବୋଲି ଏସପି ପ୍ରତିଶୃତି ଦେଇଛନ୍ତି ।

# ଝିଙ୍କ ଶିକାର କରି ବନ୍ଧାହେଲେ ପ୍ରଧାନଶିକ୍ଷକ ଓ ସାଥୀ: ମାଂସ, ଦେଶୀ ବନ୍ଧୁକ ଓ ଧନୁତୀର ଜବତ

ବାରିପଦା, ୧୯/୦୭ (ନି.ପ୍ର): ଶିମିଳିପାଳର ଗଛଲତା ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆୟୋଜିତ ସଚେତନତା ଅଭିଯାନରେ ପ୍ରାୟ ସମୟରେ ଶିକ୍ଷକମାନଙ୍କୁ ସାମିଲ କରାଯାଉଛି । ହେଲେ ଜଣେ ପ୍ରଧାନଶିକ୍ଷକ ନିଜେ ଜନ୍ତୁ ଶିକାର କରି ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।



ଗିରଫ ପ୍ରଧାନଶିକ୍ଷକ ହେଲେ ବାଇଧର ସୋରେନ (୫୪) । ସେ ଶାମାଖୁଣ୍ଟା ବ୍ଲକ୍ ହଳଦୀବଣି ପ୍ରାଥମିକ ସ୍କୁଲରେ କାର୍ଯ୍ୟ କରନ୍ତି । ତାଙ୍କ ସହଯୋଗୀ ଚମଟ୍ ହେମ୍ବ୍ରମ (୪୦)ଙ୍କୁ ମଧ ଗିରଫ କରିଛି ବନ ବିଭାଗ । ଉଭୟଙ୍କ ଘର କୁଳିଅଣା ଥାନା ଅଧୀନ ଆଲୁବଣି ଗାଁରେ । ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ରାତିରେ ଦୁହେଁ ଦେଶୀ ବନ୍ଧୁକ ଓ ଧନୁତୀର ଧରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ପିଟାବଟା ରେଞ୍ଜକୁ ଶିକାର ପାଇଁ ଯାଇଥିଲେ । ଘଞ୍ଚ ଜଙ୍ଗଲରୁ ଏକ ଝିଙ୍କ ଶିକାର କରି ଫେରିବା ବାଟରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ହାତରେ ଧରାପଡ଼ିଥିଲେ ।

# ସମ୍ବଲପୁରରେ ରେଳ ଫ୍ଲାଏଓଭର ପ୍ରକଳ୍ପ ପାଇଁ ୨୮୮.୬୧ କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ସମ୍ବଲପୁର ଷ୍ଟେସନରୁ ସମ୍ବଲପୁର ସିଟି ଷ୍ଟେସନକୁ ରେଳ ଚଳାଚଳ କ୍ଷେତ୍ରରେ ପ୍ରତିବନ୍ଧକ ଦୂର କରିବା ଉଦେଶ୍ୟରେ ୮.୧୦ କିଲୋମିଟର ଦୂରତା ବିଶିଷ୍ଟ ଏକ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ୨୮୮.୬୧ କୋଟି ଟଙ୍କା ମଞ୍ଜୁର କରିଛି ।

ଏହାଦ୍ୱାରା ରେଳ ଫ୍ଲାଏ ଓଭର ସମ୍ବଲପୁରର ସମସ୍ତ ପାର୍ଶ୍ୱରୁ ଏକକାଳୀନ ଟ୍ରେନ୍ ଚଳାଚଳକୁ ସୁଗମ ଓ ସହଜ କରିବ ଏବଂ ଟିଟିଲାଗଡ, ଅନୁଗୁଳ ଏବଂ ଝାରସୁଗୁଡା ପାର୍ଶ୍ୱକୁ ଏକ ସମୟରେ ପ୍ରତିବନ୍ଧ ମୁକ୍ତ ପାଇଁ କାର୍ଯ୍ୟ ସୁନିଶ୍ଚିତ କରିବ । କ୍ରସ୍-ଟ୍ରାଫିକ୍ ବିଳମ୍ବ ଏବଂ କାର୍ଯ୍ୟକ୍ଷମ ଅପାରଗତାକୁ ଦୂର କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏହି ଅଞ୍ଚଳରେ ଟ୍ରେନର ହାରାହାରି ଗତି ଏବଂ ଦକ୍ଷତା ବୃଦ୍ଧି କରିବ । ଏହି ପ୍ରକଳ୍ପ ନିର୍ମାଣ ଭାରତୀୟ ରେଳବାଇର ଏନର୍ଜି କରିଡରର ଏକ ଅଂଶ ଯାହାକି ସ୍ଥାୟୀ ଏବଂ ଦକ୍ଷ ଭିତିଭୂମି ବିକାଶ ପାଇଁ ଏକ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି ।

ନୂତନ ରେଳ ଫ୍ଲାଏ ଓଭର ଅନ୍ୟ ଲାଇନଗୁଡିକ ଅତିକ୍ରମ କରିବାର ଆବଶ୍ୟକତାକୁ ଏଡାଇ ଟିଟିଲାଗଡ, ଝାରସୁଗୁଡା ଏବଂ ଅନୁଗୁଳ ପାର୍ଶ୍ୱରୁ ଏକ ସମୟରେ ଟ୍ରେନ୍ ଚଳାଚଳ ପାଇଁ ଉତ୍ସର୍ଗୀକୃତ ଭିତ୍ତିଭୂମି ଯୋଗାଇବ । ଟ୍ରେନ୍ ଟ୍ରାଫିକ୍ ଆଉ ସମ୍ବଲପୁର / ସମ୍ବଲପୁର ସିଟି ଷ୍ଟେସନ୍ ଏବଂ ନିକଟସ୍ଥ ଷ୍ଟେସନରେ ଅଟକ ରଖାଯିବ ନାହିଁ, ଏହି ବ୍ୟସ୍ତବହୁଳ ଜଙ୍କସନକୁ ଆସୁଥିବା ଟ୍ରେନଗୁଡିକର ଅପେକ୍ଷା ସମୟକୁ ହ୍ରାସ କରିଥାଏ । ପ୍ରତିବନ୍ଧକ ବିନା ଟ୍ରେନ ଚଳାଚଳ : ଏହି ପ୍ରକଳ୍ପ ଟିଟିଲାଗଡ, ଝାରସୁଗୁଡା, ଏବଂ ଅନୁଗୁଳ ପାର୍ଶ୍ୱକୁ ଯାତ୍ରୀବାହୀ ଟ୍ରେନର ସୁଗମ ଚଳାଚଳ କ୍ଷେତ୍ରରେ ସହଜ କରିବ । ସମ୍ପ୍ରତି, ଝାରସୁଗୁଡା, ଟିଟିଲାଗଡ ଏବଂ ଅନୁଗୁଳ ପାର୍ଶ୍ୱରୁ ସମ୍ବଲପୁର ଷ୍ଟେସନକୁ ଆସୁଥିବା ଟ୍ରେନ ଗୁଡିକ କ୍ରସ୍ ଟ୍ରାଫିକ୍ ସମସ୍ୟା ଯୋଗୁଁ ସମ୍ବଲପୁର ଜଙ୍କସନ ଏବଂ ସମ୍ବଲପୁର ସିଟି ଷ୍ଟେସନରେ ନିୟନ୍ତ୍ରଣ କରାଯାଇଥାଏ ଯାହାଦ୍ୱାରା ଟ୍ରେନ ଚଳାଚଳ କ୍ଷେତ୍ରରେ ବିଳମ୍ବ ଏବଂ କାର୍ଯ୍ୟକ୍ଷମ ଅପାରଗତାକୁ ଦର୍ଶାଇଥାଏ । କ୍ରସ୍ ଟ୍ରାଫିକ୍ ସମସ୍ୟାକୁ ଏହି ରେଳ ଫ୍ଲାଏ ଓଭର ନିର୍ମାଣ ବର୍ତ୍ତମାନର ଟ୍ରେନ ଚଳାଚଳ ସମସ୍ୟାର ସମାଧାନ କରିବ ଯାହା ଭୂପୃଷ୍ଠ କ୍ରସିଂ ବିନା ଏକକାଳୀନ ସମସ୍ତ ପାର୍ଶ୍ୱକୁ ଟ୍ରେନ୍ ଚଳାଚଳକୁ ସକ୍ଷମ କରିବ, ଯାହାଦ୍ୱାରା ବର୍ତ୍ତମାନର ପ୍ରତିବନ୍ଧକକୁ ଏଡାଇ ଦିଆଯାଇ ପାରିବ ଏବଂ ଏହି ଅଞ୍ଚଳରେ ଟ୍ରେନ୍ କାର୍ଯ୍ୟକ୍ଷମତା ବୃଦ୍ଧି କରାଯାଇ ପାରିବ ।

ଭାରତୀୟ ରେଳ ସମଗ୍ର ଦେଶରେ ଏହାର ଭିତିଭୂମିରେ ଉନ୍ନତି ଆଣିବାକୁ ପ୍ରତିଶ୍ରୁତିବଦ୍ଧ । ସମ୍ବଲପୁରର ଏହି ନୂତନ ପ୍ରସ୍ତାବିତ ରେଳ ଫ୍ଲାଏ ଓଭର ଟ୍ରେନ ଯାତାୟାତ ସମୟକୁ ହ୍ରାସ କରିବ ଏବଂ ଟ୍ରେନ୍ ଚଳାଚଳର ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ପରିଶେଷରେ ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଏହି ଅଞ୍ଚଳରେ ଭାରତୀୟ ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି କରିବା କ୍ଷେତ୍ରରେ ଏହି ରେଳ ଫ୍ଲାଏ ଓଭର ସହାୟକ ହେବ ।

# ଟିପାଗୁଡ଼ା ଗ୍ରାମକୁ ନାହିଁ ପକ୍କା ରାସ୍ତା: ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆ ଭରସା

ଝରିଗାଁ, ୧୯/୦୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବିଭିନ୍ନ ଗ୍ରାମକୁ ପ୍ରଶାସନ ପକ୍ଷରୁ ପକ୍କା ରାସ୍ତା ନଥିବା ବେଳେ ବର୍ଷା ଦିନରେ ଯାତାୟାତରେ ସମସ୍ୟା ହୋଇଥାଏ । ବର୍ଷା ଦିନ ହେଲେ ଚାଲି ଚାଲି ଯିବା ମଧ କଷ୍ଟ ହୋଇଥାଏ । ଫଳରେ ଗ୍ରାମର ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଖଟିଆ ଭରସା ହୋଇଥାଏ । ସେହିପରି ପିଲାମାନଙ୍କର ପାଠ ପଢ଼ା ବନ୍ଦ ହୋଇଯାଇଥାଏ । ଏହିଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଂଚାୟତ ଅନ୍ତର୍ଗତ ଟିପାଗୁଡା ଗ୍ରାମବାସୀ । ଗ୍ରାମବାସୀଙ୍କ କହିବା ପ୍ରକାରେ ଦୀର୍ଘ ୪୦ ବର୍ଷ ତଳେ ନବରଙ୍ଗପୁର ଜିଲ୍ଲାର କିଛି ପରିବାର ଜଙ୍ଗଲ କାଟି ବସତି ସ୍ଥାପନ କରିଥିଲେ । ପରେପରେ ସେହି ଗ୍ରାମକୁ ଟିପାଗୁଡ଼ା ନାମ ଦେଇଥିଲେ । ବର୍ତ୍ତମାନ ଟିପାଗୁଡ଼ା ଗ୍ରାମରେ ହରିଜନ, ଗୌଡ଼ ଓ ଜାନୀ ସମ୍ପ୍ରଦାୟର ପ୍ରାୟ ୫୦ ପରିବାର ବସବାସ କରନ୍ତି । ଏହି ଗ୍ରାମକୁ ଯିବା ପାଇଁ ଆମାଳିଝରି ଗ୍ରାମ ଦେଇ ଯିବା ପାଇଁ ପଡେ ।ପ୍ରଶାସନ ପକ୍ଷରୁ ଆମିଳିଝରି ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇଥିବା ବେଳେ ଆମିଳିଝରି ଗ୍ରାମ ଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଟିପାଗୁଡା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ । ପ୍ରଶାସନ ପକ୍ଷରୁ ଗତ କିଛି ମାସ ତଳେ ଆମିଳିଝରି ଠାରୁ ଟିପାଗୁଡା ରାସ୍ତାରେ ମାଟି ପକା ଯାଇଥିଲା । ବର୍ଷା ହେବା ପରେ ବର୍ତ୍ତମାନ ରାସ୍ତାରେ ବର୍ଷା ପାଣି ଏବଂ କାଦୁଅ ଭରି ରହୁଛି । ସେହିପରି ଚିକିଟା ମାଟି ଯୋଗୁଁ ସେହି ରାସ୍ତାରେ ଚାଲି ଚାଲି ଯିବା ମଧ କଷ୍ଟ ହେଉଛି । ବିଭିନ୍ନ ସମୟରେ ଲୋକମାନେ ଚାଲି ଯିବା ବେଳେ ଗଡ଼ ଖସି ତଳେ ପଡ଼ି ଆହତ ହେଉଥିବା ଗ୍ରାମବାସୀ କହିଛନ୍ତି । ସେହିପରି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଆମ୍ବୁଲାନ୍ସ ଟିପାଗୁଡା ଗ୍ରାମ ପର୍ଯ୍ୟନ୍ତ ଯାଇ ନପାରି ଆମାଳିଝରି ଗ୍ରାମରେ ରହି ଯାଉଛି । ଫଳରେ ଗ୍ରାମର ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କୁ ଆମିଳିଝରି ଗ୍ରାମ ପର୍ଯ୍ୟନ୍ତ ଖଟିଆରେ ବୋହି ନେବା ପାଇଁ ପଡୁଥିବା କହିଛନ୍ତି । ରାସ୍ତା ଖରାପ ଯୋଗୁଁ ଗ୍ରାମର ପ୍ରାୟ ଗର୍ଭବତୀ ମହିଳା ଘରେ ବୟୋଜ୍ୟେଷ୍ଠ ମହିଳାମାନଙ୍କ ସହାୟତାରେ ପ୍ରସୂତୀ ହେଉଥିବା କହିଛନ୍ତି । ଦିନ ତଳେ ଟିପାଗୁଡା ଗ୍ରାମର ଲକ୍ଷ୍ମଣ ଜାନୀଙ୍କ ସ୍ତ୍ରୀ ଅମ୍ବିକା ଜାନୀ ଘରେ ପ୍ରସବ ହୋଇ ନବଜାତ ଶିଶୁପୁତ୍ର ଜନ୍ମ ଦେଇଥିବା ସୂଚନା ମିଳିଛି । ସେହିପରି ଟିପାଗୁଡ଼ା ଗ୍ରାମରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ହୋଇ ନଥିବା ବେଳେ ଏଠାକାର ପିଲାମାନେ ଦେଢ଼ କିଲୋମିଟର ଦୂରରେ ଥିବା ଆମିଳିଝରି ପ୍ରାଥମିକ ବିଦ୍ୟାଳୟ ଉପରେ ନିର୍ଭର କରୁଥିବା ବେଳେ ଅଙ୍ଗନବାଡ଼ି ପିଲାମାନେ ପ୍ରାୟ ଆଠ କିଲୋମିଟର ଦୂରରେ ଥିବା ମୋତିବନ୍ଧଗୁଡା ଅଙ୍ଗନବାଡ଼ି କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ବର୍ଷା ଦିନରେ ରାସ୍ତା ଖରାପ ଯୋଗୁଁ ଟିପାଗୁଡା ଗ୍ରାମର ପିଲାମାନଙ୍କୁ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ପଠାଇବା ପାଇଁ ଅଭିବାହକମାନେ ଇଛା ପ୍ରକାଶ କରୁନଥିବା କହିଛନ୍ତି । ସେହିପରି ବହୁବାର ଦାବି ପରେ ପ୍ରଶାସନ ପକ୍ଷରୁ ନୂତନ ନଳକୂପ ଖନନ ହୋଇଥିବା ବେଳେ ଚାନ୍ଦିନୀ ହୋଇ ନାହିଁ ଫଳରେ ମହିଳାମାନେ ପାଣି ସଂଗ୍ରହ ବେଳେ ସମସ୍ୟା ହେଉଥିବା ବେଳେ ଗାଁ ଦାଣ୍ଡରେ ମଧ ପ୍ରଶାସନ ପକ୍ଷରୁ କଂକ୍ରିଟ ରାସ୍ତା ନିର୍ମାଣ ହୋଇ ନଥିବା ଅଭିଯୋଗ ହୋଇଛି । ତେଣୁ ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମର ଲଛମନ ହରିଜନ, ବ୍ରଜ ଗୌଡ଼, ସୁରୁ ସୁନା, ଖଗପତି ହରିଜନ, ମୋତିଲାଲ ହରିଜନ, ପଦ୍ମନ ଗୌଡ଼, ବସନ୍ତ ସୁନା ମନବୋଧ ଗୌଡ଼, କୁମ ଗୌଡ଼, ଦୂକମଲ ହରିଜନ, ମଦନ ହରିଜନ, ହରି ଗୌଡ଼, ଚନ୍ଦନ ହରିଜନ, ଯସେନ ହରିଜନ, ହାରନ ହରିଜନ, ଲକ୍ଷନ ଜାନୀ, ପର୍ଶୁ ଗୌଡ଼, ବାଗେନ ଜାନୀ, ଡମ୍ବରୁ ଜାନୀ, ଡ଼ମ୍ବୁ ଜାନୀ, ଦଶରୁ ଜାନୀ ପ୍ରମୁଖ ଦାବି କରିଛନ୍ତି ।

# ୭୫ ଲକ୍ଷ ଚାଷୀଙ୍କୁ ପି.ଏମ. କିଷାନ ନିଧି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ପି.ଏମ.କିଷାନ ଯୋଜନାରେ ଅଛନ୍ତି ୩୧ଲକ୍ଷ ୬୨ ହଜାର । ନିକଟରେ ରାଜ୍ୟ ସରକାର ଆଉ ୬ ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ଯୋଗ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ବରଗଡ଼ଠାରେ ପି.ଏମ. କିଷାନର ୧୭ତମ କିସ୍ତି ବଣ୍ଟନ ଉତ୍ସବରେ ଯୋଗଦେଇ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଘୋଷଣା କରିଥିଲେ । ତଦନୁଯାୟୀ ଓଡ଼ିଶାରେ ଯଦି ଏହି ୩୭ଲକ୍ଷ ୬୨ ହଜାର ଚାଷୀ ପି.ଏମ. କିଷାନ ନିଧି ତାଲିକାରେ ଅନ୍ତର୍ଭୁକ୍ତ ହେଉଛନ୍ତି, ତେବେ ରାଜ୍ୟର ଆଉ ବଳକା ୩୭ ଲକ୍ଷ ୩୮ ହଜାର ଚାଷୀଙ୍କୁ କାହିଁକି ପି.ଏମ. କିଷାନ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି । ଦ୍ୱିତୀୟତଃ କେନ୍ଦ୍ର ସରକାର ଚାଷୀଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ସହାୟତା ଦେଉଛନ୍ତି । କିନ୍ତୁ ବର୍ତ୍ତମାନ ଯେପରି କୃଷି ଉତ୍ପାଦ ପାଇଁ ଆବଶ୍ୟକ ଦରଦାମ ବୃଦ୍ଧି ଏଥିରେ ଚାଷୀର ଆୟ ଦ୍ୱିଗୁଣିତ ହୋଇ ପାରୁନାହିଁ । ତେଣୁ କେନ୍ଦ୍ର ସରକାର ଓଡ଼ିଶାର ସମସ୍ତ ୭୫ ଲକ୍ଷ ଚାଷୀଙ୍କୁ ପି.ଏମ. କିଷାନ ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ବର୍ଷକୁ ତିନୋଟି କିସ୍ତିରେ ଅତ୍ୟନ୍ତ ପକ୍ଷେ ୫ହଜାର ଟଙ୍କା ଲେଖାଏଁ ମୋଟ ୧୫ ହଜାର ଟଙ୍କା ଯୋଗାଇ ଦେବାକୁ କଂଗ୍ରେସ ଦଳ ତରଫରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି ।

# ଏସ୍‌ସିବି ନୂଆ କ୍ୟାମ୍ପସ୍ ନିର୍ମାଣ ଅଗ୍ରଗତି ନେଇ ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲର ନୂତନ କୋଠା ନିର୍ମାଣର ଅଗ୍ରଗତି ନେଇ ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଏହି ନୂତନ କ୍ୟାମ୍ପସ୍ ର ନିର୍ମାଣ ସ୍ଥିତି ସଂପର୍କରେ ବିଭାଗୀୟ ଅଧିକାରୀ, ଓବିସିସି ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାଣିବାକୁ ଚାହିଁଥିଲେ ।

୪୮ ଏକରବିଶିଷ୍ଟ ନିର୍ମାଣାଧିନ ଏହି କ୍ୟାମ୍ପସ୍ ରେ ଜେନେରାଲ ମେଡିସିନ୍, ସ୍ୱତନ୍ତ୍ର ମେଡିସିନ୍, ସ୍ୱତନ୍ତ୍ର ସର୍ଜରୀ, ସାଧାରଣ ସର୍ଜରୀ ଓ ଟ୍ରମା କେୟାର ଆଦି ବର୍ଗରେ ୨୬୬ଟି ଆଇସିୟୁ ଶଯ୍ୟା ସହ ୨୦୫୮ ଶଯ୍ୟାର ପ୍ରସ୍ତାବ ରହିଛି । ସେହିପରି ନିର୍ମାଣାଧିନ ଏହି କ୍ୟାମ୍ପସ୍ ରେ ବିଭିନ୍ନ ବର୍ଗର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ୧୩ଟି ଆବାସିକ ଟାୱାରରେ ୫୧୨ ୟୁନିଟ୍ ରହିବ । ୨୨୭୮ ଜଣ ବାଳକ ଓ ବାଳିକା ରହିବା ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲର ନିର୍ମାଣ ସ୍ଥିତି ସଂପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ରୋଷଶାଳା, ଲଣ୍ଡ୍ରି, ଡାଟା ସେଂଟର, ସେଂଟ୍ରାଲ ଷ୍ଟୋର ସହ ରୋଗୀଙ୍କ ସହ ଆସୁଥିବା ଆଟେଣ୍ଡାଂଟଙ୍କ ପାଇଁ ରହିବା ସ୍ଥାନ, ବହୁତଳ କାର ପାର୍କିଂ ଆଦି ବିଷୟରେ ଆଲୋଚନା ହୋଇଥିଲା । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତ ଅଧିକାରୀ ଓ ଠିକା ସଂସ୍ଥାର କଥା ଶୁଣିବା ସହ କ୍ୟାମ୍ପସ୍ ନିର୍ମାଣର ଗୁରୁତ୍ୱକୁ ଉପଲବ୍ଧି କରି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧରେ କଟକ-ବାରବାଟି ବିଧାୟକ ସୋଫିୟା ଫିରଦୋସ୍, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ତ୍ତ ବିଭାଗର ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସମେତ ଏନ୍‌ସିସି, ଏଲ୍ ଆଣ୍ଡ ଟି ଏବଂ ଏଇ-କମ୍ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପାଇଁ ୯୯% ଜମି ଅଧିଗ୍ରହଣ ଶେଷ: ବଳକା ଜମି ଅଧିଗ୍ରହଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରୁ ଜଣାପଡ଼ିଛି ଯେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ଦୈର୍ଘ୍ୟ ମୋଟ ୩୦୧ କିମି ହୋଇଥିବାବେଳେ ଏଥି ମଧରୁ ୧୮୩ କିମି ରେଳପଥ କାମ ସମ୍ପୂର୍ଣ୍ଣ ହୋଇ ରେଳ ଚଳାଚଳ ଯୋଗ୍ୟ ହୋଇ ତା' ମଧରୁ ୧୧୪ କିମିର କାର୍ଯ୍ୟ ଚାଲୁରହିଛି । ବର୍ତ୍ତମାନ ସୁଦ୍ଧା ମାତ୍ର ୩.୮ କିମି ଜମି ଅଧିଗ୍ରହଣରେ ସମସ୍ୟା ରହିଛି । ଏହା ମଧରୁ ନୟାଗଡ଼ ଜିଲ୍ଲାରେ ୩.୧ କିମି ଓ ବୌଦ୍ଧ ଜିଲ୍ଲାରେ ୭୦୦ ମିଟର ଜମି ଅଧିଗ୍ରହଣ ବାକି ରହିଛି ।ଏହି ଜମି ଅଧିଗ୍ରହଣରେ ଥିବା ସମସ୍ୟା ଆଗାମୀ ୧୫ ଦିନରେ ସମାଧାନ କରି ରେଳପଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଆଗେଇ ନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନୟାଗଡ଼ ଓ ବୌଦ୍ଧ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରେଳପଥ ପ୍ରକଳ୍ପ ଦ୍ୱାରା ଉଭୟ ଜିଲ୍ଲାର ପ୍ରଭାବିତ ହେବାକୁ ଥିବା ଜନସାଧାରଣଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ସହ ସେମାନଙ୍କୁ ବିଭିନ୍ନ ଜନହିତକର ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କର ଜୀବିକାନିର୍ବାହ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ମାମଲା ହାଇକୋର୍ଟ ଓ ଜିଲ୍ଲା କୋର୍ଟରେ ବିଚାରାଧିନ ଥିବାବେଳେ ଏଥିରେ ସମନ୍ୱୟ ରକ୍ଷାକରି କେସ ଗୁଡ଼ିକର ତ୍ୱରିତ ଫଇସଲା ଦିଗରେ କାର୍ଯ୍ୟ କଲେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରିବ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନୟାଗଡ଼ ଓ ବୌଦ୍ଧର ଜିଲ୍ଲାପାଳ, ଡିଭିଜନାଲ ଫରେଷ୍ଟ ଅଫିସର ଓ ତହସିଲଦାରଙ୍କ ସହ ବିଭିନ୍ନ ଗ୍ରାମରେ ଥିବା ଜମି ଅଧିଗ୍ରହଣ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶଦ ଭାବେ ଅବଗତ ହେବା ସହ ଏସବୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଓ ସମାଧାନର ବାଟ ବାହାର କରିଥିଲେ । ଅଧିଗ୍ରହଣ ହେବାକୁ ଥିବା ଜମି ମଧରେ କିଛି ଜଙ୍ଗଲ ଜମି ରହିଥିବାରୁ, ଏସବୁର ଆଇନଗତ ଦିଗ ସମ୍ପର୍କରେ ତର୍ଜମା କରି ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କେତେକ ସ୍ଥଳେ ଗ୍ରାମସଭା ଡକାଇ ରେଳ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଲୋକମାନଙ୍କୁ ବୁଝାଇଶୁଝାଇ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥାରେ ପ୍ରକଳ୍ପ ପାଇଁ ଜମି ଛାଡ଼ିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ ।

ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ଅର୍ଥନୈତିକ ବିକାଶରେ ଏହା ସହାୟକ ହେବା ସହ ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ମଧରେ ଗମନାଗମନ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ସାଧିତ ହୋଇପାରିବ । ଏଭଳି ଏକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଆଗେଇ ନେବା ପାଇଁ ଅତିରକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମଣ୍ଡିକୁ ଖରିଫ ଧାନ ବିକ୍ରୀ ପାଇଁ ପଞ୍ଜୀକରଣ ଆରମ୍ଭ

ଗଂଜାମ, ୧୯/୦୭ (ନି.ପ୍ର): ମଣ୍ଡିକୁ ଖରିଫ ଧାନ ବିକ୍ରୀ ପାଇଁ ଗତ ୧୫ ତାରିଖରୁ ରେଜିଷ୍ଟ୍ରେସନ ସେବା ସମବାୟ ସମିତି ମାଧମରେ ଆରମ୍ଭ ହୋଇଛି । ତେବେ ଏ ସଂପର୍କରେ ଚାଷୀ ମାନଙ୍କୁ ସଚେତନତା କରାଯାଇନାହିଁ । ଆବଶ୍ୟକୀୟ ପଞ୍ଜୀକରଣ ପାଇଁ ଫର୍ମ ସମିତି ଗୁଡିକରେ ପହଂଚି ନାହିଁ । ଫର୍ମ ପୂରଣ ପାଇଁ ଓଡିଆ ଭାଷାରେ ଫର୍ମ ଛପାଯାଇ ଚାଷୀ ଯୋଗାଇବାକୁ ସରକାରଙ୍କ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି । ପଂଜିକରଣ ଯେପରି ଆଗ୍ରହୀ ଚାଷୀ ମାନେ ସୁବିଧା ରେ କରିପାରିବେ, ସେଥି ପ୍ରତି ସମିତି ସଂପାଦକ ମାନେ ସହଯୋଗ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।

# ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଙ୍ଗାପୁର ହାଇକମିଶନରଙ୍କ ବୈଠକ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ସିଙ୍ଗାପୁର ସାଧାରଣତନ୍ତ୍ରର ହାଇକମିଶନର ମିଃ ସାଇମନ୍ ୱାଙ୍ଗ୍ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଲୋକସେବା ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଗୁରୁବାର ସନ୍ଧ୍ୟାରେ ସାକ୍ଷାତ କରି ଓଡ଼ିଶାର ପ୍ରଗତି ଦିଗରେ ଆଲୋଚନା କରିଛନ୍ତି । ପୂର୍ବନିର୍ଦ୍ଧାରିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଲେ ଯେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଅର୍ଥନୈତିକ ସହଯୋଗ ବୃଦ୍ଧି ପାଇଁ ଓଡ଼ିଶା ସିଙ୍ଗାପୁର ସହ ସକ୍ରିୟ ଭାବେ ଯୋଗାଯୋଗ ରଖିଛି । ଆମେ ସିଙ୍ଗାପୁର ସହିତ ଦୀର୍ଘକାଳୀନ ସହଭାଗିତା ଚାହୁଁ ଯାହା ଉଭୟ ଦେଶର ପାରସ୍ପରିକ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବ । କଳିଙ୍ଗ ଯୁଦ୍ଧ ପରେ ଓଡ଼ିଶାରୁ ବୌଦ୍ଧଧର୍ମର ବହୁଳ ପ୍ରଚାରପ୍ରସାର ଆରମ୍ଭ ହୋଇ ଏହା ମଧ୍ୟପ୍ରାଚ୍ୟରୁ ଦୂରପ୍ରାଚ୍ୟ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଓଡ଼ିଶାରେ ଅନେକଗୁଡ଼ିଏ ବୌଦ୍ଧ କୀର୍ତିରାଜି ଏବଂ ସୁଦୀର୍ଘ ସମୁଦ୍ରତଟ ରହିଛି । ଏ କ୍ଷେତ୍ରରେ ସିଙ୍ଗାପୁର ସରକାର ନିବେଶ କରିବାକୁ ଶ୍ରୀ ସିଂହଦେଓ ପ୍ରସ୍ତାବ ଦେଇଥିଲେ । ବୈଠକରେ ହାଇକମିଶନର ମିଃ ୱାଙ୍ଗ୍ କହିଲେ ଯେ ଓଡ଼ିଶା ଏକ ନିବେଶ ଅନୁକୂଳ ରାଜ୍ୟ । ଆମେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାର ଯୋଜନା ରଖିଛୁ । ଆଲୋଚନା ପରିପ୍ରେକ୍ଷୀରେ ମିଃ ୱାଙ୍ଗ୍ କହିଲେ ଯେ ଆମେ ଓଡ଼ିଶାରେ ଅଦ୍ୟାବଧି ୧୫ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରିଛୁ ଏବଂ ଭାରତରେ ୧୬୦ ବିଲିୟନ୍ ନିବେଶ କରାଯାଇ ବିଭିନ୍ନ କ୍ଷେତ୍ରରେ ବିକାଶର ଧାରାକୁ ବଜାୟ ରଖିଛୁ । ପର୍ଯ୍ୟଟନ ଓ ବନ୍ଦର ଆଦି କ୍ଷେତ୍ରରେ ଆମେ ପୁଞ୍ଜିନିବେଶକୁ ଆଗକୁ ବଢ଼ାଇବାକୁ ଆଗ୍ରହୀ ବୋଲି ମିଃ ୱାଙ୍ଗ୍ ଉଲ୍ଲେଖ କରି ଏ ଦିଗରେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଥିଲେ । ଆଗାମୀ ଦିନରେ ପୁଞ୍ଜିନିବେଶ ପାଇଁ ସିଙ୍ଗାପୁରକୁ ଏକ ସହଯୋଗୀ ରାଷ୍ଟ୍ର ଭାବେ ନେବାକୁ ସେ ମନ୍ତ୍ରୀଙ୍କୁ ନିବେଦନ କରିବା ସହ ମନ୍ତ୍ରୀଙ୍କୁ ସିଙ୍ଗାପୁର ପରିଭ୍ରମଣରେ ଯିବା ପାଇଁ ଆମନ୍ତ୍ରଣ ଜଣାଇଥିଲେ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମିଃ ୱାଙ୍ଗ୍ ଙ୍କ ପ୍ରସ୍ତାବକୁ ସ୍ୱାଗତ କରିବା ସହ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ସିଙ୍ଗାପୁରର ସହଯୋଗ କାମନା କରିଥିଲେ । ଆଜିର ଏହି ବୈଠକରେ ମୋଟାମୋଟି ଭାବେ ଓଡ଼ିଶା-ସିଙ୍ଗାପୁରର ପୁଞ୍ଜିନିବେଶ ସଂପର୍କ, ରାଜ୍ୟର ଅର୍ଥନୈତିକ ବିକାଶ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ଜୀବନଧାରଣ ମାନ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା ।

# ରାୟଗଡ଼ାରେ ମ୍ୟାଲେରିଆର କାୟା ବିସ୍ତାର: ଆଶ୍ରମ ବିଦ୍ୟାଳୟର ଛାତ୍ର ହେଲେ ଦ୍ୱିତୀୟ ଶିକାର

ରାୟଗଡ଼ା, ୧୯/୦୭ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ ମାରାତ୍ମକ ହେଲାଣି ମ୍ୟାଲେରିଆ । ଜିଲ୍ଲାରେ ଦ୍ୱିତୀୟ ମୃତ୍ୟୁ ହୋଇଛି । ମୃତକ ରାୟଗଡ଼ା ବ୍ଲକ ବଡ଼ରାଇସିଂ ଆଶ୍ରମ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ର ଚାନ୍ଦୁ କଲକା (୧୧) ବୋଲି ସୂଚନା ମିଳିଛି । ଗୋଟିଏ ପଟେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଅନ୍ୟପଟେ ମୃତ୍ୟୁ ସଂଖ୍ୟା ବଢ଼ିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଚଳିତ ଶିକ୍ଷାବର୍ଷରେ ଆଶ୍ରମ ବିଦ୍ୟାଳୟରେ ଚାନ୍ଦୁ ନାଁ ଲେଖାଇଥିଲେ । ଗତ ୧୩ରେ ଚାନ୍ଦୁ ବିଦ୍ୟାଳୟକୁ ପ୍ରଥମକରି ଆସିଥିଲେ । ଦିନକ ପରେ ଅସୁସ୍ଥ ହୋଇଯିବାରୁ ରକ୍ତ ପରୀକ୍ଷା କରିବାରୁ ମ୍ୟାଲେରିଆ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା । ତୁରନ୍ତ ତାକୁ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନଆସିବାରୁ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସେନାପତି ଗତ୧୬ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଏହା ସତ୍ତ୍ୱେ ଚନ୍ଦୁର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଥିଲା । ତେଣୁ ଡାକ୍ତର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ରେଫର କରିଥିଲେ । ଗତ ୧୭ରେ କୋରାପୁଟରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜକୁ ରେଫର କରାଯାଇଥିଲା । ପ୍ରଧାନଶିକ୍ଷକ ଏକ ଆମ୍ବୁଲାନ୍ସ ଯୋଗେ ଗୁରୁବାର ଚାନ୍ଦୁକୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ମୃତ୍ୟୁ ହୋଇଥିବା ଖବର ମିଳିଛି । ଖବର ଲେଖାହେବା ବେଳକୁ ପ୍ରଧାନଶିକ୍ଷକ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଆଣୁଥିବା ଜଣାପଡିଛି । ଫୋନ୍ ନ ଉଠାଇବାରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କ ପ୍ରତିକ୍ରିୟା ମିଳିପାରିନି । କିଛିଦିନ ତଳେ ଦୁର୍ଗାପାଡୁ ଆଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କ ମ୍ୟାଲେରିଆରେ ମୃତ୍ୟୁ ହୋଇଥିଲା । ଜିଲ୍ଲାରେ ରହିଥିବା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି । ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ବିଶେଷ ଫରକ ପଡ଼ିନଥିବା ଦେଖିବାକୁ ମିଳିଛି ।

# ସରପଂଚଙ୍କ ମାର୍ଫତରେ ରାସନ ସାମଗ୍ରୀ ବଣ୍ଟନ ପାଇଁ ଦାବି

କେନ୍ଦ୍ରାପଡ଼ା, ୧୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଚକ୍ରୋଡା ପଚାୟତ ର ନରିଲୋ ଗ୍ରାମର ରାସନ କାର୍ଡ ଧାରୀମାନେ ତାଙ୍କ ରାସନ ସାମଗ୍ରୀ ସରପଂଚଙ୍କ ମାର୍ଫତରେ ପଂଚାୟତ ସୀମା ଭିତରେ ବଣ୍ଟନ କରିବା ପାଇଁ ଦାବି କରିଛନ୍ତି । ଏନେଇ ଗ୍ରାମର ସଲିଳ କୁମାର ନାୟକ, ବିଜୟ କୁମାର ଲେଙ୍କା, ସରୋଜକାନ୍ତ ଓଝା, ବଟକୃଷ୍ଣ ଜେନା, ଧିରେନ କୁମାର ଜେନା ପ୍ରମୁଖ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ନରିଲୋ ଗ୍ରାମରେ ଡିଲର ଥିବା ନଟବର ପ୍ରଧାନ ମୃତ୍ୟୁବରଣ କରିଥିବାରୁ ତାଙ୍କ ସ୍ଥାନରେ ତରାପୁର ର ଶରତ କୁମାର ଜେନାଙ୍କ ଠାରୁ ରାସନ ସାମଗ୍ରୀ ପାଇବାକୁ ସୂଚନା ଦେଇଥିଲେ । ମାତ୍ର ସେ ଅନ୍ୟ ସ୍ଥାନରେ ରାସନ ସାମଗ୍ରୀ ଦେବାକୁ କହୁ ଥିବାରୁ ହିତାଧିକାରୀ ମାନେ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ରାସନ ସାମଗ୍ରୀ ଗୁଡିକ ଚକ୍ରୋଡା ଗ୍ରାମ ପଂଚାୟତ ପରିସୀମା ଭିତରେ ସରପଂଚ ଙ୍କ ମାର୍ଫତରେ ବଣ୍ଟନ କରିବା ପାଇଁ ଦାବି କରିଛନ୍ତି ।

# ବିଦେଶରେ ବଢୁଛି ଶାଳପତ୍ର ଓ କେନ୍ଦୁପତ୍ରର ଚାହିଦା



ଆମ ଓଡ଼ିଶାର ଆଦିବାସୀ ଲୋକମାନେ କେନ୍ଦୁପତ୍ର ଏବଂ ଶାଳପତ୍ରରେ ପ୍ଲେଟ ତିଆରି କରି ବଜାରରେ ବିକି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ଏବେ ଓଡ଼ିଶା ବଜାରରେ ଏହାର ଚାହିଦା ଦିନକୁ ଦିନ ହ୍ରାସ ପାଇବାରେ ଲାଗଛି। ଅନ୍ୟପକ୍ଷରେ ବିଦେଶରେ ହୋଟେଲମାନଙ୍କରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ୟୁରୋପରେ ଏହି ଶାଳପତ୍ର ଓ କେନ୍ଦୁପତ୍ର ପ୍ଲେଟରେ ଚାହିଦା ଅଧିକ ରହିଥିବା ଜଣାପଡ଼ିଛି। ୟୁରୋପର ବହୁ ବଡ଼ ହୋଟେଲମାନଙ୍କରେ ଗ୍ରାହକମାନଙ୍କୁ ଏହି ପ୍ଲେଟ୍ ସାହାଯ୍ୟରେ ଖାଦ୍ୟ ପରଷି ଦିଆଯାଉଥିବା ଜଣାଯାଇଛି।

ଶାଳପତ୍ର ଓ କେନ୍ଦୁପତ୍ରରେ ପ୍ରସ୍ତୁତ ପ୍ଲେଟରୁ କୌଣସି ପ୍ରକାର ଖରାପ ବାସ୍ନା ଆସି ନଥାଏ। ଆଦିବାସୀମାନେ ଏସବୁ ଜଙ୍ଗଲରୁ ସଂଗ୍ରହ କରି ଆଣିଥାନ୍ତି ଓ ଅଳ୍ପ ଖର୍ଚ୍ଚରେ ପ୍ରସ୍ତୁତ କରିଥାନ୍ତି ଏହି ପ୍ଲେଟ। ଏହି ପ୍ଲେଟରେ ଖାଇବା ଦ୍ୱାରା ଭିନ୍ନ ଏକ ଆନନ୍ଦ ମିଳିଥାଏ। ତେଣୁ ଏହାର ଚାହିଦା ୟୁରୋପରେ ହୋଟେଲମାନଙ୍କରେ ବୃଦ୍ଧି ପାଇବାରେ ଲାଗିଛି। ବିଦେଶରେ ଏହାର ଚାହିଦା ବୃଦ୍ଧି ପାଇବା ଦ୍ୱାରା ଆଦିବାସୀମାନଙ୍କୁ ଏବେ ସେମାନଙ୍କ ପରିଶ୍ରମ ଅନୁସାରେ ଉପଯୁକ୍ତ ପାରିଶ୍ରମିକ ମିଳିଯାଉଛି ଓଡ଼ିଶାର ପ୍ରାୟ ୧୨୭ଟି ଗ୍ରାମର ୩୫୦୦ ଆଦିବାସୀ ମହିଳା ପ୍ରତ୍ୟେକ ମାସରେ ଏକ ଜର୍ମାନୀ କମ୍ପାନୀ ପାଇଁ ବହୁ ପରିମାଣରେ ଶାଳପତ୍ର ଓ କେନ୍ଦୁପତ୍ରରେ ପ୍ଲେଟ ପ୍ରସ୍ତୁତ କରି ବିକ୍ରୟ କରୁଥିବାର ଜଣାଯାଇଛି।

**ଓଡ଼ିଶାର୍ ପ୍ରାୟ ୧୨୭ଟି ଗ୍ରାମରେ୍ ୨୫୦୦ ଆଦିବାସୀ ମହିଳା ପ୍ରତ୍ୟେକ ମାସରେ୍ ଏକ ଜର୍ମାନୀ କମ୍ପାନୀକୁ ବହୁ ପରିମାଣରେ୍ ଶାଳପତ୍ର ଓ କେନ୍ଦୁପତ୍ର ପ୍ଲେଟ ବିକ୍ରୟ କରୁଥିବା ଜଣାଯାଇଛି।**

# ମା' ହେବାପରେ କର୍ମକ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱ ହ୍ରାସ ପାଏ



ଏକ ନୂତନ ଅଧ୍ୟୟନରୁ ଜଣାପଡିଛି କର୍ମଜୀବୀ ମହିଳାମାନେ ସନ୍ତାନ ପ୍ରସବର କିଛିଦିନ ପରେ କର୍ମକ୍ଷେତ୍ରରେ ଯୋଗଦେଲେ ସେମାନଙ୍କୁ ପୂର୍ବପରି ଆଉ ଗୁରୁତ୍ୱ ଦିଆଯାଏ ନାହିଁ । ଅବିବାହିତ କିମ୍ବା ସିଙ୍ଗଲ୍ ମହିଳାମାନଙ୍କୁ ସେମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଏ । ଏକ ଅଧ୍ୟୟନରୁ ଜଣାପଡିଛି ଅର୍ଦ୍ଧାଧିକ କର୍ମଜୀବୀ ମହିଳା ଏପରି ଅନୁଭବ କରିଥାନ୍ତି । ଏକ ତୃତୀୟାଂଶ ମହିଳା ସିଙ୍ଗଲ୍ କଲିଗ୍‌ମାନଙ୍କୁ ଈର୍ଷା କରିଥାନ୍ତି ବୋଲି ଜଣାଯାଇଛି । ୪୪ ପ୍ରତିଶତ ବିଶ୍ୱାସ କରନ୍ତି ମା' ହେବା ପରେ କର୍ମକ୍ଷେତ୍ରରେ ସେମାନଙ୍କୁ ନଜର ଅନ୍ଦାଜ କରିଦିଆଯାଏ । କେବଳ ଏତିକି ନୁହେଁ ଜୁନିୟର ମାନଙ୍କ ପ୍ରମୋଶନ କରିଦିଆଯାଇ ସେମାନଙ୍କ ପ୍ରମୋଶନ ବାତିଲ କରିଦିଆଯାଏ । ମା' ହେବାପରେ ଡ୍ରେସ୍ ଅପ୍ ବିଶେଷ ଭାବେ ପରିବର୍ତ୍ତନ ହୋଇଥାଏ ଯାହା ସେମାନଙ୍କ କର୍ମକ୍ଷେତ୍ରରେ ପ୍ରଭାବ ସୃଷ୍ଟି କରିଥାଏ । କିନ୍ତୁ ଆୱାର୍ଡ ଉଇନିଂ ପର୍ସନାଲ ଷ୍ଟାଇଲିଷ୍ଟ ଲିସା ଟାଲ୍‌ବଟ୍ କୁହନ୍ତି ୱାର୍କିଂ ମମ୍ ମାନେ ଷ୍ଟାଇଲ୍ ଓ ଫ୍ୟାଶନ ପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ୍ ଅର୍ଥାତ୍ ଏମାନେ ଏକ ୱାର୍କିଂ ୱାଡରୋବ୍ ସୃଷ୍ଟି କରିବା ଉଚିତ । ମା' ହେବାପରେ ମହିଳାଙ୍କ ଫିଗର ବଦଳି ଯାଉଥିବାରୁ ସେମାନେ ଫ୍ୟାଶନେବୁଲ୍ ଡ୍ରେସ୍ ଅପ୍ ହୋଇପାରନ୍ତିନି ଯାହା ତାଙ୍କ ଇମେଜକୁ ପ୍ରଭାବିତ କରିଥାଏ ଓ ଅପରପକ୍ଷେ ସେମାନଙ୍କୁ କର୍ମକ୍ଷେତ୍ରରେ ନଜର ଅନ୍ଦାଜ କରାଯାଇଥାଏ ।

# ଅଦା ଡ଼ିମ୍ବାଶୟ କର୍କଟ ରୋଗ ପାଇଁ ଉପକାରୀ

ଡ଼ିମ୍ବାଶୟ କର୍କଟ ରୋଗ ଭୋଗୁଥିବା ମହିଳାଙ୍କ ପକ୍ଷେ ଅଦା ନିୟମିତ ଖାଇବା ହିତକାରୀ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି । ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ଡ଼ିମ୍ବାଶୟର ଭୂମିକା ମହତ୍ତ୍ୱପୂର୍ଣ୍ଣ । କିନ୍ତୁ ଏହା ଯଦି ଦୈବାତ୍ କର୍କଟ ରୋଗରେ ଆକ୍ରାନ୍ତ ହୁଏ ତେବେ ଏହାର କାର୍ଯ୍ୟକାରିତା କମିଯାଏ ଓ ପ୍ରଜନନ ଜନିତ ନାନା ବାଧ ହୋଇଥାଆନ୍ତି । ଦ୍ୱିତୀୟ ପ୍ରଣାଳୀ ହେଉଛି ଅଟୋଫାଗି । ଏଥିରେ କର୍କଟ କୋଷାଗୁଡ଼ିକ ନିଜ ନିଜ ମଧ୍ୟରେ ଆକ୍ରମଣ ପୂର୍ବକ ନଷ୍ଟ ହୁଅନ୍ତି । ଉପରୋକ୍ତ କ୍ୟାନସର ସୋସାଇଟିର ଜଣେ ସଦସ୍ୟ ତଥା ଗବେଷକ ଡ଼ାକ୍ତର ଜେ. ରେବେକା ଲିଭ କହନ୍ତି, ଅଧିକାଂଶ ଡ଼ିମ୍ବାଶୟ କର୍କଟ ରୋଗୀଙ୍କୁ କ୍ଷେତ୍ରରେ ଆପୋଟୋସିସ୍ ଘଟିଥାଏ । ଯଦି ଅଦା



ସମସ୍ୟା ଉପୁଜେ, ଏପରିକି ଏହା ପ୍ରାଣହାନିର କାରଣ ହୁଏ । ମିଚିଗାନ ବିଶ୍ୱବିଦ୍ୟାଳୟର କମ୍ପ୍ରେହେନ୍‌ସିଭ କ୍ୟାନସର ସୋସାଇଟିର ଗବେଷକମାନେ ନିକଟରେ ଜାଣିବାକୁ ପାଇଛନ୍ତି ଯେ ଡ଼ିମ୍ବାଶୟ କର୍କଟ ରୋଗରେ ପୀଡ଼ିତ ମହିଳାମାନେ ସେମାନଙ୍କ ଦୈନନ୍ଦିନ ଖାଦ୍ୟରେ ଅଦା ସେବନ କଲେ ଏହି ରୋଗ କବଳରୁ ଆରୋଗ୍ୟ ହେବାର ସମ୍ଭାବନା ରହିଛି । କାରଣ ଏପରି କର୍କଟ ରୋଗର କୋଷଗୁଡ଼ିକୁ ନଷ୍ଟ କରିବାରେ ଅଦା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଗବେଷଣା କାଳରେ ଗବେଷକମାନେ ଅଦା ଓ ଅଦା ପାଉଡ଼ର ମଧ୍ୟ ପ୍ରୟୋଗ କରିଥିଲେ । ଉତ୍କୃଷ୍ଟ ମାନର ଅଦା ଚୂର୍ଣ୍ଣ ଦ୍ରବଣରେ ମିଳାଇ ଦିଆଯିବା ପରେ ଡ଼ିମ୍ବାଶୟ କର୍କଟ ସେଲ କଲଚର କ୍ଷେତ୍ରରେ ପ୍ରୟୋଗ କରାଯାଇଥାଏ । ଏହି ଦ୍ରବଣ ଡ଼ିମ୍ବାଶୟର କର୍କଟ କୋଷକୁ ନଷ୍ଟ କରିବା ଦେଖାଯାଇଥିଲା । ଗବେଷକମାନେ ଆହୁରି ଜାଣିବାକୁ ପାଇଥିଲେ ଅଦା ଦ୍ୱାରା କର୍କଟ ଆକ୍ରାନ୍ତ ଜୀବନ କୋଷ ଗୁଡ଼ିକର ମୃତ୍ୟୁ ଦୁଇ ପ୍ରକାରେ ଘଟୁଛି । ପ୍ରଥମଟି ହେଉଛି ଆପୋଟୋସିସ୍ । ଏହି ପ୍ରଣାଳୀରେ କର୍କଟ କୋଷଗୁଡ଼ିକ ଏକ ପ୍ରକାର ଆତ୍ମହତ୍ୟା କରିବାକୁ ଆପୋଟୋସିସ୍ ସାଙ୍ଗକୁ ଆଟୋଫାଗିକ କୋଷ ମୃତ୍ୟୁର କାରଣ ହୋଇ ପାରୁଛି ସେ କ୍ଷେତ୍ରରେ ପାରମ୍ପରିକ କେମୋଥେରାପି ଚିକିତ୍ସା ଆଉ ଦରକାର ପଡ଼େ ନାହିଁ । ଡ଼ିମ୍ବାଶୟ କର୍କଟ ରୋଗୀ ପ୍ରତ୍ୟହ ଆହାରରେ ସାମାନ୍ୟ ପରିମାଣର ଅଦା ସେବନ କରିପାରିବେ । ଯଦି ଚାହିଁବେ ଅଦା ବଟିକା ଖାଇପାରିବେ । ଅଦା ହେଉ ଅବା ଅଦା ବଟିକା ଏସବୁ ସେବନ ନିରାପଦ ଓ ଏଥିରେ କିଛି ପାର୍ଶ୍ୱପ୍ରତିକ୍ରିୟା ନଥାଏ । ଏ ପ୍ରକାର କର୍କଟ ରୋଗୀ ଆକ୍ରାନ୍ତ ଅଙ୍ଗରେ ପ୍ରଦାହ ବା ଏକ ପ୍ରକାରର ଜଳାପୋଡ଼ା ଅନୁଭବ କରିଥାଆନ୍ତି, କିନ୍ତୁ ଅଦା ସେବନ ଏହାକୁ ନିୟନ୍ତ୍ରିତ କରିଥାଏ । ୟୁନିଭରସିଟି ଅଫ୍ ମିଚିମାନ ମେଡ଼ିକାଲ ସ୍କୁଲର ଡ଼ାକ୍ତର ଜେନିଫର ରୋଡ଼େ କହନ୍ତି ଅଧିକାଂଶ ଡ଼ିମ୍ବାଶୟ କର୍କଟ ରୋଗୀଙ୍କ କ୍ଷେତ୍ରରେ ଆମେ ଦେଖିବାକୁ ପାଇଛୁ ଯେ ଅଦାସେବନ ଦ୍ୱାରା କର୍କଟ କୋଷଗୁଡ଼ିକର ଯେଉଁଳି ବିନାଶ ଘଟୁଛି ତାହା ପ୍ଲାଟିନମ୍ ଭିତ୍ତିକ କେମୋଥେରାପି ଚିକିତ୍ସା ତୁଳନାରେ ଅଧିକ । ଏଥିରୁ ଅଦା କିଭଳି ଏକ ଶକ୍ତିଶାଳୀ ଔଷଧ ତାହା ଜାଣି ହୋଇଥାଏ ।

# ୟଙ୍ଗ ରହିବାକୁ ଚାହାନ୍ତି

ବୟସ କମାଇବାକୁ ଚାହାନ୍ତି, ଡେଲି ଗୋଟିଏ ଅଁଳା ଖାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଥିରେ ରହିଛି ଭିଟାମିନର ଏକ ପ୍ରାକୃତିକ ସ୍ରୋତ। ଏହାକୁ ଆପଣ କଞ୍ଚା କିମ୍ବା ଜୁସ୍ କରି ବି ଖାଇପାରିବେ। କୁହାଯାଏ ପ୍ରତିଦିନ ଯଦି ଗୋଟିଏ ଅଁଳା ଖାଇବେ ଆପଣଙ୍କର ବହୁ ରୋଗ ଭଲ ହୋଇଯିବ। ଏହା ମଣିଷର ଆୟୁବି ବଢ଼ାଇଦେଇଥାଏ। ଏଥିରେ ଭିଟାମିନ ସି ଏବଂ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ କେଶର ପ୍ରାକୃତିକ ରଙ୍ଗ ଠିକ୍ ଠାକ ରଖିଥାଏ। ଅର୍ଥାତ୍ କେଶ ଧଳାହେବାକୁ ଦିଏ ନାହିଁ। ଏଥିସହିତ ଯେଉଁ ବ୍ୟକ୍ତିଙ୍କର ନାକରୁ ରକ୍ତ ପଡୁଥାଏ



ଅଁଳା ଖାଇବା ଦ୍ୱାରା ତାହା କମ୍ ହୋଇଯାଇଥାଏ। ଏଥିପାଇଁ ଶୁଖିଲା ଅଁଳାକୁ ରାତିରେ ଭିଜାଇ ସେହି ପାଣିରେ ମୁଣ୍ଡ ଧୋଇଲେ ଉପକାର ମିଳିଥାଏ। ଅଁଳା ରସକୁ ମଧ୍ୟ ନାକରେ ପକାନ୍ତୁ ଉପକାର ମିଳିବ। ଅଁଳାରେ ଭିଟାମିନ୍ ଏ ମଧ୍ୟ ଥାଏ। ଏହାକୁ ଖାଇଲେ ତ୍ୱଚା ୟଙ୍ଗ ଏବଂ ଟାଇଟ ରହିଥାଏ। ସକାଳୁ ଖାଲିପେଟରେ ଅଁଳା ଖାଇବା ବହୁତ ଭଲ। ଏକ ଷ୍ଟଡ଼ି ମୁତାବକ କେମିକାଲ କିମ୍ବା ଆଲକୋହଲ ଯୋଗୁଁ ଉପୁଜୁଥିବା ସମସ୍ୟାରୁ ଲିଭରକୁ ଅଁଳା ସୁରକ୍ଷା ଦେଇଥାଏ। ଅଁଳାରେ ହ୍ୟାଙ୍ଗୋଭର କମିଯାଇଥାଏ। ଅଁଳାରେ ଏଭଳି ଗୁଣ ରହିଛି ଯାହା ଶରୀରକୁ କ୍ୟାନସର ଠାରୁ ପ୍ରୋଟେକ୍ଟ କରିଥାଏ। ଏହା କ୍ୟାନ୍ସର ସୃଷ୍ଟିକାରୀ ସେଲ୍ସର ଗ୍ରୋଥକୁ କଣ୍ଟ୍ରୋଲ କରିଥାଏ। ଏହାବ୍ୟତୀତ କ୍ୟାନସର ଚିକିତ୍ସା ସମୟରେ ବା କେମୋ ଥେରାପି ପ୍ରଭାବକୁ କମ୍ କରିଥାଏ। ଏହା ଶରୀରର କଲେଷ୍ଟେରଲ ଲେବଲ କମ କରିଥାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର ଏବଂ ଆଇରନ ରହିଛି।

# ନିଦ ପାଇଁ ସରଳ ଉପାୟ

ନିକଟରେ ଫ୍ଲୋରିଡାର ଏକ ସଂସ୍ଥା ବିଶ୍ୱର ବିଭିନ୍ନ ରାଷ୍ଟ୍ରର ଲୋକଙ୍କୁ ଅନ୍ତର୍ଭୁକ୍ତ କରି ନିଦ୍ରାହୀନ ରୋଗୀଙ୍କ ସର୍ବେକ୍ଷଣ କରିଥିଲା। ସେମାନଙ୍କ ତଥ୍ୟରୁ ଜପଣାଡ଼ିଥିଲା, ପ୍ରତି ୧୫ଜଣରେ ୬ଜଣ ବ୍ୟକ୍ତି ନିଦ୍ରାହୀନତା ରୋଗର ଶିକାର ହେଉଛନ୍ତି। ଏମାନଙ୍କ ସଂଖ୍ୟା ସବଠୁ ଅଧିକ ନ୍ୟୁୟର୍କରେ। ତେବେ ମନୁଷ୍ୟ ଏବେ ଯନ୍ତ୍ରଚାଳିତ ମାନବରେ ପରିଣତ ହୋଇଛି। ସେଥିପାଇଁ ବୋଧହୁଏ ଏହି ପ୍ରକାର ରୋଗରେ ପୀଡ଼ିତ ହେଉଛି। ସୁନିଦ୍ରାର ଅନେକ ପ୍ରକାର ସରଳ ଉପାୟ ମଧ୍ୟ ଅଛି।

- ନିୟମିତ ଶାଗ ଖାଇଲେ ନିଦ ଭଲ ଭାବରେ ହୋଇଥାଏ। ଏହି କ୍ଷେତ୍ରରେ ପାଳଙ୍ଗ ଶାଗ ସବୁଠୁ ଅଧିକ କାର୍ଯ୍ୟକାରୀ ହୁଏ।
- ମ୍ୟାଗ୍ନେସିୟମ ଓ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଇଲେ ମଧ୍ୟ ନିଦ ଭଲହୋଇଥାଏ ବୋଲି ଆମେରିକୀୟ ଗବେଷକଙ୍କ ମତ।
- ଲଣ୍ଡନର ଏକ କମ୍ପାନୀ ତାର କର୍ମଚାରୀଙ୍କୁ ଦୈନିକ ଦ୍ୱିପ୍ରହର ଭୋଜନରେ ଲେଟୁସ୍ ପରିବା ଥିବା ଭୋଜନ ଉପଲବ୍ଧ କରାଯାଉଛି। ଏହା ସୁନିଦ୍ରାର ଅନ୍ୟ ଏକ ମାଧ୍ୟମ ବୋଲି ଜଣାପଡ଼ିଛି।
- ଜାପାନରେ ଏହାର ଚିକିତ୍ସା ଆରୋମାଥେରାପି ମାଧ୍ୟମରେ ହେଉଛି। କର୍ମଜୀବୀ ଯୁବତୀମାନେ ସ୍ତ୍ରୀ ମାଧ୍ୟମରେ ଏହା ସଂସ୍ପର୍ଶରେ ଆସୁଛନ୍ତି।
- ଏହା ସହ ପ୍ରତ୍ୟେକ ଯୋଗ ଓ ଧ୍ୟାନ କରିବା ଦ୍ୱାରା ମଧ୍ୟ ନିଦ୍ରାହୀନତା ରୋଗ ଦୂର ହୋଇଥାଏ।

# ବଢ଼ାନ୍ତୁ ସମସ୍ୟା ସମାଧାନ, ଦୃଢ଼ ନିଷ୍ପତ୍ତି ନେବାର ଦକ୍ଷତା



**ଛାତ୍ର ଜୀବନରେ ସମସ୍ୟା ସମାଧାନ କରିବା, କୌଣସି କାମ ପାଇଁ ଦୃଢ଼ ନିଷ୍ପତ୍ତି ନେବା ହେଉଛି ଏକ ବଡ଼ ଦକ୍ଷତା। ଏହି ଦୁଇଟି ଗୁଣ କେବଳ ଛାତ୍ର ଜୀବନ ନୁହେଁ ସାରା ଜୀବନ କାମରେ ଲାଗିଥାଏ।**

ଥରେ ଦୁଇଥର ନିଷ୍ପତ୍ତି ନେଇ ସଫଳ ହେଲେ ତା'ପରେ ଅଭିଜ୍ଞତା ଆଧାରରେ ସଠିକ୍ ନିଷ୍ପତ୍ତି ନେବା ଦକ୍ଷତାର ବିକାଶ ହୋଇଥାଏ।

ସମସ୍ୟା ସମାଧାନ ଓ ନିଷ୍ପତ୍ତି ଗ୍ରହଣ- ଏ ଦୁଇଟି ପରସ୍ପର ପରିପୂରକ। ସମସ୍ୟାର ସମାଧାନ ସହଜ ଉପାୟ ନିଷ୍ପତ୍ତି ନେବା ଉପରେ ନିର୍ଭର କରେ। ଆଉ ନିଷ୍ପତ୍ତି ନେବା ଗୁଣ ପରିଚାଳନା ଓ ନେତୃତ୍ୱ ନେବା ଦକ୍ଷତା ଉପରେ ସଂପୂର୍ଣ୍ଣ ନିର୍ଭର କରିଥାଏ। ଭାବପ୍ରବଣତା ଏହାର ବଡ଼ ଶତ୍ରୁ। ଛାତ୍ର ଯଦି ହୋମ ସିକ (ଘର-ପରିବାର ଆସକ୍ତ) ସେ କେବେବି ଏହି ଦୁଇଟି ଗୁଣର ଅଧିକାରୀ ହୋଇପାରିବେ ନାହିଁ। ହୋମସିକ ଗୁଣ ଭାବପ୍ରବଣତାକୁ ଡାକିଆଣେ। ଛାତ୍ରଛାତ୍ରୀଙ୍କ ପାଇଁ ଏସବୁ ଦୁର୍ବଳତା ମୁଣ୍ଡ ବିନ୍ଧାର କାରଣ ହୋଇଥାଏ। ଜୀବନରେ କିଛି କରିବାକୁ ହେଲେ, ବଡ଼ ହୋଇ କୌଣସି ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ଚାହୁଁଥିଲେ ଏସବୁ ଅବାଞ୍ଛିତ ଦୁର୍ବଳତାରୁ ନିଜକୁ ମୁକ୍ତ କରିବାକୁ ହେବ।

ତତ୍କାଳ ସମସ୍ୟା ସମାଧାନ କରିବା ଏବଂ ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି କରିବା ପାଇଁ ଅନେକ ପ୍ରକାର କୌଶଳ ଅଛି। ତେବେ ଅନେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ନିଷ୍ପତ୍ତି ନେବାର ଦକ୍ଷତା ପିଲାବେଳୁ ରହିଥାଏ। ଏହିଭଳି ପିଲା ବଡ଼ ହେବା ପରେ ନିଷ୍ପତ୍ତି ନେବା କ୍ଷେତ୍ରରେ ଆପେ ଆପେ ଦକ୍ଷ ହୋଇଯାଇଥାନ୍ତି। ଅନେକ ଛାତ୍ରଛାତ୍ରୀ ଭଲ ନିଷ୍ପତ୍ତି ନେଇପାରନ୍ତି ନାହିଁ। ମାତ୍ର ସେମାନଙ୍କ ମୂଲ୍ୟାଙ୍କନ (ଆକଳନ) କରିବା ଦକ୍ଷତା ବହୁତ ଭଲଥାଏ। ଏଭଳି ଛାତ୍ରଛାତ୍ରୀ ଚାହିଁଲେ ଭଲ ନିଷ୍ପତ୍ତି ନେଇପାରିବେ। ସ୍ପଷ୍ଟ କରି କହିଲେ ଯଦି ଜଣଙ୍କ ମଧ୍ୟରେ ଆକଳନ କରିବାର ଦକ୍ଷତା ଅଛି ସେ ବୁଝିବିଚାରି ନିଷ୍ପତ୍ତି ନେଇପାରିବେ।



ସମସ୍ୟା ସମାଧାନ କରିବା, ନିଷ୍ପତ୍ତି ନେବା ଏ ଗୁଣ ଦୁଇଟି ପ୍ରତିଭା ବା ମେଧାକୁ ଅପେକ୍ଷା ରଖେ। ଜଣେ ସେତିକି ପ୍ରତିଭାବନ ହୋଇ ନଥିଲେ ଏହି ଦୁଇ ଗୁଣରେ ଦକ୍ଷ ହୋଇପାରିବେ ନାହିଁ। କୌଣସି କିଛିକୁ ଚିହ୍ନଟ କରିବା ଏବଂ ତାକୁ ତା' ଭଳି ବିକଶିତ କରିବା ସହଜ କଥାନୁହେଁ। ସାଧାରଣ ଛାତ୍ରଛାତ୍ରୀଙ୍କ ମଗଜର ଏକଥା ସହଜରେ ପଶେନାହିଁ। ଏଥିପାଇଁ ମାନସିକସ୍ତରରେ ଖୁବ୍ ଏକ୍ସରସାଇଜ କରିବାକୁ ପଡ଼ିବ। କୌଣସି କ୍ଷେତ୍ରରେ ଭଲ ନିଷ୍ପତ୍ତିଟିଏ ନେବା ଆଉ ତାର ସଫଳ ରୂପାୟନ କରିବା ଏହା ଦରକାର କରେ ମେଧାର ବିକାଶ, ସୁଯୋଗର ଚିହ୍ନଟକରଣ, ବିଚାରଶୀଳତାର ସ୍ୱଷ୍ଟତା, ନିଷ୍ପତ୍ତିର ଦୃଢ଼ତା ଏବଂ ଶେହଜରେ ଏହାକୁ କାର୍ଯ୍ୟକାରୀ କରିବାର ଦକ୍ଷତା। ଏହିସବୁ ଗୁଣର ମେଧା ନଥିଲେ କେହି କେବେବି ହାସଲ କରିପାରିବେ ନାହିଁ। ଏହି କ୍ଷେତ୍ରରେ ଆପଣଙ୍କୁ ଅନ୍ୟ କେହି ଯେତେ ପ୍ରତିଭାଧାରୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି ସାହାଯ୍ୟ କରିପାରିବେ ନାହିଁ। ଏହାର କାରଣ ହେଉଛି ଜଣେ ଯେତେବେଳେ କୌଣସି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତି, କୌଣସି କିଛି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେବାକୁ ବାହାରନ୍ତି ସେ କେବଳ ନିଜ ମନର ବିକାଶ ତଥା ଅଭିଜ୍ଞତା ପରିମାପ ଅନୁଯାୟୀ ଏକଥା କରିଥାନ୍ତି। ଏସବୁ କ୍ଷେତ୍ରରେ କାହାର ସାହାଯ୍ୟ ନେବାକୁ ଅପେକ୍ଷା କରିବା ଅର୍ଥ ସମସ୍ୟାକୁ ଜଟିଳ କରିବା ଏବଂ ନିଷ୍ପତ୍ତିକୁ ଅଧାପନ୍ତରିଆ କରି ଛାଡ଼ିବା। ତେଣୁ ନିଜ ଭିତରେ ଏଥିପାଇଁ ଥିବା ଅନୁସର୍ଗିକ ଗୁଣଗୁଡ଼ିକର ବିକାଶ କରିବାକୁ ହିଁ ହେବ। ତେବେ ଯାଇ ଜଣେ ଭବିଷ୍ୟତରେ ପାରିବାରିକ, ସାମାଜିକ କ୍ଷେତ୍ରରେ ସଫଳ ହୋଇପାରିବ।

# ଗରମ ଭାତ ସହ ଖାଆନ୍ତୁ ଦହି ମାଛ



ଆବଶ୍ୟକ ସାମଗ୍ରୀ: ମାଛ, ଦହି, ଲୁଣ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଟମାଟୋ, ଅଦାରସୁଣ , ଦହି, ଗରମ ମସଲାଗୁଣ୍ଡ, ସୋରିଷ, ଜିରା, ଶୁଖିଲା ଲଙ୍କା, ଭୃଷଙ୍ଗ ପତ୍ର ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ରଖନ୍ତୁ। ଏହାପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଟମାଟୋ ପ୍ୟୁରି, ଅଦାରସୁଣ ପେଷ୍ଟ, ଦହି, ଗରମ ମସଲାଗୁଣ୍ଡ, ଓ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ମସଲା ଗୋଳା ମାଛକୁ ନାଲି ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ସେଥିରେ ସୋରିଷ, ଜିରା, ଶୁଖିଲା ଲଙ୍କା ଓ ଭୃଷଙ୍ଗ ପତ୍ର ପକାଇ ଛୁଙ୍କ ପ୍ରସ୍ତୁତ କରନ୍ତୁ। ଛୁଙ୍କ ଅଳ୍ପ ଥଣ୍ଡା ହେବା ପରେ ଦହିରେ ଗୋଳାଇ ଦିଅନ୍ତୁ। ଏହାପରେ ଦହି ଛୁଙ୍କକୁ ଭଜା ମାଛ ଉପରେ ପକାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଦହି ମାଛ । ଗରମ ଗରମ ଭାତ ସହ ଏହାର ମଜା ନେଇପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିକ୍ଷା 'ଗ୍ରହଣ'...

ଗତ କିଛି ସପ୍ତାହ ମଧ୍ୟରେ ଅନେକ କୋଳାହଳ ଓ ଉଚ୍ଚାଟ ସୃଷ୍ଟିକାରୀ ଘଟଣା ପ୍ରବାହରେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ଲୁଚିଯାଇଛି, ଯାହା ସମ୍ବିଧାନର ମୌଳିକ ଅଧିକାର ଦିଗକୁ ଇଙ୍ଗିତ କରୁଛି। ସ୍ୱାଧୀନ ମତପ୍ରକାଶ, ଜୀବନଧାରଣ, ସ୍ୱାସ୍ଥ୍ୟ ସେବା ପରି ଶିକ୍ଷାକୁ ମଧ୍ୟ ନାଗରିକଙ୍କ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିଛି ଆମ ସମ୍ବିଧାନ। ଯେତେବେଳେ ଏହି ନିର୍ଦ୍ଦିଷ୍ଟ ଅଧିକାର ପ୍ରସଙ୍ଗଟି ଶିଶୁ, କିଶୋର, ମହିଳା ଓ ଯୁବ ବର୍ଗ ସହିତ ଯୋଡ଼ି ହୋଇଯାଏ ସେତେବେଳେ ଏହା ଆହୁରି ସମ୍ବେଦନଶୀଳ ହୋଇଯାଏ। ଚଳିତ ବର୍ଷର ନିଟ୍-ୟୁଜି ପରୀକ୍ଷା ବିଭ୍ରାଟରୁ ଆରମ୍ଭ ହୋଇଥିବା ଶିକ୍ଷାଧିକାରର ଅଘଟଣ ଯେଉଁଭଳି ଭାବେ ଆଉ କେତେକ ପରୀକ୍ଷା କ୍ଷେତ୍ରକୁ ବ୍ୟାପିଛି ଏବଂ ଏ ବିଭ୍ରାଟର ପ୍ରମାଣମାନ ମିଳିବାରେ ଲାଗିଛି ସେଥିରୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଯେ ସମ୍ବିଧାନ ପ୍ରଦତ୍ତ ଏହି ମୌଳିକ ଅଧିକାରଟି ସୁରକ୍ଷିତ କି? ନିଟ୍-ୟୁଜି ପରୀକ୍ଷା ବିଭ୍ରାଟ, ଏହାର କାରଣ ଓ ନିରାକରଣ ବିଷୟରେ ଅନେକ କିଛି ଲେଖାଯାଇଛି, ମତାମତ ପ୍ରକାଶ ପାଇଛି। ନିଟ୍-ୟୁଜି ପରୀକ୍ଷା ଫଳ ପ୍ରକାଶନ ପରେ ଏହାର ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଉଠିଥିବା ଅଭିଯୋଗ ଧୀରେ ଧୀରେ ସତ ସାବ୍ୟସ୍ତ ହେବାରେ ଲାଗିଛି। ପ୍ରଶ୍ନ ପତ୍ର ପ୍ରଘଟର ମୁଖ୍ୟ କାର୍ପଟ୍‌ଦାର ଗିରଫ ହେବା, ଏନ୍‌ଟିଏ ବାକ୍ସରୁ ସମ୍ପୃକ୍ତ ଇଞ୍ଜିନିୟର ପ୍ରଶ୍ନପତ୍ର ଚୋରି କରିଥିବା ଅଭିଯୋଗରେ ଗିରଫ ହେବା ପରେ ନିଟ୍ ପରୀକ୍ଷା ଅନିୟମିତତା ପଛରେ ଏକ ବଡ଼ ଧରଣର ରାକେଟ୍ କାର୍ଯ୍ୟ କରୁଥିବା ଅଭିଯୋଗ ଦୃଢ଼ ହେଉଛି। ଏହି ମାମଲାରେ ରାଜ୍ୟ ହାଇକୋର୍ଟମାନଙ୍କରେ ପଞ୍ଜୀକୃତ ହୋଇଥିବା ମାମଲା ସୁପ୍ରିମକୋର୍ଟକୁ ସ୍ଥାନାନ୍ତରିତ ହୋଇଛି ଏବଂ ଆସନ୍ତା ୧୮ ତାରିଖରେ ଏହାର ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ପ୍ରସଙ୍ଗ ବର୍ତ୍ତମାନ ଅଦାଲତରେ ଥିବାରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କିଏ କେଉଁ ପ୍ରକାର ଦଣ୍ଡିତ ହେବ, କାହାକୁ ଉତ୍ତରଦାୟୀ କରାଯିବ, ପରୀକ୍ଷା ଫଳର ବୈଧତା କାଠଗଡ଼ାକୁ ଯିବ କି ନାହିଁ, ପରୀକ୍ଷାର୍ଥୀଙ୍କୁ କିଭଳି ନ୍ୟାୟ ମିଳିବ, ସେ ସବୁ ବିଚାରପତିମାନଙ୍କ ରାୟ ଉପରେ ନିର୍ଭର କରୁଛି। ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଛି। କିନ୍ତୁ ଏହାଦ୍ୱାରା ଯେଉଁ ମେଧାବୀଙ୍କ ଭାଗ୍ୟ ଓ ଭବିଷ୍ୟତ ପ୍ରଭାବିତ ହୋଇଛି ସେମାନଙ୍କୁ ନ୍ୟାୟ କିପରି ମିଳିବ ତାହା ଏକ ବିରାଟ ପ୍ରଶ୍ନ। ଡାକ୍ତରୀ ପାଠ ଭଳି ଉଚ୍ଚାକାଂକ୍ଷୀ, ତୀବ୍ର ପ୍ରତିଯୋଗିତାଭିତ୍ତିକ, ବ୍ୟୟବହୁଳ, କଷ୍ଟ ଓ ଅଧ୍ୟବସାୟପୂର୍ଣ୍ଣ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ କୋମଳମତି ଛାତ୍ରଛାତ୍ରୀ ଓ ଅଭିଭାବକମାନେ କେତେ ଯେ ମାନସିକ ଚାପରେ ରୁହନ୍ତି, ତାହା କେବଳ ଜଣେ ଅନୁଭବୀ ହିଁ ବର୍ଣ୍ଣନା କରିପାରିବେ। ତୀକ୍ଷ୍ଣ ପ୍ରତିଯୋଗିତା, ଯେଉଁଠାରେ ଗୋଟିଏ ପର୍ସେଣ୍ଟାଇଲ୍ ପଏଣ୍ଟରେ ହଜାର ହଜାର ଛାତ୍ରଙ୍କ ଭାଗ୍ୟ ଲଟକି ରହେ, ସେଥିରେ ସୀମିତ ସଂଖ୍ୟକ ଡାକ୍ତରୀ କଲେଜ୍ ସିଟ୍‌ରେ ପାଠ ପଢ଼ିବା ପାଇଁ ସୁଯୋଗ ମିଳିବା ନିଶ୍ଚୟ ଭାଗ୍ୟର କଥା। କିନ୍ତୁ ଚଳିତ ବର୍ଷ ନିଟ୍-ୟୁଜିରେ ଯେଭଳି ଅନିୟମିତତା ଓ ଅସ୍ୱଚ୍ଛତା ଘଟଣା ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି ସେଥିରେ ଯେ ଗରିବ ମେଧାବୀମାନଙ୍କ ଭାଗ୍ୟ ଓ ଭବିଷ୍ୟତ ପ୍ରଭାବିତ ହୋଇନଥିବ ତାହା ନିଶ୍ଚିତ କରିହେବ କି? ପ୍ରଶ୍ନପତ୍ର ପ୍ରଘଟ ପଛର ମାଷ୍ଟର ମାଇଣ୍ଡକୁ ଇତିମଧ୍ୟରେ ଗିରଫ କରାଯାଇଥିଲେ ହେଁ ନିର୍ଦ୍ଦିଷ୍ଟ ଭାବେ କେଉଁ ପରୀକ୍ଷାର୍ଥୀ ଏହାର ଲାଭ ପାଇଛନ୍ତି ତାହା ନିଶ୍ଚିତ କରାଯିବାର ସମ୍ଭାବନା ନଥିବାରୁ ଅସାଧୁ ପରୀକ୍ଷାର୍ଥୀଙ୍କ ଯୋଗୁଁ ଯେଉଁ ମେଧାବୀମାନେ କ୍ଷତିଗ୍ରସ୍ତ ହୋଇଥିବେ ତାହାର ସମାଧାନ କିପରି ହେବ? କେବଳ ଏହି ଗୋଟିଏ/ଦୁଇଟି ପ୍ରଶ୍ନ ନୁହେଁ, ଗତ କିଛି ସପ୍ତାହ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଏଭଳି ଆହୁରି କିଛି ଘଟଣା ଘଟିଯାଇଛି, ଯାହା ନିଶ୍ଚିତ ଭାବେ ଶିକ୍ଷା ପାଇଁ ଅନୁକୂଳ ନୁହେଁ ବୋଲି କହିବାକୁ ହେବ। ନିଟ୍ – ୟୁଜି ପରେ ନିଟ୍-ପିଜି ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ୍ କରାଗଲା। ସେହିଭଳି ଯେଉଁମାନେ ୟୁଜିସି ନେଟ୍ ପରୀକ୍ଷା ଦେଇସାରିଥିଲେ ସେମାନଙ୍କୁ ମଧ୍ୟ ଫଳରୁ ନିରାଶ ହେବାକୁ ପଡ଼ିଲା। ପରୀକ୍ଷା ଦେବା ପୂର୍ବରୁ ବାତିଲ୍ ହେବା ଏବଂ ପରୀକ୍ଷା ଦେଇସାରି ଫଳପ୍ରକାଶନ ବାତିଲ୍ ହେବା ଭିତରେ ବହୁ ପାର୍ଥକ୍ୟ ରହିଛି। ପରୀକ୍ଷା ଦେଇ ମଧ୍ୟ ଫଳ ହରାଇଥିବା ହତଭାଗ୍ୟ ପରୀକ୍ଷାର୍ଥୀଙ୍କୁ କର୍ତ୍ତୃପକ୍ଷ ହୁଏତ ଆଉଥରେ ବିନା ଦେୟରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେଇପାରନ୍ତି। କିନ୍ତୁ ଦୁଇଟି ଭିନ୍ନ ସମୟରେ ଭିନ୍ନ ସ୍ଥିତିରେ ଜଣେ ପରୀକ୍ଷାର୍ଥୀର ମାନସିକ ସ୍ଥିତି ଓ ମେଧାସ୍ତର ଆଦୌ ସମାନ ରହିବ ନାହିଁ ବୋଲି ମନସ୍ତତ୍ତ୍ୱବିତ୍‌ମାନେ ପ୍ରମାଣ କରିସାରିଛନ୍ତି। ଏହି ପୃଷ୍ଠଭୂମିରେ ବାତିଲ୍ ହୋଇଥିବା ୟୁଜିସି ନେଟ୍ ପରୀକ୍ଷାରେ ଯେଉଁମାନେ କୃତକାର୍ଯ୍ୟ ହୋଇଥା'ନ୍ତେ ସେମାନେ ସାନି ପରୀକ୍ଷାରେ ସଫଳତା ଦୋହରାଇବା ସମ୍ଭାବନା କମ୍।

## ବଜେଟର ହାଲୁଆ ଏବଂ ହାଲୁଆର ବଜେଟ



### ଗୋପାଳ ମହାପାତ୍ର

ଭାରତ ଏକ ଅଜବ ଦେଶ। ଏଠି ସବୁକିଛି ଅଜବ ଯାହା ବିଶ୍ୱର ଅନ୍ୟ କୌଣସି ଦେଶରେ ହୋଇନଥାଏ। ଭାରତରେ ସରକାର ବଜେଟ ଆଗତ କରିବା ପୂର୍ବରୁ ଏକ ଉତ୍ସବ ବା ସମାରୋହ କରିଥାନ୍ତି ଯାହାକୁ ହାଲୁଆ ସେରିମନି କୁହାଯାଏ। ଏହି ହାଲୁଆ ସେରିମନି ବାବଦରେ ଖୋଜିଲେ ବି କିଛି ତଥ୍ୟ ମିଳେନାହିଁ, କିନ୍ତୁ ଏହା ପଛରେ କଂଗ୍ରେସ ରହିଛି ବୋଧହୁଏ। କାରଣ ଆଜିର ଭାରତ ୨୦୧୪ ପରର ଭାରତ ବୋଲି ଏବେ କୁହାଯାଉଛି! ଆଜିର ଭାରତରେ ରେଳଷ୍ଟେସନ, ସହର ଏବଂ ଆଇନ୍‌ର ନାମ ପରିବର୍ତ୍ତନ କରିଦିଆଯାଉଛି କିନ୍ତୁ ହାଲୁଆ ସେରିମନି ଏ ପର୍ଯ୍ୟନ୍ତ ନଜରକୁ ଆସିନାହିଁ। ଭାରତର ହାଲୁଆ ଏବଂ ବଜେଟ ସାଧାରଣ ଲୋକଙ୍କ ପାଇଁ ହିଁ ପ୍ରସ୍ତୁତ କରାଯାଏ। ସବୁଠାରୁ ଶସ୍ତା ଏବଂ ସୁଲଭ ମିଷ୍ଟାନ୍ନ ଅଟେ। ଏହା ଗାଁ ଠାରୁ ସହର ସବୁଠି ଲୋକପ୍ରିୟ। ଧନୀ-ଗରୀବ ସମସ୍ତେ ହାଲୁଆକୁ ପସନ୍ଦ କରିଥାନ୍ତି। ବୋଧହୁଏ ଇଂରେଜ ମାନେ ହାଲୁଆକୁ ପସନ୍ଦ କରୁଥିଲେ। ହାଲୁଆର ଲୋକପ୍ରିୟତା କଳାନ୍ତରରେ ଏତେ ବଢ଼ିଛି ଯେ ଏହି ଶବ୍ଦକୁ ମଧ୍ୟ ଅନ୍ୟ କେତେକ ଅର୍ଥରେ ବ୍ୟବହାର କରାଯାଉଛି। ହାଲୁଆ ପ୍ରସ୍ତୁତ କରିବା ଏକ ଖାସ୍ କଳା ଅଟେ। ଗୁରୁଦ୍ୱାରରେ ମଧ୍ୟ ହାଲୁଆ ଭୋଗ କରାଯାଏ। କିନ୍ତୁ ଗୁରୁଦ୍ୱାରରେ ହାଲୁଆକୁ କଡ଼ା-ପ୍ରସାଦ ବୋଲି କୁହାଯାଏ। ହାଲୁଆ ଯେତେ ବେଳେ ପ୍ରସାଦ ହୋଇଥାଏ ସେତେବେଳେ ଆମ୍ଭକୁ ଶାନ୍ତି ଦେଇଥାଏ, କିନ୍ତୁ ଯେତେବେଳେ ହାଲୁଆ ବଜେଟ ହୋଇଥାଏ, ତାହା ସବୁବେଳେ ମିଠା ବା ସମସ୍ତଙ୍କୁ ସୁହାଇ ନଥାଏ।

ହାଲୁଆର ଉତ୍ପତ୍ତି ବିଦେଶରେ ହୋଇଥିବାର ଜଣାପଡ଼େ। ଏହା ବ୍ୟାପକ ଭାବେ ମଧ୍ୟ ପୂର୍ବରେ ପରିବ୍ୟାପ୍ତ। ହାଲୁଆ ସାଧାରଣତଃ ଅଟା, ସୁଜି, ଘିଅ ଓ ଶର୍କରାରେ (ଚିନି) ପ୍ରସ୍ତୁତ ହୋଇଥାଏ। ଏଥିରେ କାଜୁ, କିସମିସ୍ ଭଳି କେତେକ ଜିନିଷ ମଧ୍ୟ ମିଶ୍ରିତ ହୋଇଥାଏ। କିନ୍ତୁ ଏବେ ତ ସବୁକଥାରେ ହାଲୁଆ (ଏହି ଶବ୍ଦ ଏକ ବିଶ୍ଳେଷଣ ଭାବେ ବ୍ୟବହୃତ ହୋଇଥାଏ) ହେଉଛି ଯାହା ବଜେଟ ହାଲୁଆ ଠାରୁ ଭିନ୍ନ। ହାଲୁଆ ଏବେ ପାରିବାପଣିଆ ଓ ବ୍ୟବସ୍ଥା ପାଲଟି ଯାଇଛି। ଯାହାର ଯେତିକି ପାରିବା ପଣିଆ ତାର ସେତିକି ହାଲୁଆ। ମଠର ଅଲଗା, ମନ୍ଦିରର ଅଲଗା ଏବଂ କର୍ତ୍ତବ୍ୟପଥରେ ଭିନ୍ନ କିସମର ହାଲୁଆ। ମୁମ୍ବାଇ ବାଲାଙ୍କ ହାଲୁଆ ସବୁଠାରୁ ଅଲଗା। ଭାଇ ଅନନ୍ତଙ୍କ ବିବାହ ଉତ୍ସବରେ କେଉଁ ପ୍ରକାରର ହାଲୁଆ ପ୍ରସ୍ତୁତ ହୋଇଥିଲା ତାହା ସମସ୍ତଙ୍କୁ ଜଣାନାହିଁ। ଏଇ ଅଧିବେଶନରେ ଆଗତ ହେବାକୁ ଥିବା ବଜେଟର ହାଲୁଆ ସମାରୋହ ନର୍ଥବ୍ଲକ୍‌ରେ ସମ୍ପନ୍ନ ହୋଇଯାଇଛି। ସାଧାରଣ ବଜେଟର ହାଲୁଆ କୁ କିଏ ପ୍ରସ୍ତୁତ କରିଥିଲା ତାହା ଆମକୁ ଜଣାନାହିଁ, କିନ୍ତୁ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ବଜେଟର ହାଲୁଆ ନିଜ ମନ୍ତ୍ରାଳୟର ଅଧିକାର ଓ କର୍ମଚାରୀ ମାନଙ୍କୁ ପରିବେଷଣ କରିଛନ୍ତି ନିଶ୍ଚୟ। ଏଇ ନର୍ଥ ବ୍ଲକରେ ବଜେଟ ଛାପିବା ପାଇଁ ପ୍ରିଣ୍ଟିଂ ମେସିନ ଲାଗିଛି। କାରଣ ହେଉଛି ବଜେଟ ଆଗତ ପୂର୍ବରୁ ଯେମିତି ଲିକ୍ ହୋଇନଯିବ। ବଜେଟ ଲିକ୍ ହେଉ ବା ନ ହେଉ ଏଥିରେ କୌଣସି ଫରକ ନାହିଁ। ଫରକ୍ ହେଉଛି ହାଲୁଆର ମିଠା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ କି ନାହିଁ? ଦେଶର କଂଗ୍ରେସ ଦୀର୍ଘବର୍ଷ ଧରି ବଜେଟର ହାଲୁଆ କରିଛି। ଏବେ ୧୦ ବର୍ଷ ହେଲା ବିଜେପି ମଧ୍ୟ ଏହି କାମ କରୁଥିଲା। ଏଥରର ବଜେଟରେ ବିଜେପି ସହ ଟିଡ଼ିପି ଏବଂ ଜନତାଦଳ (ୟୁ) କୁ ହାଲୁଆ କରିବାର ସୌଭାଗ୍ୟ ମିଳିଛି।

କୌଣସି ବି ସରକାର ହେଉ ବଜେଟରେ ହାଲୁଆ କରିବା ତାର ଜନ୍ମସିଦ୍ଧ ଅଧିକାର। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ପାଖରେ ହାଲୁଆ ପ୍ରସ୍ତୁତ କରିବାର କୌଣସି ଉପାଧି ନାହିଁ କିନ୍ତୁ ବିଜେପି ସରକାର ପାଇଁ ସେ ସବୁଠୁ ଅଧିକ ଥର ବଜେଟ ହାଲୁଆ ପ୍ରସ୍ତୁତ କରିଛନ୍ତି। ନିର୍ମଳା ସୀତାରମଣ ପଛ ଦୁଆର ଦେଇ (ରାଜ୍ୟସଭା) ରାଜନୀତିକୁ ଆସିଛନ୍ତି ହେଲେ ଅଧିକଥର ହାଲୁଆ ପ୍ରସ୍ତୁତ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ବିଜେପିର ସବୁଠାରୁ ସୌଭାଗ୍ୟଶାଳୀ ଅର୍ଥମନ୍ତ୍ରୀ। ବିଡ଼ମ୍ବନା ହେଉଛି ତାଙ୍କ ହାଲୁଆ (ବଜେଟ) ପ୍ରସ୍ତୁତ ଉପରେ କାହାର ସନ୍ଦେହ ନଥିଲେ ମଧ୍ୟ ତାଙ୍କ ପତିଙ୍କର ସନ୍ଦେହ ରହିଛି। ବିଜେପି ସରକାର ମଝିରେ ତାଙ୍କୁ ହାଲୁଆ ପ୍ରସ୍ତୁତିର ଦାୟିତ୍ୱରୁ ମୁକ୍ତ କରି ଦେଶର ପ୍ରତିରକ୍ଷା ଓ କର୍ପୋରେଟ ଦାୟିତ୍ୱ ମଧ୍ୟ ଦେଇଥିଲେ କିନ୍ତୁ ଅନ୍ୟ ଅର୍ଥମନ୍ତ୍ରୀ ଯେତେବେଳେ ଠିକ୍ ଢଙ୍ଗରେ ହାଲୁଆ ପ୍ରସ୍ତୁତ କରିପାରିନଥିଲେ ସେତେବେଳେ ପୁଣି ତାକୁ ଅର୍ଥମନ୍ତ୍ରୀ କରାଯାଇ ହାଲୁଆ ପ୍ରସ୍ତୁତିର ଦାୟିତ୍ୱ ଦିଆଯାଇଥିଲା।

ଦେଶରେ କୌଣସି ବି ଦଳ ସରକାରରେ ରୁହନ୍ତୁ ନା କାହିଁକି ଦେଶର ସାଧାରଣ ଲୋକ ବା ଜନତାଙ୍କୁ ବଜେଟ ହାଲୁଆ ସନ୍ତୁଷ୍ଟ କରିପାରେ ନାହିଁ। ଅର୍ଥାତ୍ ସବୁ ଲୋକଙ୍କ ଆଶା ହାଲୁଆ ପୁରଣ କରିପାରେ ନାହିଁ। କିନ୍ତୁ ଏଥର ଦେଶର ସବୁ ବର୍ଗର ଲୋକଙ୍କର ଅନେକ ଆଶା ରହିଛି। ଆଗାମୀ ବଜେଟକୁ ନେଇ ଲୋକେ ଆଶା କରୁଛନ୍ତି ଯେ ଏଥର ସେମାନଙ୍କୁ କିଛି ଆଶ୍ୱସ୍ତି ମିଳିବ। ଯେହେତୁ ଏହି ବଜେଟ ସାଧାରଣ ନିର୍ବାଚନ ପରର ପ୍ରଥମ ବଜେଟ ଏଣୁ ବଜେଟ ମହତ୍ୱପୂର୍ଣ୍ଣ ହୋଇପାରେ। ସରକାର ଉପରେ ବଜେଟକୁ ମିଠା (ସମସ୍ତଙ୍କ ଉପଯୋଗୀ) କରିବା ପାଇଁ ମଧ୍ୟ ଚାପ ରହିଛି। ସରକାରଙ୍କ ଆଗରେ ଆଗାମୀ ଦିନରେ ହେବାକୁ ଥିବା କିଛି ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟ ରହିଛି। ଏଣୁ ସରକାର ଭୋଟବ୍ୟାଙ୍କକୁ ଆକର୍ଷିତ କରିବା ପାଇଁ ବଜେଟରେ କିଛି ଘୋଷଣା କରିବେ ବୋଲି ଆଶା କରାଯାଉଛି। ଚାକିରିଆଙ୍କ ଠାରୁ ମହିଳା, କୃଷକ, ଟିକସଦାତା ଏବଂ ଯୁବବର୍ଗ ମଧ୍ୟ ବଜେଟର ତାଙ୍କ ପାଇଁ କିଛି ରହିବ ବୋଲି ଆଶା ରଖିଛନ୍ତି। ସମସ୍ତେ ଆଶା ରଖିଛନ୍ତି ନିର୍ମଳା ସୀତାରମଣଙ୍କ ୨୦୨୪-୨୫ର ବଜେଟରେ କିଛି ଘୋଷଣା ନିଶ୍ଚୟ କରିବେ। ବଜେଟ ହାଲୁଆର ସ୍ୱାଦ କେମିତି ହେବ ତାହା ବଜେଟ ଆଗତ ପରେ ଜଣାପଡିବ। ବିଜେପି ସରକାରର ନୂଆ ବଜେଟ ଯେମିତି ହେଉନା କାହିଁକି ଏହାର ରଙ୍ଗ ନିଶ୍ଚିତ ଭାବେ ଗେରୁଆ ହୋଇଥିବ। ଦେଶର ଗେରୁଆ କରଣ ଚାଲି ଥିବା ବେଳେ ବଜେଟର ରଙ୍ଗ ଏଥିରୁ ଭିନ୍ନ ହେବ କେମିତି?


ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪


## ବଜ୍ର ନିରୋଧକ ତାଳଗଛ



### ସୌଭାଗ୍ୟ ରଂଜନ ମହାନ୍ତି

ଏବେ ଯେଭଳି ପ୍ରାକୃତିକ ବିପର୍ଯ୍ୟାୟ ଏବଂ ବଜ୍ରପାତ ବୃଦ୍ଧି ପାଉଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ। କେବଳ ବଜ୍ରପାତ ସଂଖ୍ୟା ବୃଦ୍ଧି ପାଇନାହିଁ, ତା' ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି 'କ୍ଲାଇମେଟ ରେସିଲିଏଂଟ ଅବଜର୍ଭିଂ ସିଷ୍ଟମ ପ୍ରମୋସନ କାଉନସିଲ' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨-୨୩ବର୍ଷରେ ସମଗ୍ର ଦେଶରେ ୨୦ ନିୟତରୁ ଅଧିକ ଥର ବଜ୍ରପାତ ହୋଇଥିବାବେଳେ ଓଡିଶାରେ ୬ଲକ୍ଷରୁ ଅଧିକ ଥର ବଜ୍ରପାତ ହୋଇଥିଲା। ନିକଟରେ କୋରାପୁଟରେ ମାତ୍ର ୩୦ମିନିଟ୍ ମଧ୍ୟରେ ୪୫ହଜାରରୁ ଅଧିକ ଥର ଘନଘନ ବଜ୍ରପାତ ହୋଇଥିବା ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା। ସେହିପରି ରାଜ୍ୟରେ ବଜ୍ରପାତରେ ବାର୍ଷିକ ପ୍ରାୟ ୫୦୦୦ରୁ ଅଧିକ ଲୋକଙ୍କର ଜୀବନ ଯାଉଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ବଜ୍ରପାତ ଜନିତ ମୃତ୍ୟୁକୁ ସମୀକ୍ଷା କଲେ ଦେଖାଯାଏ ଯେ, ସହରାଚଂଳ ତୁଳନାରେ ଗ୍ରାମାଚଂଳରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ୯୦ପ୍ରତିଶତ ଅଧିକ। ବିଶେଷ କରି ବିଲ ବାଡିରେ କାମ କରୁଥିବା, ଖେଳପଡିଆରେ ଖେଳୁଥିବାବେଳେ ବଜ୍ରପାତରେ ଅଧିକାଂଶଙ୍କ ମୃତ୍ୟୁ ଘଟୁଛି। ଚଳିତ ବର୍ଷ ଆମ ରାଜ୍ୟରେ ବଜ୍ରପାତ ଜନିତ ମୃତ୍ୟୁ ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ ଭାବେ ବଢୀଚାଲିଛି। ତେବେ ସବୁଠୁ ଚିନ୍ତାଜନକ ଘଟଣା ହେଉଛି, ଖୋଲାସ୍ଥାନରେ ବଜ୍ରପାତ ମୃତ୍ୟୁ ଅଧିକ। ପରିବେଶ ବିଜ୍ଞାନୀଙ୍କ ମତରେ ବଜ୍ରପାତକୁ ସାଧାରଣତଃ ଡେଙ୍ଗା ପ୍ରଜାତିର ଗଛ ପ୍ରତିରୋଧ କରିଥାଏ। ଏବେ ବିକାଶ ନାମରେ ମଣିଷ ଡେଙ୍ଗା ପ୍ରଜାତିର ଗଛ ବିଶେଷ କରି ତାଳ ନଡିଆ ସହ ବିଭିନ୍ନ ବୃହତକାୟ ଗଛ, ବାଡି ବଗିଚା ଓ ଜଙ୍ଗଲକୁ କାଟି ଧ୍ୱଂସ କରିଦେବା ଯୋଗୁଁ ଖୋଲା ସ୍ଥାନରେ ବ୍ରଜପାତ ଅଧିକ ହେବା ସ୍ୱାଭାବତକ। ତାର ପରିଣତି ସ୍ୱରୂପ ବିଲବାଡିରେ କାମ କରୁଥିବା ଶ୍ରମିକ, ଖୋଲାପଡିଆରେ ଖେଳୁଥିବା ପିଲା, ଦେଖଣାହାରୀ, ରାସ୍ତାରେ ଯାଉଥିବା ପଥିକଙ୍କ ଜୀବନ ନେଉଛି। ବିଜ୍ଞାନୀଙ୍କ ମତରେ ତାଳଗଛ'ର ବଜ୍ରପାତ ପ୍ରତିରୋଧକ ଶକ୍ତି ଅଧିକ ରହିଛି। ଯାହାଫଳରେ ଅତୀତରେ ବଜ୍ରପାତ ଜନିତ ମୃତ୍ୟୁ ଅତି ନଗଣ୍ୟ ରହିଥିଲା। ଅନ୍ଧବିଶ୍ୱାସ ଓ ବିକାଶ ଆଳରେ ତାଳଗଛ କଟା ଏବଂ ବାତ୍ୟା ପ୍ରଭାବରେ ତାଳଗଛ ଏକ ପ୍ରକାର ବିଲ, ବାଡିରୁ ଉଭାନ ହୋଇଯିବା ଯୋଗୁଁ ବଜ୍ରପାତ ସିଧାସଳଖ ଆଜି ଖୋଲାସ୍ଥାନରେ ପଡୁଥିବା କୁହାଯାଏ। ତେବେ ବଜ୍ରପାତ ଜନିତ ମୃତ୍ୟୁକୁ ରୋକିବା ଲାଗି ରାଜ୍ୟସରକାର ତାଳଗଛ କଟା ଉପରେ ନିଷେଧ ଦେଶ ଜାରି କରିବା ସହ ଚଳିତ ବର୍ଷ ଖୋଲା ସ୍ଥାନରେ ତଥା ସରକାରୀ ଜମିରେ ୧୯ଲକ୍ଷ ତାଳ ବୃକ୍ଷ ରୋପଣ କରିବା ପାଇଁ ନିଷ୍ପତି ନେଇଛନ୍ତି। ଯାହାକି ସାଂପ୍ରତିକ ସମୟରେ ଅତ୍ୟନ୍ତ ସମୟୋପଯୋଗୀ ଏବଂ ସ୍ୱାଗତଯୋଗ୍ୟ ନିଷ୍ପତି କୁହାଯାଇପାରିବ। ଏପରି କି ନିଜ ତଥା ବ୍ୟକ୍ତିଗତ ଜମିରେ ଥିବା ତାଳଗଛ ବନିବିଭାଗର ବିନା ଅନୁମତିରେ କାଟିବାକୁ ସରକାର ନିଷିଦ୍ଧ କରିଛନ୍ତି। ବିନା ଅନୁମତିରେ ତାଳଗଛ କାଟିଲେ କଠୋର କାର୍ଯ୍ୟାନୁଷ୍ଠାନ ତଥା ଦଣ୍ଡବିଧାନ ପାଇଁ ବନବିଭାଗ ଘୋଷଣା କରିଛି। କହିବା ବାହୁଲ୍ୟ ଯେ, ତାଳଗଛ ରୋପଣ ମିଶନ ନୂଆ ନୁହେଁ। ୨୦୧୮ ମସିହାରେ ପ୍ରଥମ ଥର ପାଇଁ ରାଜ୍ୟରେ ତାଳଗଛ ବଂଶ ବୃଦ୍ଧି ପାଇଁ ସରକାର ଘୋଷଣା କରିଥିଲେ। ମାତ୍ର ଇତିମଧ୍ୟରେ ଦୀର୍ଘ ୬ବର୍ଷ ବିତିଯାଇଥିଲେ ମଧ୍ୟ ତାଳଗଛ ବଂଶ ବିସ୍ତାର ଯେପରି କୌଣସି ଆଖିଦୃଶିଆ ସଫଳତା ମିଳିନଥିବା ମନେହୁଏ ନାହିଁ। ଅନ୍ୟପକ୍ଷରେ ରାଜ୍ୟର ଉପକୂଳବର୍ତୀ ଏବଂ ଦକ୍ଷିଣ ଓ ପଶ୍ଚିମ ଓଡିଶାର ବିଲ ହୁଡା ଓ ପାହାଡିଆ ସ୍ଥାନରେ ଥିବା ତାଳ ଗଛ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି। ସାଂପ୍ରତିକ ସମୟରେ ତାଳଗଛ ଏକ ପ୍ରକାର ଅଦରକାରୀ ବୃକ୍ଷରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବରୁ ତାଳଗଛର ଗଣ୍ଡିକୁ ଘରର ଓରା ବା ଶେଣୀ ଏବଂ ଜଳସେଚନ ପାଇଁ ଲୋଧା ଭାବେ ବ୍ୟବହାର କରାଯାଉଥିଲା। ଏବେ ଆଉ ଚାଳଘର ସ୍ଥାନରେ କୋଠା ନିର୍ମିତ ହେଉଥିବାରୁ ଆଉ ଘର ପାଇଁ ଓରା କିମ୍ବା ଶେଣୀର ଆବଶ୍ୟକତା ପଡୁନାହିଁ।



ସେହିପରି ଟେଣ୍ଡାରେ ଜମିକୁ ଜଳସେଚନ ଆଉ ହେଉନଥିବାରୁ ଲୋଧା ମଧ୍ୟ ବିଲୁପ୍ତ ହୋଇଗଲାଣି? ଅନ୍ଧ ବିଶ୍ୱାସ ଯୋଗୁଁ ତାଳଗଛ ଜାଳେଣି ଭାବେ ବ୍ୟବହାର ହୁଏ ନାହିଁ। ଆହୁରି ମଧ୍ୟ ଗୋଟିଏ ତାଳଗଛ ଫଳଧରିବା ଦୀର୍ଘ ୩୦ରୁ ୪୦ବର୍ଷ ଲାଗିଯିବା ଏବଂ ଏହାର ଚେର ଜମିର ଉର୍ବରତା ହରାଉଥିବାରୁ ଏହାକୁ ଲଗାଇବା ପାଇଁ ଲୋକେ ଆଗ୍ରହୀ ନୁହଁନ୍ତି। ଏପରି କ୍ଷେତ୍ରରେ ରାଜ୍ୟ ସରକାର ୨୦୧୮ ମସିହାରୁ ତାଳମିଶନ ଆରମ୍ଭ କରିଥିବା ସତ୍ତ୍ୱେ ସଚେତନତା ଅଭାବରୁ ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ କି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିନାହିଁ। ଏହା ନିସନ୍ଦେହ ଯେ, ସରକାର କୋଟି କୋଟି ଟଙ୍କା ବ୍ୟୟ କରି ତାଳଗଛ ଲଗାଇବେ। ଗଛ ଲଗାଇବା ଅତିସହଜ। ମାତ୍ର ଗୋଟିଏ ଗଛକୁ ବଡ ହେବା ପର୍ଯ୍ୟନ୍ତ ଉତାରିବା ନିଶ୍ଚିତ ଭାବେ ଅତ୍ୟନ୍ତ କଷ୍ଟକର। ସରକାର ୧୯ଲକ୍ଷ ତାଳଗଛ ରୋପଣ କଲେ ଏହାର ରକ୍ଷଣାବେକ୍ଷଣ ଏକ ଚ୍ୟାଲେଞ୍ଜ। ଏଥିଲାଗି ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ସରକାର ଏବଂ ବନବିଭାଗ ସଂକଳ୍ପବଦ୍ଧ ହେବା ଜରୁରୀ। ତାଳଗଛ ସଂଖ୍ୟା ବଢ଼ିଲେ, ମଣିଷ ଓ ପଶୁ ବଜ୍ରପାତରୁ ବଂଚିବେ। ଅନ୍ୟଥା ରାଜ୍ୟରେ ବଜ୍ରପାତ ଜନିତ ପ୍ରାକୃତିକ ବିପର୍ଯ୍ୟାୟର ମୃତ୍ୟୁ ସଂଖ୍ୟା ବଢ଼ିବ ଏଥିରେ ସନ୍ଦେହ ନାହିଁ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯


## କବିତା କୋଣାର୍କ

### ନୀଳାଦ୍ରି ବିଜେ
#### ଗଦାଧର ସାହୁ



ରତ୍ନ ସିଂହାସନ
ଖାଲି ଖାଲି ଲାଗେ
ଆସ ହେ ମଣିମା ଆସ,
ଶୀରି ମନ୍ଦିରର
ଶିରି ବଢାଇବ
ତୁମରି ଅଧର ହସ ।

ଭାଇ ଭଉଣୀଙ୍କୁ
ସଙ୍ଗତରେ ନେଇ
କାହିଁ ଯାଇଥିଲ କୁହ,
ପ୍ରଶ୍ନ ପଚାରିବେ
କବାଟ କିଳିକି
ଲକ୍ଷ୍ମୀଙ୍କୁ ଉତ୍ତର ଦିଅ ।

ପ୍ରଶ୍ନର ଉତ୍ତର
ଭାବିଚିନ୍ତି ଦେବ
ରାଗେ ଜରଜର ଲକ୍ଷ୍ମୀ,
ଏତେ ଦିନ ହେଲା
ଏକା ରହିଛନ୍ତି
ମନେ ମନ ଦୁଃଖ ଚାପି ।

ଦେଢଶୁର ବୋଲି
ବଡ଼ଠାକୁରଙ୍କୁ
ବାଡ ପକେଇବେ ନାହିଁ,
ତୁମ ସୁନାନାକୀ
ଶୁଭଦ୍ରା ଭଉଣୀ
ସକେଇବ ଗାଳି ଖାଇ ।

ସବୁଠାରୁ ବେଶି
ମାନ ଅଭିମାନେ
ତୁମ ସହ ହେବ କଳି,
ଦାମ୍ପତ୍ୟ କଳହ
ସଂସାରର ସାର
ଘର ସଜାଡଇ ବୋଲି ।

ଲକ୍ଷ୍ମୀ ନାରାୟଣ
ବଚନିକା ଭାବେ
ଘରେ ଘରେ ଜଣାଶୁଣା,
କାହାର ଉତ୍ତର
କିଭଳିଆ ଦେବ
ନହୋଇବ ମନ ଊଣା ।

ମନଊଣା ଭାବ
ସହଜେ ଲାଘବ
ଶାଢୀ ଚୁଡି ଆଣିଥିବ,
ସ୍ୱାମୀର ସନ୍ତକ
ସଧବା ପଦକ
ମାନ ଭଞ୍ଜନ ହୋଇବ ।

ରସଗୋଲା ଖୋଇ
ଭାବ ରସେ ମୋହି
ହାତ ଧିରେ ଧରି ଦେବ,
ନିଳାଦ୍ରୀ ବିଜୟ
ସହଜେ ହୋଇବ
ଷାଠିଏ ପୌଟି ଭୁଞ୍ଜିବ ।


ବ୍ରହ୍ମଗିରି, ପୁରୀ


### ଦାରୁବ୍ରହ୍ମଙ୍କ ମଧୁର ଲୀଳା
#### ବିଜୟଲକ୍ଷ୍ମୀ ପଟ୍ଟନାୟକ



ଆଷାଢ ଆକାଶେ ଆଜି ମେଘଙ୍କର ଭିଡ
ତୁମ ନାମେ ସହସ୍ରବାର ପଡେ ବେତମାଡ
ପ୍ରକମ୍ପିତ ଧୂଳି ମାଟି ଗଗନ ପବନ
ଓହ୍ଲାଇ ଆସନ୍ତି ପ୍ରଭୁ ନିଜେ ନାରାୟଣ।

ଓଁକାରରୁ ନିରାକାର ପୁଣି ଚମତ୍କାର
ଆକାରର ଅପୂର୍ଣ୍ଣତା ନୁହେଁ ନିରାକାର
ଏଇତ ସେ ଇନ୍ଦ୍ରଦ୍ୟୁମ୍ନ ଉଭା ଏଠାବରେ
ଦେଖୁଛନ୍ତି ଘଟୁଛିକି ଅଘଟଣ କିଛି
କଥା ଦେଇଥିଲେ ଯାହା ତୁମରି ପାଖରେ
ଶତସହସ୍ର ବର୍ଷର ଆଶୀର୍ବାଦ ଓଡିଶା ଉପରେ
କଳଙ୍କିତ ହେବନାହିଁ କେବେହେଲେ ଥରେ ।

ଏଇତ ସେ ରଥପାଖେ ଠିଆ ହୋଇଛନ୍ତି
ନଦୀୟା ନବଦ୍ୱୀପରୁ ଧାଇଁ ଆସିଛନ୍ତି
ଦେହଭ୍ରାନ୍ତି ନାହିଁ ତାଙ୍କ ନାହିଁ ପଥକଷ୍ଟ
ଭାବ ଭକତିରେ ସଦା ଉଚ୍ଛନ୍ନ ଆବିଷ୍ଟ
ଚୈତନ୍ୟଙ୍କୁ ଚିହ୍ନି ପାରୁନାହିଁ କି ସାଆନ୍ତେ !
ମୁଣ୍ଡ ଦେଇ ଠେଲିବାରୁ ଗଡିକଲା ରଥ!

ଆରପାଖେ ଢିରା ଦେଇ ଠିଆ ହୋଇଛନ୍ତି
ବାଡିଖଣ୍ଡେ ହାତେ ଧରି ଅନାଇ ଅଛନ୍ତି
ତାଙ୍କ ବାଲିରଥେ ବିଜେ ହୋଇଥିଲ ପରା
ଛାଡିଦେଇ ବଡଦାଣ୍ଡ ଅଗଣିତ ଭକ୍ତ ।

ସମୁଦ୍ର ଆଡୁ ଆସନ୍ତି ଆଉଜଣେ ବୃଦ୍ଧ
ସାତଲହଡି ଘୁଞ୍ଚିଲା ସମୁଦ୍ର ଯା ଲାଗି
ଭାଗବତକାର ତୁମ ଅତିପ୍ରିୟ ପାତ୍ର
ଚିହ୍ନିପାରିଲକି ପ୍ରଭୁ ଜଗନ୍ନାଥ ଦାସ ?
ବଳଗଣ୍ଡିଠାରେ ଉଭା ଯବନ ଜଣିଏ
ଛତାମଠ ପରିସର ପାଖରେ ଅନାଇଁ
ତୁମ ରଥଯାତ ଦେଖିବାକୁ ଅପେକ୍ଷାରେ ଥାଏ
ତାକୁ ଦେଖାଦେବା ଲାଗି ଅଳିକରିଥିଲା
'ସାତଶ'ପଞ୍ଚାଶ କୋଷ ଚାଲିପାରୁ ନାହିଁ
ରଥ ପରେ ରହିଥିବ ଜଗତ ଗୋସେଇଁ'।
କୁଆଡୁ ଆଣିଲ ପୁଣି ସାତତାଳ ମେଘ
ରାସ୍ତା ଘାଟ ବୁଡିଗଲା ଚକ ଦବିଗଲା
ହାତୀ ଘୋଡା କେହି ଟାଣି ନ ପାରିଲେ ଭଲା
ଆସି ପହଞ୍ଚିଲେ ତୁମ ଭକ୍ତ ଶାଳବେଗ
ଘର୍ଘର ନାଦରେ ନନ୍ଦିଘୋଷ ଚାଲେ ବେଗ ।

କେତେ କେତେ ଲୀଳାକ୍ଷେତ୍ର ଏ ଶିରିକ୍ଷେତର
ସର୍ବଧର୍ମ ସମନ୍ୱୟ କଲେ ଏ ଠାକୁର
ମାତାଲକ୍ଷ୍ମୀ କଥାନେଲେ ଜଗନ୍ନାଥ ଶୁଣ
ବ୍ରାହ୍ମଣ ଚଣ୍ଡାଳ ଆଦି ଏକପତ୍ରେ ଖାଇ
ମୁଣ୍ଡେ ହାତ ପୋଛିବେ ହେ ବ୍ରହ୍ମାଣ୍ଡ ଗୋସାଇଁ
ମହାପ୍ରସାଦ ତ ସ୍ୱୟଂ ବ୍ରହ୍ମଙ୍କ ସ୍ୱରୂପ
ତାକୁ ହତାଦର କଲେ ଫଳିବ ଅବଶ୍ୟ।

ଆସିଲେ ଗୁରୁ ନାନକ ବ୍ରହ୍ମ ଉଭା ଶୁଣି
ଆସିଲେ ପୁଣି କବୀର ପୂଣ୍ୟଧାମ ମଣି
ଦେଖନ୍ତି ଯକ୍ଷ କିନ୍ନର ଭୂତପ୍ରେତ ନର
ପୁଷ୍ପବୃଷ୍ଟି କରୁଛନ୍ତି ଦେବତା ସତ୍ୱର ।
ସଭିଙ୍କର ଲୀଳା ଏଠି ଯୁଗ ଯୁଗ ଧରି
ଘଟି ଆସୁଅଛି ଏହା ଗୋଲକର ପୁରୀ ।
ଗଡି ଗଡି ଚାଲିଥାଏ ଜୀବନର ରଥ
ଦେହ ମଧ୍ୟେ ବିରାଜିତ ସାରଥି ସିଏତ
ମନ ଘୋଡା ଟାଣୁଥାଏ ଦଉଡି ବିବେକ
ମନଘୋଡା ଲଗାମକୁ ବିବେକ ଚାବୁକ ।
ସାରଥିଙ୍କ ହାତେ ଦେଇ ଜୀବନ ଦଉଡି
ଏ ସଂସାର ବନ୍ଧନରୁ ଯିବାରେ ବାହୁଡି ।


ପ୍ଲଟ ନ ୪୬୧୯/୨୧, ପୋଖରାନ୍ ଭିଲେଜ,
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର ୧୬
ଫୋନ୍ - ୮୮୯୫୨୭୪୬୯୪


### ବର୍ଷା
#### ସୁବ୍ରତା ମହାନ୍ତି



ଦୁମୁକାଣି ବର୍ଷା ଆଠ ଦିନର
ଅସରା ବର୍ଷା ଷୋଳଦିନ
ଝିପି ଝିପି ବର୍ଷା ବତିଶ ଦିନ
କୁଣ୍ଡା ଝରା ବର୍ଷା ଚଉଷଠି ଦିନ
ତେବେ ଯାଇ ଫସଲ ହୁଅଇ ପ୍ରଚୁର ।
ଇନ୍ଦ୍ର ଦେବତାଙ୍କ କେତେ ରାଗ
ରୋଷା
କେଉଁଠି ଢାଳନ୍ତି ମେଞ୍ଚେ
କେଉଁଠି ପୁଣି କେଞ୍ଚେ
ଆଗ ଉନ୍ମାଦନା ଉଭେଇ ଗଲାଣି
ପହିଲି ବର୍ଷା ପହିଲି ପ୍ରେମରେ
ଆନମନା କରେ ନାହିଁ ପ୍ରେମି
ଯୁଗଳଙ୍କୁ,
ଆଜିର ମୌସୁମୀ ଆତଙ୍କିତ କରେ
ତନୁ ମନକୁ
ଖୋଜି ମିଳେନାହିଁ ସେ ପହିଲି ଛିଟା
ମୌସୁମୀର
ବର୍ଷା ଛିଟାର ନବ ସୃଜନୀ ଧରଣୀ
କୋଳ,
ମୟୁରୀ ର ଛମ୍ ଛମ୍ ନୃତ୍ୟ ଆଉ
ଶୁଭେ ନାହିଁ
ଲାଲ୍ ଟୁକୁ ଟୁକୁ ସାଧବ ବୋହୁର
ଚାଲି
ବେଙ୍ଗ ର କେଁ କଟର ଚିରି
ହୋଇଯିବା ନିଃଶବ୍ଦତା ।
ବର୍ଷା ପ୍ରାରମ୍ଭ ଓଡିଆ ଜାତିର ପୁନେଇ
ପରବ
ଅକ୍ଷୟ ତୃତୀୟା ରଜ ଚିତାଲାଗି
ଗହ୍ମାଉତ୍ସବ ନୂଆ ଖାଇ ପର୍ବ କୃଷକ
ମନ ଟା ଚଳ ଚଞ୍ଚଳ ।
ଋତୁ ଚକ୍ରର ପରିବର୍ତ୍ତନ ଧରା ପୃଷ୍ଠର
ବିଡମ୍ବନା,
ଶରତ ହେମନ୍ତ ବସନ୍ତର ନାହିଁ ଦେଖା
ବରଷା ର କାୟା ଯାଇଛି ବଦଳି
ଅତିବୃଷ୍ଟି କେବେ ବନ୍ୟାର ଉତ୍ପତ୍ତି
ଅନାବୃଷ୍ଟି ରେ ଆସେ ମରୁଡ଼ି ବିପତ୍ତି।
ଆଜି ଗ୍ରୀଷ୍ମ ର ତାଡନା ପ୍ରାଣୀକୂଳ
ଅସହ୍ୟ
ଏତେ ଗମ୍ଭୀର ଏତେ ନିଷ୍ଠୁର ହୁଅନାହିଁ
ତୁମେ ବର୍ଷା
ପ୍ରାଣିକୂଳ ଆଜି ଡହଳ ବିକଳ
କୃପା କର ତୁମେ ବର୍ଷା ତୁମେ
ଅଭିମାନୀ ବର୍ଷା
ସଭିଙ୍କର ପ୍ରିୟ ବର୍ଷା ।


ଭୋଇସାହି (କରଞ୍ଜିଆ)
ବାଲେଶ୍ୱର
ମୋ: ୯୧୭୮୧୨୨୮୨୦





# ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୨୦ ଜୁଲାଇ ୨୦୨୪


# ବେଙ୍ଗୁଲି ନାନିର ସପନ

ସନ୍ତୋଷ କୁମାର ଅଦାବର



ବୈଶାଖ ମାସ । ଡହ ଡହ ଖରା ମନକୁ ଅସ୍ତବ୍ୟସ୍ତ କରି ପକାଉଥାଏ। ଗତ ରାତି ସାରା ମାଟିର ତାତିରେ ବେଙ୍ଗୁଲି ନାନିକୁ ନିଦ ନାହିଁ । ଏଇ ଭୋର ସକାଳର କଥା । ଅଳ୍ପ ଶୀତଳ ଅନୁଭୁତ ହେଉଥାଏ । ସେ ମନ ଦୁଃଖରେ ପୋଖରୀ ହୁଡ଼ାରେ ଥିବା ବରଗଛ ତଳେ ଏକ ଗାତରେ ଲୁଚି ଭାବୁଛି । ଦିନରେ ଏତେ ଖରା। କୋଉଠି ପାଣି ଟୋପାଏ ବି ନାହିଁ । ମାଟି ଫାଟି ଆଁ କଲାଣି । ଉପରୁ ଅସହ୍ୟ ତାତି । ତଳୁ ବି ଏତେ ତାତି ଯେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । କେବେ ସେ ବର୍ଷା ଆସିବ ଯେ ? ନଈ ନାଳ ପାଣିରେ ଭରିଯିବ । କ୍ଷେତ ପଡ଼ିଆ ଶସ୍ୟ ଶ୍ୟାମଳା ହେବ । ଗଛରେ ପତ୍ର ହସିବ । ପାଣିରେ ଆମ ଭଳି ଜଳଜୀବ ପହଁରି ମଜା କରନ୍ତେ। ଏମିତି କେତେ କଥା ଭାବୁ ଭାବୁ ରାତିର ଅନିଦ୍ରା ହେତୁ ବେଙ୍ଗୁଲି ନାନିକୁ ନିଦ ମାଡ଼ି ଆସିଲା ।

ନିଦରେ ଦେଖିଲା ଗୋଟିଏ ସପନ । ସୂର୍ଯ୍ୟଙ୍କ ସହ ତା'ର ଦେଖା ହୋଇଛି । ସେ ଭୟକରି ପଳାୟନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସୂର୍ଯ୍ୟ ତାକୁ ଅଟକାଇ କହିଲେ- ବେଙ୍ଗୁଲି, ତୁ କାହିଁକି ପଳାଉଛୁ ? ରହ,ମୁଁ ତୋର କିଛି କରିବି ନି । ବେଙ୍ଗୁଲି ନାନି କହିଲା- ନା ନା । ତୁମେ ମୋ ପାଖକୁ ଆସିଲେ ମୁଁ ଜଳିଯିବି । ସୂର୍ଯ୍ୟ କହିଲେ- ସେମିତି ହେବ ନି । ଏବେ ପରା ସକାଳ । ମୁଁ ପ୍ରଖର କିରଣ ଦେଇ ନ ଥାଏ । ମୋର ଏବେ ଶୀତଳ କିରଣ । ଏହା ଶୁଣି ବେଙ୍ଗୁଲି ନାନି ଅଳ୍ପ ଆରାମ ଅନୁଭବ କରି ଅଟକିଗଲା। ଟିକିଏ ସାହସ ଜୁଟାଇ ସେ ସୂର୍ଯ୍ୟଙ୍କୁ ପଚାରିଲା- ହେ ସୂର୍ଯ୍ୟ ଦେବ । ଆପଣ ଆମ ପୃଥିବୀ ବାସୀଙ୍କ ଉପରେ ଏତେ କ୍ରୋଧ କାହିଁକି କରିଛନ୍ତି ? ଆପଣ ଏତେ ପ୍ରଖର କିରଣ ଦେବା ଦ୍ୱାରା ପୃଥିବୀର ସବୁଆଡ଼େ ହାହାକାର ଦେଖା ଦେଲାଣି । ତାପମାତ୍ରା ଏତେ ବଢ଼ି ଯାଉଛି ଯେ ଜୀବଜଗତ କଷ୍ଟରେ କାଳାତିପାତ କରୁଛନ୍ତି। ଏହା ଶୁଣି ମୁରୁକି ହସି ସୂର୍ଯ୍ୟ କହିଲେ- ଶୁଣ ବେଙ୍ଗୁଲି । ମୁଁ ସବୁବେଳେ ମୋ ସ୍ଥାନରେ ସ୍ଥିର ରହିଥାଏ । ମୋର କିରଣ ବି ପୂର୍ବ ଭଳି ଅଛି । କିନ୍ତୁ ଗ୍ରୀଷ୍ମ ସମୟ ହେଲେ ହଠାତ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା ବଢ଼ିଯାଏ। ଏହାର କାରଣ ହେଲା ଜଙ୍ଗଲ ନଷ୍ଟ, କଳକାରଖାନା ଏବଂ ଯାନବାହାନରୁ ନିର୍ଗତ ବିଷାକ୍ତ ବାଷ୍ପ । ଶ୍ରେଷ୍ଠ ତଥା ବୁଦ୍ଧିମାନ କୁହାଯାଉଥିବା ମନୁଷ୍ୟ ଯୋଗୁ ଏସବୁ ଘଟୁଛି। ସେ ଯଦି ଅଧିକ ଜଙ୍ଗଲ ସୃଷ୍ଟି କରନ୍ତା, କଳକାରଖାନା ତଥା ଯାନବାହାନରୁ ନିର୍ଗତ ବିଷାକ୍ତ ବାଷ୍ପ ଯେପରି ସୃଷ୍ଟି ନ ହେବ ସେ ଭଳି ବିକଳ୍ପ ବ୍ୟବସ୍ଥା କରନ୍ତା,ନିଶ୍ଚୟ ଏ ତାପମାତ୍ରା ବୃଦ୍ଧିରୁ ତ୍ରାହି ମିଳନ୍ତା ।

ଏସବୁ କଥା ସୂର୍ଯ୍ୟଙ୍କ ଠାରୁ ଶୁଣି ବେଙ୍ଗୁଲି ନାନି ଭାବିଲା- ସତରେ, ମନୁଷ୍ୟ ଏତେ ବୁଦ୍ଧିମାନ ହୋଇ ମଧ୍ୟ ନିଜ ଗୋଡ଼କୁ ତ ନିଜେ ହାଣୁଛି, ତା ସହ ଏ ଜୀବ ଜଗତର ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ କଷ୍ଟ ଆଣି ଦେଉଛି। ବେଙ୍ଗୁଲି ନାନି ଏହା ଭାବୁଥିବା ଭିତରେ ସୂର୍ଯ୍ୟ ସେଠାରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। ଚାରିଆଡ଼କୁ ଅନାଇ ବେଙ୍ଗୁଲି ନାନି ସୂର୍ଯ୍ୟଦେବ ସୂର୍ଯ୍ୟଦେବ ବୋଲି ଚିତ୍କାର କରୁଥିବା ବେଳେ ତା'ର ନିଦ ଭାଙ୍ଗିଗଲା । ସତରେ, ସପନ ଦେଖିସାରି ନିଦ ଭାଙ୍ଗିଗଲେ କିଛି ସମୟ ଯାଏ ସତସତିକା ପରି ଲାଗୁଥାଏ । ସେ ଦେଖିଲା ପୂର୍ବ ଆକାଶରେ ଗୋଲ ସୂର୍ଯ୍ୟ ଅଛନ୍ତି । ସେ ସୂର୍ଯ୍ୟଙ୍କ ଠାରୁ ଆହୁରି କିଛି ଶୁଣିବ ଭାବି ଡେଇଁ ଡେଇଁକି ତାଙ୍କ ପାଖକୁ ଯିବାକୁ ଚେଷ୍ଟାକରି ଶେଷରେ ଗୋଟିଏ ନର୍ଦ୍ଦମା ପାଖରେ ପହଞ୍ଚିଲା । ସୂର୍ଯ୍ୟଙ୍କ ପାଖକୁ ତ ସେ ପହଞ୍ଚି ପାରିବ ନାହିଁ ସେ ସୁନିଶ୍ଚିତ ଥିଲା। ଆଉ କାହିଁକି ବା ସେ ସେଠାକୁ ଯିବ। ସେ ତ ପୃଥିବୀର ଜୀବ । ତା'ପରେ ସେ ନର୍ଦ୍ଦମାକୁ ଡେଇଁ ପଡ଼ି କିଛି ସମୟ ରହିଛି,ସେ ଦିନର ଅପରାହ୍ନରେ ପ୍ରାୟ ଘଣ୍ଟାଏ ବର୍ଷିଦେଲା କାଳବୈଶାଖୀ ବର୍ଷା । ସେଠାରେ ସେ କିଛିଦିନ ଆରାମ କଲା । ମନେ ମନେ ଭାବିଲା- ଏ କାଳବୈଶାଖୀ ନାମଟା ସିନା ଭୟଙ୍କର, ହେଲେ ଏହାଯୋଗୁଁ ଆମ ଭଳି କିଛି ଜୀବ ତ ଆରାମ ପାଉଛନ୍ତି।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ:୯୭୭୭୯୧୦୭୨୮

# ଇଶ୍ୱର ଅଛନ୍ତି

ପ୍ରଦ୍ୟୁମ୍ନ ପଟ୍ଟନାୟକ




ବାପା ମା' ଙ୍କ ସହ ବାସୁ ଯାଇଥିଲା ପୁରୀ । ସାଙ୍ଗରେ ଥାଆନ୍ତି ଜେଜେ ଜେଜେମା । ମନ୍ଦିରରେ ତିନି ଠାକୁରଙ୍କ ଦର୍ଶନ କରିବା ସହ ଗଣେଶ , ଲକ୍ଷ୍ମୀ, ବିମଳା ଆଦି ପାର୍ଶ୍ୱ ଦେବା ଦେବୀଙ୍କ ଦର୍ଶନ ଏବଂ ଆନନ୍ଦ ବଜାରରେ ପ୍ରସାଦ ସେବନ ଥିଲା ତାଙ୍କ ଉଦ୍ଦେଶ୍ୟ । କ'ଣ ପାଇଁ କେଜାଣି ବାସୁ ଛୋଟ ବେଳୁ କୌଣସି ମନ୍ଦିର ଯିବାକୁ ଡରୁଥିଲା । ତାକୁ ନେଇ ମନ୍ଦିର ଭିତରେ ପଶୁ ପଶୁ କାନ୍ଦିବାକୁ ଲାଗୁଥିଲା । ଏବେ ବଡ ହେବା ପରେ ତା'ର ଆଉ ସେ ଡର ନଥିଲା । ସେ ବରଂ ଖୁସି ହୋଇ ବେଢ଼ା ମଧରେ ସବୁ ଜାଗାରେ ମୁଣ୍ଡିଆ ମାରି ମାରି ଚାଲୁଥାଏ । ଆଗ୍ରହର ସହ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରୁ ଥାଏ । ତାକୁ ଏବେ ସାତ ବର୍ଷ ହେଲା । ହୋଇପାରେ ସ୍କୁଲ ଯିବା ବଡ଼ ପିଲା ହୋଇ ଯାଇଥିବାରୁ ତା' ମନରେ ଥିବା ଭୟ ଦୂରେଇ ଯାଇଛି।

ବାପା ଜେଜେ ଆଦି ବଡ଼ ମାନେ ଯେଉଁଠି ଦୀପ ଲଗାଇ ମୁଣ୍ଡିଆ ମାରୁଥିଲେ ବାସୁ ସେଇଠି ମୁଣ୍ଡିଆ ମାରି ଦୀପ ଜଳାଇବାକୁ ଆଗଭର ହେଉଥିଲା । ମନ୍ଦିର ଭିତରେ ଚାଲୁ ଚାଲୁ ତାକୁ କେତେ ଗୁଡିଏ ବିରାଡ଼ି ଦେଖା ଯାଉଥିଲେ । ଛୋଟ ବେଳୁ ତାର ବିରାଡ଼ି ଦେଖିବାରେ ବଡ ଆଗ୍ରହ । ସେଥିପାଇଁ ସେ ବଡ଼ ଖୁସି ହୋଇ ଯାଉଥାଏ ବିରାଡି ଟିଏ ଦେଖିବା ମାତ୍ରେ ।

ପରମ୍ପରା ଅନୁଯାୟୀ ସମସ୍ତେ ମାତା ଲକ୍ଷ୍ମୀଙ୍କୁ ଦର୍ଶନ କରି ତାଙ୍କ ମନ୍ଦିରକୁ ଲାଗିଥିବା ମଣ୍ଡପରେ ଦଣ୍ଡେ ବସୁ ଥାଆନ୍ତି । ବାସୁର ପରିବାର ବି ସେଠି ବସିଲେ । ସେଠି ବସିଥିବା ବେଳେ ବାସୁ କୌତୂହଳ ବଶତଃ ପଚାରିଲା, ଜେଜେ ଦୁନିଆରେ ଭଗବାନ ଅଛନ୍ତି ବୋଲି ଲୋକମାନେ ଜାଣିଲେ କେମିତି ? ଜେଜେ କହିଲେ ଚାଲ ଆମେ ସବୁ ଆଗ ବଡ଼ ଦେଉଳକୁ ଯାଇ ତିନି ଠାକୁରଙ୍କୁ ଦେଖି ନେବା । ଘରକୁ ଫେରିବା ବେଳେ ମୁଁ କହିବି ଲୋକମାନେ କେମିତି ଜାଣିଲେ ଭଗବାନ ଅଛନ୍ତି । ଏକଥା କହିବା ବେଳେ ଜେଜେ ଭାବୁ ଥାଆନ୍ତି ରାମାୟଣ ମହାଭାରତ କିମ୍ବା ଜଗନ୍ନାଥଙ୍କୁ ନେଇ ଅନେକ କିମ୍ବଦନ୍ତୀ ମଧ୍ୟରୁ କିଛି କହି ବାସୁ ପ୍ରଶ୍ନର ଉତ୍ତର ଦେଇ ଦେବେ ।

ତା' ପରେ ସମସ୍ତେ ମୁଖ୍ୟ ମନ୍ଦିର ଭିତରକୁ ଗଲେ । ଘଣ୍ଟ ଘଣ୍ଟା ସହ ଆଳତି ଚାଲୁଥାଏ । ଭଲରେ ମହାପ୍ରଭୁଙ୍କ ଦର୍ଶନ କରି ବାହାରେ ଦୀପ ଲଗାଇ ସପରିବାର ନୀଳ ଚକ୍ରକୁ ଚାହିଁ ଦେଖୁ ଥାଆନ୍ତି । ବାସୁ ବି ନୀଳ ଚକ୍ରରେ ଉଡୁଥିବା ପତିତପାବନ ବାନା ଦେଖି ଖୁସି ହେଉଥାଏ । ସେମାନେ ପୁଣି ପ୍ରସାଦ ପାଇବା ଉଦ୍ଦେଶ୍ୟରେ ଆନନ୍ଦ ବଜାର ଆଡକୁ ଗଲେ । ଏମିତିରେ ବାସୁର ସବୁବେଳ ଖାଇବାରେ ଅଝଟ । ଖାଇବା ପ୍ରତି ଅନାଗ୍ରହ ଯୋଗୁଁ କେତେ ବୁଝାଇବା ପରେ ସେ ଖାଉଥାଏ । ସେଥିପାଇଁ କେବେ ମୋବାଇଲ ଫୋନ ତ କେବେ ଟିଭି ଦେଖାଇବାକୁ ପଡୁଥାଏ । ତେଣୁ ବାସୁ କେମିତି ଖାଇବ ଚିନ୍ତା ଥାଏ ।

ମହାପ୍ରସାଦ ନେଇ ଗୋଟିଏ ଜାଗାରେ ସମସ୍ତେ ବସିଗଲେ । ବାସୁ ବି ପାଖରେ ବସିଲା କିନ୍ତୁ ତା'ର ଖାଇବାକୁ ଜମା ଇଚ୍ଛା ହେଉ ନଥାଏ । ବାଧହୋଇ ଥରେ ଚାଖି ଦେଇ ଆଉ ଖାଇବାକୁ ଇଚ୍ଛା କରୁ ନଥାଏ । ଯେତେ ଯାହା କହିଲେ ବି ସେ ବୁଝୁ ନଥାଏ। ଠିକ୍ ଏତିକି ବେଳେ କେଉଁଠୁ ବିରାଡ଼ି ଟିଏ ଆସି ତାଙ୍କ ପାଖରେ ବସିଲା । ବୋଧେ କିଛି ଖାଦ୍ୟ ପାଇଁ ଆସିଥିବ ଭାବି ସମସ୍ତେ ତା' ଆଗରେ କିଛି କିଛି ଖାଦ୍ୟ ରଖିଲେ । ସେ କିନ୍ତୁ କୌଣସି ଖାଦ୍ୟ ଖାଇଲା ନାହିଁ କି ସେଠାରୁ ଉଠିଲା ନାହିଁ । ବାସୁ କିନ୍ତୁ ତାକୁ ଦେଖି ବହୁତ ଖୁସି ହୋଇଗଲା । ଅନ୍ୟମନସ୍କ ହୋଇ କେତେଥର ପ୍ରସାଦ ଖାଇ ନେଲା । ଜେଜେ ଏହାର ସୁଯୋଗ ନେଇ କହିଲେ, ଦେଖ ବାସୁ ତୁ ଠାକୁରଙ୍କ ପ୍ରସାଦ ଖାଇଛୁ କି ନାହିଁ ଦେଖିବାକୁ ପରା ଭଗବାନ ଏ ବିରାଡ଼ିକୁ ଦେଖିବାକୁ ପଠାଇଛନ୍ତି । ସବୁ ଦେଖିକରି ସେ ଯାଇ ତାଙ୍କୁ ଜଣାଇବ ।

ଆଶ୍ଚର୍ଯ୍ୟର କଥା । ସେଠି ଆହୁରି କେତେ ଲୋକ ବସି ପ୍ରସାଦ ସେବନ କରୁ ଥିଲେବି ବିରାଡ଼ିଟି ଆଉ କାହା ପାଖକୁ ଯାଉ ନଥାଏ କି କିଛି ଖାଉ ନଥାଏ । ଯେମିତି ବାସୁର ଖାଇବା ସରିଛି ସେଠୁ ଉଠି କୁଆଡେ ଚାଲିଗଲା ଆଉ ଦେଖା ଗଲାନାହିଁ । ବାସୁର ବିଶ୍ୱାସ ହୋଇ ଗଲା ଯେ ସତରେ ସେ ମହାପ୍ରସାଦ ଖାଉଛି କି ନାହିଁ ଦେଖିବାକୁ ଠାକୁରେ ବିରାଡ଼ିକୁ ପଠାଇ ଥିଲେ । ମନ୍ଦିରରୁ ବାହାରକୁ ଆସିବା ବେଳେ ବାସୁ ଦେଖିଲା ତା' ଭଳି ପିଲା ମାନେ ବାଇଶି ପାହାଚରେ ଗଡୁଛନ୍ତି । କେହି ନକହି ମଧ ସେ ଗଡ଼ିବାକୁ ଲାଗିଲା । ତା'ର ସେତେବେଳକୁ ଈଶ୍ୱର ବିଶ୍ୱାସ ହୋଇ ଯାଇଥିବାରୁ ଜେଜେଙ୍କୁ ଆଉ କୌଣସି କାହାଣୀ କହିବାକୁ ପଡିଲା ନାହିଁ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# କବିତା

ତୁମ ପାଇଁ

## ବେଙ୍ଗୁଲୀ ନାନୀ ଗାଆଲୋ ଗୀତ

ରଶ୍ମି ରଞ୍ଜନ ସାହୁ

ତତଲା ଖରା ତତାଏ ଧରା
ମାରୁଛି ଚାଇଁ ଚାଇଁ
ବାହାରେ ଦଣ୍ଡେ କରିଲେ କାମ
ମୁଣ୍ଡଟା ଘାଇଁ ଘାଇଁ।

ଘାସ ପତର କତରାଲଗା
ଗଲାଣି ଶିରୀ ତୁଟି
ଗହିର ବିଲେ ପାଣିକୁ ଚାହିଁ
ମେଲିଛି ଆଁ ମାଟି।

ପକ୍ଷୀଠୁ ପଶୁ ମଣିଷ ସବୁ
ଶୋଷରେ ହାଇଁପାଇଁ
ଚୁଆ ପୋଖରୀ ନଈ ନାଳରୁ
ପାଣିଟି ଗଲା କାହିଁ ?

ତତଲା ଧାସ, କାଳ ବୈଶାଖୀ
ବିପଦ ଆସେ ନେଇ
ସବୁରୀ ମୁହେଁ ଗୋଟିଏ କଥା
ବରଷା ଆସୁ ଧାଇଁ।

ଦଣ୍ଡା ପାଟରେ କଇଁଟି ଫୁଟୁ
ପାଣି ଯେ ଯାଉ ଭରି
ମଲା ମାଟିରେ ଘାସ ପତରେ
ଜୀବନ ଉଠୁ ପୂରି।

ବେଙ୍ଗୁଲୀ ନାନୀ ଗାଆଲୋ ଗୀତ
ବରଷା ପଡୁ ଝରି
ଧରଣୀ ହେଉ ଶସ୍ୟ ଶ୍ୟାମଳା
ଫେରୁ ତା' ସୁନା ଶିରୀ।

+କଳିଙ୍ଗ ବିହାର,ସାକ୍ଷିଗୋପାଳ,
ପୁରୀ-୭୫୨୦୧୪
ମୋ-୮୨୪୯୯୧୦୧୩୮



## ଟିକି ଭକ୍ତଟିଏ ଅଟେ ମୁହିଁ

ଦୀପକ କୁମାର ମିଶ୍ର

ପ୍ରଣାମ ଘେନ ହେ କାଳିଆ ଠାକୁର
ଟିକି ଭକ୍ତଟିଏ ଅଟେ ମୁହିଁ
ଜଣାଣ ଶିଖିନି ଜଣା ନାହିଁ ପୂଜା
ଭାବ କଥାଟିକୁ ଦିଏ କହି ।

ବଡ଼ ମନ୍ଦିରର ବଡ଼ ଦେବତା ତୁ
ଯାତ୍ରା ତୋର ଘୋଷଯାତ
କୁନି ପାଦରେ କି ଯାଇ ମୁଁ ପାରିବି
ଦେଖିବାକୁ ତୋର ରଥ ।

କୁନି ରଥଟିଏ ଗଢ଼ିଛି ମୁଁ ଘରେ
ଜଗା ତୋର ନାମ ନେଇ
ଶ୍ରଦ୍ଧାରେ ଟାଣିବି ଘରଦାଣ୍ଡେ ମୋର
କଣ୍ଢେଇ ଦିଅଁଟେ ଦେବି ଥୋଇ ।

ଭୋଗରେ ବାଢ଼ିବି ଗରଡ଼ା ବାଲିକୁ
ଫୁଲକଢ଼ି ଦେଇ ପୂଜିବି ତତେ
ସାରା ଜଗତକୁ ଆଶିଷ ଦେବୁରେ
ଅଳିଟିଏ କରେ ତୋର ପାଶେ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଭଲକଥା ଆମେ ଶିଖିବା

ପ୍ରଦୀପ୍ତ କୁମାର ଦାସ

ଲବ କୁଶ ପରି ସୁମଧୁର ସୁରେ
ରାମାୟଣ ଆମେ ଗାଇବା -
ଜଗତ ଜନକଙ୍କ ମନ ମୋହି ଆମେ
ସେନେହ ଆଦର ପାଇବା।

ଧୃବ ପରି ଆମେ ବାଳୁତ କାଳରୁ
କଠୋର ତପସ୍ୟା କରିବା -
ଜଗତପିତାଙ୍କ କୋଳେ ବସି ଆମେ
ନର ଜନମରୁ ତରିବା।

ପ୍ରହଲ୍ଲାଦ ପରି ଜପି ହରି ହରି
ହରି ଦରଶନ କରିବା -
ହରିଙ୍କ କରୁଣା ଲାଭ କରି
ଆମେ ପାପ ତାପ ସବୁ ହରିବା।

ଗଣେଶ ପରିକା ଜ୍ଞାନ ବୁଦ୍ଧି ବଳେ
ସଭିଙ୍କ ମନକୁ କିଣିବା -
ପିତାମାତାଙ୍କର ପାଶେ ପାଶେ ରହି
ସକଳ ବାଜିକୁ ଜିଣିବା।

ଧରମା ସାଜିକି କାଳ କାଳ ପାଇଁ
ଯଶ ଗଉରବ ରଖିବା -
ବଡ଼ ହେବା ପାଇଁ ପୋଥି ପୁରାଣରୁ
ଭଲ କଥା ଆମେ ଶିଖିବା।

ଦଶରଥପୁର,
ଯାଜପୁର,ଓଡ଼ିଶା
ମୋ : ୮୫୯୪୮୮୫୮୯୮

## ଶିଶୁର ସଂସାର

ଦୀନବନ୍ଧୁ ବେଜ୍

ଚଲାଇବ ଚଳାଅ ଶିଶୁ ସାହିତ୍ୟ କଲମ
ଶିଶୁ ସାହିତ୍ୟରେ ଅଛି ଶିଶୁର ଜୀବନ ।
ଶିଶୁ ଲେଖା ବଢ଼ାଇବ ଶିଶୁର ପ୍ରତିଭା
ପ୍ରସାର କର ଶିଶୁ କିଶୋର ପତ୍ରିକା ।
ଶିଶୁ ଖିଲି ଖିଲି ହସିବ ଝରିବ ଅମୃତ
ଅମୃତ ଝରିଲେ ଜାଗିବ ନିଷ୍କଳ ଜଗତ ।
ଯହିଁ ଝରିଥାଏ ଶିଶୁଙ୍କ କଣ୍ଠରୁ କବିତା
ତହିଁ ଜାଗି ଉଠେ ଭାଷା ପ୍ରିତିର ମମତା ।
ଶିଶୁ ସାହିତ୍ୟରେ ଥାଏ ଶିଶୁଙ୍କ ଉଲ୍ଲାସ
ତହିଁ ଝରିଥାଏ ଶିଶୁ ଆନଂଦର ହସ।
ଶିଶୁଙ୍କ ପାଖରେ ଯେଉଁ ଅଛି ଗୁଣାବଳି
ଗୁଣାବଳି ନୁହେଁ ସେତ ଜ୍ଞାନର ଗଣ୍ଠିଲି।
ଶିଶୁ ପାଇଁ ଖଞ୍ଜିଥାଏ ଯେଉଁ ସବୁ ମାର୍ଗ
ଉଦ୍ୟମରେ ଗଢ଼ିକରେ ତାକୁ ଯୋଗ୍ୟ ।
ଝୁଲଣ ଭିତରେ ଥାଏ ପିଲାଙ୍କର ଖୁସି
ପିଲାଙ୍କର ଖୁସିରେ ଯାଏ ପଞ୍ଚାମୃତ ମିଶି ।
ପିଲାଟି ଯେବେ ଖେଳ ପଡ଼ିଆକୁ ଯାଏ
ସେତେବେଳେ ଖୁସି ବେଶି ବଢ଼ିଯାଏ।
ପିଲାଟି ଯେବେ ଆନନ୍ଦରେ ଗଛ ଚଢ଼େ
ଖୁସି ସବୁ ଆନନ୍ଦରେ ତଳକୁ ଉଚ୍ଛୁଡ଼େ।
ପିଲା ମାନେ ନୁହଁନ୍ତି ଗୋରୁ ଗାଇ ପରି
ପୁସ୍ତକ ଭିତରେ ତାକୁ ଦିଅନାହିଁ ମାରି ।
ଘୋଷାବିଦ୍ୟା ପୁସ୍ତକ ବସ୍ତାନିର ବୋଝ
ଦରୋଟି ଶିଶୁ ପାଇଁ ଚାପ ବୋଲି ବୁଝ।
ଶିଶୁ ଙ୍କୁ ଶିଶୁ ଙ୍କ ଭଳି ବଂଚିବାକୁ ଦିଅ
ତାହା ପାଇଁ ସମୟରେ କଞ୍ଜୁସ ନହୁଅ।
ଜୀବନ୍ତ ଭିତରେ ସିଏ ମଧୁମୟ ହେଉ
ଯନ୍ତ୍ର ମାନବ ତାହାକୁ କେହି ତ ନକହୁ ।

+ସହକାରୀ ଶିକ୍ଷକ
ସହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ
ଶିଖପାଲ୍ଲୀ, ମାଲକାନଗିରି, ଓଡ଼ିଶା
ମୋ :-୭୬୮୩୯୨୦୨୩୧

## ସୁଭାଷ ବୋଷ

ଆଦ୍ୟାଶା ମହାପାତ୍ର

ଜାନକୀନାଥ ଓ ପ୍ରଭାବତୀଙ୍କର
କୋଳ କରିଣ ମଣ୍ଡନ
ଜନମ ହୋଇଲ କଟକରେ ତୁମେ
ଉତ୍କଳ ହୋଇଲା ଧନ୍ୟ ।

ଶୈଶବରୁ ତୁମ ନିର୍ଭୀକତା ଗୁଣ
ସହସା ପଡିଲା ଜଣା
ତୁଳସୀର ବାସ ଭରେ ଚଉପାଶ
ଦୁଇ ପତ୍ର କିବା ଉଣା ।

ପ୍ରତି ଶିକ୍ଷକଙ୍କ ଅତି ଆଦରର
ସୁଭାଷ ଉତ୍ତମ ଛାତ୍ର
ବିବେକାନନ୍ଦଙ୍କ ଜୀବନ ଦର୍ଶନେ
ହୋଇଥିଲ ଅଭିଭୂତ ।

ଭାରତ ମାତାର ଆକୁଳ ଚିତ୍କାର
ସହିଲାନି ତୁମ ହୃଦ
ଛାଡିଲ ପଦବୀ ସୁଖ ବଇଭବ
ସେବିଲ ମାଟି ମା' ପାଦ ।

ଗୋରା ସରକାର ବିରୁଦ୍ଧରେ ପରା
ତୁମେ ହେଲ ଅଗ୍ରସର
ଫଉଜଟେ ଗଢି ବିଦେଶରୁ ଦେଲ
'ଦିଲ୍ଲୀ ଚଲୋ'ର ହୁଙ୍କାର ।

ଗୁଳିର ଜବାବ ଗୁଳିରେ ଦେବାକୁ
ଥିଲା ପରା ତୁମ ଡାକ
ଆଜାଦ୍ ହିନ୍ଦ୍ କଣ୍ଠରୁ ନିଃସୃତ
'ଜୟହିନ୍ଦ୍' ହେଲା ଖ୍ୟାତ ।

ଭାରତୀୟ ହାତେ ଅସ୍ତ୍ରଶସ୍ତ୍ର ଦେଖି
ଇଂରେଜ ହୋଇଲା ଭୀତ
ସ୍ୱେଚ୍ଛାଚାର ଓ ଦମନ ଲୀଳାର
ଶାସନ ହେଲା ସମାପ୍ତ ।

+ନୂଆପଡା, କଟକ



## ଆମ ଘର

ଝରଣା ବାରିକ

ଆମ ଘର ଦିଶୁଥାଏ
ସତେ କେଡ଼େ ସୁନ୍ଦର,
ଏକତା ଡୋରୀରେ ବନ୍ଧା
ସତେ ଶିରି ମନ୍ଦିର।

ଦିନ କଟେ ପାଠ ପଢା
ସାଙ୍ଗ ସାଥି ମେଳରେ
ବାଗୁଡ଼ି ଡାବଲ ପୁଆ
କେତେ ପୁଣି ଖେଳରେ।

ସଞ୍ଜ ହେଲେ ବୋଉ ମୋର
ସଞ୍ଜ ବତୀ ଜାଳଇ,
କସ୍ତୁରୀ ଚନ୍ଦନ ବାସ
ଅଗଣା ରେ ବାସଇ।

ପଢୁ ଆମେ ବହିଖୋଲି
ସାଙ୍ଗ ହୋଇ ଏକାଠି
ସରଗ ଠୁ ଶାନ୍ତି ମିଳେ
ଆମ ପାଇଁ ଏଇଠି।

ଆଈ ଖୋଲେ ଗପ ପେଡ଼ି
ବୁଢ଼ୀ ଅସୁରୁଣୀ ର।
ଅଜା ଙ୍କ ପୁରାଣ କଥା
ଲାଗେ କେତେ ମଧୁର

ବୋଉ ହାତ ରନ୍ଧା ଲାଗେ
ଖାଇ ବାକୁ ସୁଆଦ,
ପରସ୍ପର ଥାଏ ସ୍ନେହ
ଥାଏ ପୁଣି ଦରଦ।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# ଚାକିରି ଦେବା ନାମରେ ୧୨୫ ଜଣ ଯୁବକ ଯୁବତୀଙ୍କୁ ଠକେଇ

ବଲାଙ୍ଗିର, ୧୯/୦୭ (ନି.ପ୍ର): ଚାକିରି ଦେବା ନାଁ ରେ ୧୨୫ ଜଣ ଯୁବକ ଯୁବତୀଙ୍କୁ ଠକେଇ । ବଲାଙ୍ଗିର ଜିଲ୍ଲାରେ ଏଭଳି ଏକ ବଡ ଧରଣର ଠକେଇ ଅଭିଯୋଗ ଆଜି ସାମ୍ନାକୁ ଆସିଛି । ଗ୍ୟାସ କମ୍ପାନୀରେ କାମ ଦେବାକୁ କହି ଏହି ଯୁବକ ଯୁବତୀଙ୍କ ଠାରୁ ଝାରସୁଗୁଡାର ଜଣେ ଯୁବକ ୩୭ ହଜାର ୫୦୦ ଟଙ୍କା ଠକି ନେଇଥିବା ଅଭିଯୋଗ କରି ଠକେଇର ଶିକାର ହୋଇଥିବା ଯୁବକ ଯୁବତୀ ମାନେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକାରିଣୀ ଶିବାନୀ ମିଶ୍ରଙ୍କ କହିବା ଅନୁସାରେ, ସେ ଫେସବୁକରେ ଏକ ବିଜ୍ଞାପନ ଦେଖି ଦିଆଯାଇଥିବା ନମ୍ବରରେ କଲ କରିଥିଲେ । ସେପଟୁ ଫୋନ ଉଠାଇଥିବା ଯୁବକ ନିଜର ନାମ ସୋରିନ କୁମାର ଶତପଥୀ ବୋଲି କହିବା ସହ, ଝାରସୁଗୁଡାରେ ତାଙ୍କର ଶ୍ରୀ ଏଜେନ୍ସି ଗ୍ୟାସ ପ୍ରାଇଭେଟ ଲିମିଟେଡ଼ ନାମରେ ଏକ କମ୍ପାନୀ ରହିଥିବା କହିଥିଲେ । ଶିବାନୀଙ୍କୁ ଟେଲି କଲର ମ୍ୟାନେଜର ଭାବରେ ଦାୟିତ୍ୱ ଦେଇ ୩୩ ହଜାର ଟଙ୍କା ଦରମା ଦେବେ ବୋଲି କହିଥିଲେ । ସୋରିନଙ୍କ କଥାରେ ବିଶ୍ୱାସ କରି ଶିବାନୀ ତାଙ୍କୁ ପ୍ରମାଣପତ୍ର ଏବଂ ୩୦୦ ଟଙ୍କା ଫିଜ ଦେଇଥିଲେ । ଏହାପରେ ସେ ଆହୁରି ୩୦ ଜଣ ଏଜେଣ୍ଟଙ୍କୁ ଯୋଡିବାକୁ କହିଥିଲେ । ଶିବାନୀ ନିଜର ଚିହ୍ନା ପରିଚିତ ୩୦ ଜଣ ସାଙ୍ଗସାଥିଙ୍କୁ କହି ପ୍ରମାଣପତ୍ର ଓ ୩୦୦ ଟଙ୍କା ଦେଇଥିଲେ । ଏହା ପରେ ସୋରିନ ପୁଣି ୯୦ ଜଣଙ୍କୁ ଯୋଡିବାକୁ କହିଥିଲେ । ଏମିତି ଭାବରେ ମୋଟ ୧୨୫ ଜଣଙ୍କ ଠାରୁ ୩୭ ହଜାର ୫୦୦ ଟଙ୍କା ନେବା ପରେ ସୋରିନ ଏବେ କୁଆଡେ ଉଭାନ ହୋଇଯାଇଥିବା ଯୁବତୀ ଜଣକ କହିଛନ୍ତି । ଠକେଇର ଶିକାର ହୋଇଥିବା ଜାଣି ଯୁବକ ଯୁବତୀମାନେ ଆଜି ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଯଥା ଶୀଘ୍ର ସେହି ଠକକୁ ଧରି ଉଚିତ ଦଣ୍ଡ ଦେବାକୁ ଦାବି କରିଛନ୍ତି ।

# ବାରମ୍ବାର ଦାବି ପରେ ନିରାଶ ହୋଇ ନିଜ ଖର୍ଚ୍ଚରେ ପୋଲ ନିର୍ମାଣ କଲେ ଗ୍ରାମବାସୀ

କନ୍ଧମାଳ, ୧୯/୦୭ (ନି.ପ୍ର): ସରକାର ଗ୍ରାମାଚଂଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ଟଙ୍କା ସବୁର ସତ ରେ ବିନିଯୋଗ ହୋଇପାରୁନି । ଫଳରେ ଗ୍ରାମାଚଂଳରେ ବସବାସ କରୁଥିବା ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳୁଛି । କିଛି ଗ୍ରାମାଚଂଳରେ ବସବାସ କରୁଥିବା ଜନସାଧାରଣ ପ୍ରଶାସନ ଉପରେ ଭରଷା ନକରି ନିଜ ଅଂଚଳର ସମସ୍ୟା ସୁଧାରିବାକୁ ଚେଷ୍ଟା ପଦକ୍ଷେପ ଗ୍ରହଣ କରିଛନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଂଚାୟତର ଡ଼ାଙ୍ଗଣାମୁ ଗ୍ରାମର କୁଜେଣ୍ଡି ନଦୀରେ । ଉପର ଡାଙ୍ଗଣାମୁ ଏବଂ ତଳ ଡାଙ୍ଗଣାମୁ ଗ୍ରାମର ଜନସାଧାରଣ ମିଶି ଏହି ନଦୀ ଉପରେ ପ୍ରତିବର୍ଷ ପୋଲ ନିର୍ମାଣ କରି ଆସୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ, କୁଜେଣ୍ଡି ନଦୀର ଏପାରିରେ ପଂଚାୟତ କାର୍ଯ୍ୟାଳୟ ରହିଥିବା ବେଳେ ଆର ପାରିରେ ବୁରେଗିମାସ୍କା, ଲାକାସିର୍ପି, ପିଲିପଦର, ଭାତକୁର ଓ ମାନପଦର ଗ୍ରାମ ରହିଛି । ସବୁ ଗ୍ରାମର ଘର ସଂଖ୍ୟା ମିଶି ପାଖାପାଖି ୯୦ ଘର ହେବ । ହେଲେ ଅନେକ ସମୟରେ ଏହିସବୁ ଗ୍ରାମରେ ବସବାସ କରୁଥିବା ଲୋକେ ପଂଚାୟତ କାର୍ଯ୍ୟପାଇଁ ନଦୀ ପାର ହୋଇ କି ଲୁଇସିଂ କୁ ଆସୁଥିବା ବେଳେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ମଧ ଏପାରିରେ ରହିଛି । ତେଣୁ ପ୍ରତିଦିନ ସେପାରିରେ ରହୁଥିବା ଜନସାଧାରଣ ଏପାରିକୁ ଯିବାଆସିବା କରିଥାନ୍ତି । ନଦୀରେ ପୋଲ ନଥିବା ଯୋଗୁଁ ବର୍ଷା ଦିନ ଆସିଲେ ସେପାରିରେ ରହୁଥିବା ଜନସାଧାରଣ ତଥା ଲୁଇସିଂ ଗ୍ରାମର ଜନସାଧାରଣ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ପ୍ରତିବର୍ଷ ନଦୀ ଉପରେ ବାଉଁଶ ପୋଲ ତିଆରିକରି ଜନସାଧାରଣଙ୍କ ପାଇଁ ଯାତାୟାତର ବ୍ୟବସ୍ଥା କରୁଛନ୍ତି । ହେଲେ ଏକ ବର୍ଷ ମଧ୍ୟରେ ଖରାବର୍ଷା ଯୋଗୁଁ ପୋଲଟି ନଷ୍ଟ ହୋଇଯାଉଛି । ତେଣୁ ଅଂଚଳବାସୀ ନଦୀରେ ସ୍ଥାୟୀପୋଲ ଟିଏ ନିର୍ମାଣ ପାଇଁ ବାରମ୍ବାର ଦାବୀ କରୁଥିବା ସତ୍ତ୍ୱେ ଏଯାଏଁ ଏହି ନଦୀରେ ସ୍ଥାୟୀ ପୋଲଟିଏ ନିର୍ମାଣ ହୋଇ ନଥିବାରୁ ସ୍ଥାନୀୟଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ନେଇ ବିଡ଼ିଓଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ତଦନ୍ତ କଲାପରେ ହିଁ ପଦକ୍ଷେପ ନିଆଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହି ଅଂଚଳ ଦୁର୍ଗମ ଅଂଚଳ ହୋଇଥିବାରୁ ଏଯାଏଁ ପ୍ରଶାସନର ନଜରକୁ ଆସିପାରିନି ଓ ନଦୀରେ ପୋଲ ନଥିବା ଯୋଗୁଁ ଅଂଚଳବାସୀ ବିଶେଷ କରି ବର୍ଷାଦିନ ମାନଙ୍କରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ଯଥାଶୀଘ୍ର ଉକ୍ତ ନଦୀ ଉପରେ ପୋଲଟିଏ ନିର୍ମାଣ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଗ୍ରାମ ପଂଚାୟତ ୱାର୍ଡ ସଭ୍ୟମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର

ଜୟପୁର, ୧୯/୦୭ (ନି.ପ୍ର): ଜୟପୁର ବ୍ଲକ ସଭାଗୃହ ଠାରେ ଆଜି ଗ୍ରାମ ପଂଚାୟତ ୱାର୍ଡ ସଭ୍ୟ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ବ୍ଲକ ଅନ୍ତର୍ଗତ ବଡଜୀଉନା, ଜାମୁଣ୍ଡା, ପୁଜାରିପୁଟ,ଧନପୁର, ଡଙ୍ଗରଛିଂଚି, ଟାଙ୍ଗୁଆ ଗ୍ରାମ ପଂଚାୟତର ସମସ୍ତ ୱାର୍ଡ ସଭ୍ୟ ଯୋଗ ଦେଇଥିଲେ । ଡିବିଆରସି ପକ୍ଷରୁ ଆୟୋଜିତ ଏହି ଶିବିରରେ ଏସଆଇଆରଡି ଦ୍ୱାରା ମନୋନୀତ ସୁରେଶ କୁମାର ହୋତା ଏବଂ ଗୋପୀନାଥ ପ୍ରଧାନୀ ତାଲିମ୍ ପ୍ରଦାନ କରିଥିଲେ । ବିଶେଷ କରି ସେମାନଙ୍କ ଅଧିକାର, କର୍ତବ୍ୟ ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଧାରଣା ପ୍ରଦାନ କରିଥିଲେ । ପଂଚାୟତର କିଭଳି ନିଜସ୍ୱ ଆୟ ବୃଦ୍ଧି ହେବ, ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଂପର୍କରେ ମଧ ସଭ୍ୟ ମାନଙ୍କୁ ପ୍ରଶିକ୍ଷିତ କରାଯାଇଥିଲା । ଦୁଇ ବର୍ଷ ପରେ କିଭଳି ସରପଂଚ ମାନଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ, ଗ୍ରାମ ପଂଚାୟତର ଉନ୍ନୟନ ପ୍ରକଳ୍ପ କିଭଳି ଆଗତ କରାଯାଇ ପାରିବ, ସେଥିରେ ୱାର୍ଡ ସଭ୍ୟମାନଙ୍କ କିଭଳି ଭୂମିକା ରହିବ, ସେମାନଙ୍କ ଭାଗୀଦାରି, ପଂଚାୟତରାଜ ବ୍ୟବସ୍ଥାରେ ସେମାନଙ୍କ ଭୂମିକା ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେଜିଲା ପଂଚାୟତ ଅଧିକାରି ଯୁଗଳ କିଶୋର ନାୟକ ,ଜୟପୁର ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ କୁମାର ନାୟକ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଭାଗୀରଥି ନାୟକ, ପେସା ସଂଯୋଜିକା ମଧୁସ୍ମିତା ସିଂ, ଡିବିଆରସି ମିରାବାଇ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମିଲ୍ ମାଲିକଙ୍କୁ ଅପହରଣ ମାମଲା, ଅପହରଣକାରୀଙ୍କଠାରୁ ୨୪ ଲକ୍ଷ ୮୫ ହଜାର ଟଙ୍କା ଜବତ :୧୩ ଗିରଫ

ଜୟପୁର, ୧୯/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ତଥା ବୋରିଗୁମ୍ମା ଥାନା ଅର୍ନ୍ତଗତ ଜୟନ୍ତୀ ଗିରି ପଂଚାୟତ ଅନ୍ତର୍ଗତ ପେରାହାଣ୍ଡି ଏବଂ ଜୟନ୍ତୀ ଗିରି ସଂଯୋଗ କରୁଥିବା କେନାଲ୍ ରାସ୍ତା ଉପରୁ ଶ୍ରୀ ଲକ୍ଷ୍ମୀ ଭେଙ୍କଟସ୍ ରାଇସ୍ ମିଲ୍ ମାଲିକ ଏ ରମେଶ ପାତ୍ରଙ୍କୁ କିଛି ଦୁର୍ବୃତ ଅପହରଣ କରି ନେଇଥିଲେ। ଯାହାକି କୋରାପୁଟ ଜିଲ୍ଲାରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଆଜି କୋରାପୁଟ ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଆଜି ଅପରାହ୍ନ ୩ଟା ୩୦ ସମୟରେ ବୋରିଗୁମ୍ମା ଥାନାରେ କୋରାପୁଟ ଏସପି ଅଭିନବ ସୋନକର ଏକ ସାମ୍ବାଦିକ ସମ୍ମିଳନୀ କରି ଏହାର ପର୍ଦ୍ଦାଫାଶ କରିଛନ୍ତି। ଏହି ଘଟଣାରେ ଗତ ୧୪ ତାରିଖ ରାତିରେ ମିଲ ମାଲିକ ଏ. ରମେଶ ପାତ୍ରଙ୍କୁ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଥିଲା। ଅପହରଣକାରୀ ମାନେ ମିଲ୍ ମାଲିକ ଏ. ରମେଶ ପାତ୍ରଙ୍କ ପରିବାର ଲୋକଙ୍କୁ ପ୍ରଥମେ ୯୦ ଲକ୍ଷ ଟଙ୍କା ମାଗିଥିଲେ। ଏହା ପରେ ୭୦ ଲକ୍ଷ ଟଙ୍କା ମାଗିଥିଲେ। ପରିବାର ଲୋକେ ଭୟଭୀତ ହୋଇ ଅପହରଣକାରୀ ମାନେ ଦେଇଥିବା ଏକ ନିର୍ଦ୍ଦିଷ୍ଟ କୁମୁଲିପୁଟର ଏକ ସ୍ଥାନରେ ଯାଇ ୨୫ ଲକ୍ଷ ଟଙ୍କା ଦେଇଥିବା ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଆରକ୍ଷୀ ଅଧିକ୍ଷକ କହିଛନ୍ତି। କେସ୍ ନଂ ୧୬୪/୨୦୨୪ କୁ ଆଧାର କରି ପୋଲିସ ତଦନ୍ତ କରି ସେମିଳିଗୁଡା ଥାନା ଅର୍ନ୍ତଗତ ଆର୍ ମାଳିଗୁଡା ଠାରେ ମିଲ୍ ମାଲିକଙ୍କୁ ଉଦ୍ଧାର କରିଥିବା ସୂଚନା ଦେଇଛନ୍ତି।୧୪ ତାରିଖ ରାତିରେ ମିଲ ମାଲିକଙ୍କୁ ଉଦ୍ଧାର ପରେ ତାଙ୍କୁ ମେଡିକାଲ ଚିକିତ୍ସା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏସପି ସୂଚନା ଦେଇଛନ୍ତି। ଏହି ଘଟଣାରେ କୋରାପୁଟ ପୋଲିସ ମିଳିତ ଭାବେ ୧୩ ଜଣ ଅପହରଣକାରୀଙ୍କୁ ଗିରଫ କରିଥିବା ଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବଂ ବର୍ତମାନ ୨ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଭିଜିତ୍ ମହୁରିଆ(୨୬), ଟୁଲୁ ଖସଲା(୨୫), ରହିତ୍ ସୁନା (୨୨), ଫିରୋଜ ନାଗ( ୨୪), ସଞ୍ଜୟ ବେନିଆ( ୨୩), ରଘୁନାଥ ହରିଜନ(୩୨), ଜୁନେଶ ପଦସେଙ୍ଗୀ( ୨୬), ମିନାକ୍ଷୀ ମହୁରିଆ (୨୮), ପ୍ରବିନା ମହୁରିଆ (୪୫), ତାରାନୁମ୍ ବେଗମ୍ (୨୨), ପ୍ରସାଦ ଖିଲ, ରୋଶନ୍ ବାଘ(୧୯) ଏବଂ ଡମ୍ବୁ ନାୟକ (୨୧)। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୮ ଜଣଙ୍କ ନାମରେ ବିଭିନ୍ନ ପ୍ରକାରର କେସ୍ ଥିବା କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମିଲ ମାଲିକଙ୍କୁ ଅପହରଣ କରିବାର ମାଷ୍ଟର ମାଇଣ୍ଡ ଜିତ୍ ମହୁରିଆ ଥିବା ଏସପି ସୂଚନା ଦେଇଛନ୍ତି। ଅଭିଜିତ୍ ମହୁରିଆଙ୍କ ନାମରେ ୧୨ ଟି କେସ୍ ରହିଥିବା ବେଳେ ରୋହିତ ସୁନାର-୧, ଟୁଲୁ ଖସଲାର- ୪, ଫିରୋଜ ନାଗ-୧, ସଞ୍ଜୟ ବେନିଆ -୪ ଟି ଜୁନେଶ ପଦସେଙ୍ଗୀ -୨, ମିନାକ୍ଷୀ ମହୁରିଆ -୧ ଏବଂ ପ୍ରବିନା ମହୁରିଆଙ୍କ ନାମରେ ୧ କେସ୍ ରହିଥିବା କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମିଲ୍ ରେ କାର୍ଯ୍ୟ କରୁଥିବା ରଘୁନାଥ ହରିଜନ ନାମକ ଡ୍ରାଇଭର ଅପହରଣ କାରୀ ମାନଙ୍କୁ ସମସ୍ତ ତଥ୍ୟ ଦେଇଥିବା ମଧ ଏସପି ଅଭିନବ ସୋନକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବର୍ତମାନ ଅପହରଣକାରୀ ମାନଙ୍କ ଠାରୁ ୨୪ ଲକ୍ଷ ୮୫ ହଜାର ଟଙ୍କା, ୨ଟି କାର୍ ୨ଟି ଖଣ୍ଡା , ଅପହରଣକାରୀଙ୍କ ବ୍ୟବହୃତ ୧୩ଟି ମୋବାଇଲ ଫୋନ୍, ବଜାଜ୍ ମୋଟର ସାଇକେଲ ୧, ପିସ୍ତଲ ୩ଟି ଜବତ କରିଥିବା ମଧ କୋରାପୁଟ ଏସପି ଅଭିନବ ସୋନକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ଜୁଲାଇ ୧୨ ତାରିଖ ରାତିରେ ମିଲ ମାଲିକ ଏ. ରମେଶ ପାତ୍ର ତାଙ୍କ ମିଲ୍ କାର୍ଯ୍ୟ ସାରି ଜୟନ୍ତୀ ଗିରି ପଂଚାୟତ ଅନ୍ତର୍ଗତ ପେରାହାଣ୍ଡି - ଜୟନ୍ତୀଗିରି କେନାଲ ରାସ୍ତା ଦେଇ କୁମୁଲି ପୁଟ ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ୨ଟି ଗାଡ଼ିରେ ଦୁର୍ବୃତ ମାନେ ମିଲ୍ ମାଲିକଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। ମିଲ ମାଲିକ ନ ଅଟକିବାରୁ ଖଣ୍ଡାରେ ମିଲ ମାଲିକଙ୍କ କାର୍ ଉପରେ ଆକ୍ରମଣ କରି କାର୍ କାଚ ଭାଙ୍ଗି ଭିତରେ ପଶି ମିଲ୍ ମାଲିକ ଏ. ରମେଶ ପାତ୍ରଙ୍କୁ ଅପହରଣ କରିଥିବା ପୋଲିସ ଗଣମାଧ୍ୟମକୁ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ଗଣମାଧ୍ୟମକୁ ସୂଚନା ଦେଇଛି। ଏବଂ ୨ ଫେରାର ଥିବା ଅଭିଯୁକ୍ତ ମାନଙ୍କୁ ମଧ ପୋଲିସ ଖୁବ୍ ଶୀଘ୍ର କାବୁ କରିବ ବୋଲି ଗଣମାଧ୍ୟମକୁ କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଛନ୍ତି। ସମସ୍ତ ବ୍ୟବସାୟୀ ଏବଂ ସାଧାରଣ ଜନତା ଭୟଭୀତ ନ ହୋଇ ପୋଲିସକୁ ସାହାଯ୍ୟ ସହଯୋଗ କରିବା ପାଇଁ କୋରାପୁଟ ଏସପି ଅଭିନବ ସୋନକର ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ପୋଲିସର ଏଭଳି କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀ ଏବଂ ସାଧାରଣ ମହଲରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ବୋରିଗୁମ୍ମା, ଜୟପୁର କୋରାପୁଟ ପୋଲିସର ମିଳିତ ଉଦ୍ୟମରେ ସମସ୍ତ ଅପହରଣକାରୀ ମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି।

ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ବୋରିଗୁମ୍ମା ଏସଡିପିଓ ତପସ୍ୱିନୀ କହଁର, ଜୟପୁର ଏସଡିପିଓ ପଙ୍କଜ ବର୍ମା, ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସା ପ୍ରମୁଖ ଉପସ୍ଥିତ ରହିଥିଲେ।

# କାଲିମେଳା ବ୍ଲକ ନୂତନ ବିଧାୟକ ପ୍ରତିନିଧି ହେଲେ ହରବିଳାସ ମଣ୍ଡଳ

ମାଲକାନଗିରି, ୧୯/୦୭ (ନି.ପ୍ର): ମାଲକାନଗିରି ନିର୍ବାଚନ ମଣ୍ଡଳୀରୁ ବିଜୟ ହୋଇ ନରସିଂହ ମାଡକାମି ବିଧାୟକ ହୋଇଥିବା ବେଳେ ଆଜି କାଲିମେଳା ବ୍ଲକ କାର୍ଯ୍ୟାଳୟରେ ବିଜେପି ଦଳର ବରିଷ୍ଠରୁ ଆରମ୍ଭ କରି ତୃଣମୂଳ ସ୍ତରରେ ଥିବା ସମସ୍ତ କର୍ମୀଙ୍କ ଉପସ୍ଥିତିରେ କାଲିମେଳା ବ୍ଲକର ନୂତନ ବିଧାୟକ ପ୍ରତିନିଧି ଭାବେ ଭୁବନପଲ୍ଲୀ ପଂଚାୟତ ଅନ୍ତର୍ଗତ ଏମ୍ ପି ଭି ୭୬ ଗ୍ରାମର ବରିଷ୍ଠ ବିଜେପି ନେତା ହରବିଳାସ ମଣ୍ଡଳଙ୍କୁ ମନୋନୀତ କରାଯାଇଛି । ଏ ସଂପର୍କରେ ବିଧାୟକ ଶ୍ରୀ ମାଡକାମି କାଲିମେଳା ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ଏହି ଉପଲକ୍ଷେ କାଲିମେଳା ବିଜେପି ମଣ୍ଡଳ ପକ୍ଷରୁ ଗୁରୁବାର ଏକ ବୈଠକ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ବିଜେପି ସଭାପତି ନିମାଇଁ ଚନ୍ଦ୍ର ପାଲ, ଭବାନୀ ଶଙ୍କର ମୁଖାର୍ଜୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସମୀର ମିସ୍ତ୍ରୀ, ଉତମ ରାୟ, ଜିଲ୍ଲା ମହିଳା ସଭାନେତ୍ରୀ ପ୍ରମିଳା ଦାସ, ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ମାଲାଭରମ ମଣ୍ଡଳ ସଭାପତି ନାରାୟଣ ସରକାର, ଗମ୍ପାକୋଣ୍ଡା ମଣ୍ଡଳ ସଭାପତି ସୁଶୀଲ କୁମାର ମଣ୍ଡଳ, ପ୍ରହଲ୍ଲାଦ ବସୁ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଏହି ଅବସରରେ ଭାରତୀୟ ଜନତା ପାର୍ଟିର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ବିଡିଓ ପ୍ରଦୀପ କରଙ୍କୁ ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ ବିଧାୟକ ଦେଇଥିବା ପ୍ରତିନିଧି ପତ୍ର ପ୍ରଦାନ କରିଥିଲେ ।ଏହି ସମୟରେ ବ୍ଲକ ର ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ । ବ୍ଲକର ବିକାଶ ତଥା ସରକାରୀ କାର୍ଯ୍ୟ ନିମନ୍ତେ ପ୍ରତିନିଧିଙ୍କର ଆବଶ୍ୟକତା ରହିଥିବା ବେଳେ ବିଧାୟକଙ୍କର ଅନୁପସ୍ଥିତିରେ ସେ କାର୍ଯ୍ୟ କରିବେ । ହରବିଳାସ ମଣ୍ଡଳ ୨୦୧୪ ମସିହାରୁ ବିଜେପିରେ ସକ୍ରିୟ କର୍ମୀ ଭାବେ ଯୋଗ ଦେଇଥିଲେ କ୍ଷ ପରେ ସେ ଜିଲ୍ଲା ସମ୍ପାଦକ, ଯୁବ ମୋର୍ଚ୍ଚା ର ଜିଲ୍ଲା ଉପ ସଭାପତି ସମେତ ଅନ୍ୟାନ୍ୟ ପଦପଦବୀରେ ରହି ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ । ବିଧାୟକ ତାଙ୍କୁ ପ୍ରତିନିଧି ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ବିଧାୟକ ଓ ଜିଲ୍ଲା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ କାଲିମେଳା ବ୍ଲକରେ ଥିବା ୩ ଟି ମଣ୍ଡଳର କର୍ମକର୍ତାଙ୍କୁ ନେଇ ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଅବଦୂତ ପ୍ରସାଦ ଦୂର୍ଗା, ଏସଟି ମୋର୍ଚ୍ଚା ସଭାପତି ରାମଚନ୍ଦ୍ର ବେଟୀ, ଜୀବନ କୃଷ୍ଣ ଦାସ, ବିଶିକେସନ ଦାସ, ରାମଚନ୍ଦ୍ର ମାଢ଼ି, ବଜା ମାଡକାମି, ରାଜେଶ ରାୟ, ରାଜେନ୍ଦ୍ର ଖିଲ, ଉତମ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଚାଷ ପାଇଁ ଗୋବରୀ କେନାଲରେ ପାଣି ଛାଡିବାକୁ ଦାବି

କେନ୍ଦ୍ରାପଡ଼ା, ୧୯/୦୭ (ନି.ପ୍ର): କୃଷି ପ୍ରଧାନ କେନ୍ଦ୍ରାପଡା ଜିଲ୍ଲାରେ ଚାଷ ପାଇଁ କେନାଲରେ ପାଣି ଛାଡିବାକୁ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀଙ୍କ ଠାରେ ଦାବି କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ଅବସର ପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ କାର୍ଯ୍ୟାଳୟ ରେ ସାକ୍ଷାତ କରି ଆଲୋଚନା କରିବା ସହ ବିଭିନ୍ନ କେନାଲ ଓ ପାଟନାଳୀ ମାନଙ୍କରେ ପାଣି ଛାଡିବା ପାଇଁ ଦାବି ଜଣାଇଛନ୍ତି । ବର୍ଷା ଋତୁରେ ନିଅଣ୍ଟିଆ ବର୍ଷା ଯୋଗୁଁ କେନାଲ, ପାଟନାଳି ଓ ଜଳାଶୟ ମାନଙ୍କରେ ପର୍ଯ୍ୟାପ୍ତ ବର୍ଷାଜଳ ନଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରି ପାରୁ ନାହାଁନ୍ତି । ତଳି ପକାଇବା ସମୟରେ ପାଣି ଆବଶ୍ୟକ ଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ପାଣିର ଅଭାବ ଦେଖା ଦେଇଛି । ତୁରନ୍ତ କେନାଲରେ ପାଣି ଛାଡିବା ପାଇଁ କର୍ମଚାରୀ ସଂଘ ସଭାପତି ଡ଼ଃ ଉପେନ୍ଦ୍ରନାଥ ପ୍ରଧାନ, ସଂପାଦକ କରୁଣାକର ଦାସ, ସଂଗଠନ ସଂପାଦକ ବୈଷ୍ଣବ ସ୍ୱାଇଁ, ଉପଦେଷ୍ଟା ଅଜୟ କୁମାର ସାମଲ ପ୍ରମୁଖ ଜଳ ସେଚନ ବିଭାଗ ଏସଡିଓ ଇଂ ଧରଣୀଧର ବେହେରା ଓ ଯନ୍ତ୍ରୀ ଇଂ ଶରତ ଚନ୍ଦ୍ର ମଲିକଙ୍କ ସହିତ ଆଲୋଚନା କରିଛନ୍ତି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉପଲକ୍ଷେ ଜାତୀୟ ସମ୍ମାନ ଅନୁଷ୍ଠିତ

ଜୟପୁର , ୧୯/୦୭ (ନି.ପ୍ର): ଓଡ଼ିଶାର ବରପୁତ୍ର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରାଜ୍ୟ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ଅବସରରେ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଙ୍କ ମିଳିତ ପୃଷ୍ଠପୋଷକତାରେ ତ୍ରି-ଦିବସୀୟ ଗଙ୍ଗାଧର ମେହେର ଜାତୀୟ ସମ୍ମାନ ତା ୧୮.୭ରେ ଉଦଘାଟିତ ହୋଇଯାଇଛି । ଏଥିରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଚକ୍ରଧର ତ୍ରିପାଠୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ ନାଗରାଜୁ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରମୁଖ ଯୋଗ ଦେଇଥିଲେ । ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମାନର ଶୁଭାରମ୍ଭ କରିବା ପରେ ଓଡ଼ିଆ ବିଭାଗ ମୁଖ୍ୟ ତଥା ସମ୍ମାନର ସଂଯୋଜିକା ଡ. ରୁଦ୍ରାଣୀ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ । ପ୍ର. ଚକ୍ରଧର ତ୍ରିପାଠୀ ସମାରୋହକୁ ଉଦଘାଟନ କରି କହିଥିଲେ, ଏକତା ହିଁ ବଳ, ମାତ୍ର ସାହିତ୍ୟ ନିଜର ଆକର୍ଷଣୀୟ ଶକ୍ତି ବଳରେ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖି ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିଥାଏ । କବି ଗଙ୍ଗାଧରଙ୍କ ସାଧନା ବିଷୟ ଉପସ୍ଥାପନ କରି ସେ ପୁଣି କହିଲେ, ପରାଧୀନ ଭାରତରେ ବିଦୀର୍ଣ୍ଣ ଭାରତୀୟ ସମାଜ ଓ ସଂସ୍କୃତିର ପୁନରୁଦ୍ଧାର କରି ଉତ୍କଳ ଖଣ୍ଡରେ ସଂହତି ଆଣିବାରେ ସେ ପୁରୋଧା ଥିଲେ । ତାଙ୍କ ସାହିତ୍ୟ ଓ ସାଧନା ଆଜି ପୁଣି ଆଞ୍ଚଳିକତା ଦୂରକରି ଆତ୍ମନିର୍ଭର ଓଡ଼ିଶା ଗଠନ ନିମନ୍ତେ ଅତ୍ୟନ୍ତ ପ୍ରାସଙ୍ଗିକ। ମୁଖ୍ୟଅତିଥି ପ୍ର. ଏନ. ନାଗରାଜୁ କହିଲେ କବି ଗଙ୍ଗାଧରଙ୍କ ସାହିତ୍ୟ ଓଡ଼ିଶାର ସୀମା ଟପି ରାଷ୍ଟ୍ର ତଥା ବିଶ୍ୱକୁ ସ୍ପର୍ଶ କରିବାର ଶକ୍ତି ଧାରଣ କରିଛି । ଏଥି ନିମନ୍ତେ ଏହିପରି ସାମୂହିକ ଉଦ୍ୟମ ହେବା ନିତାନ୍ତ ଆବଶ୍ୟକ। ସେମିନାରରେ ବୀଜବକ୍ତବ୍ୟ ଉପସ୍ଥାପନ କରି ଥିଲେ ପଦ୍ମଶ୍ରୀ ଦମୟନ୍ତି ବେଶ୍ରା । ସାନ୍ତାଳୀ ଭାଷାର ସାହିତ୍ୟ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ର. ବେଶ୍ରା କହିଲେ, ଗଙ୍ଗାଧରଙ୍କ ସାହିତ୍ୟ ଶାଶ୍ୱତ ମୂଲ୍ୟବୋଧର ପରିଚାୟକ । ଏହାର ଚର୍ଚ୍ଚା ଓ ଗବେଷଣା ଉପରେ ଆମର ବିକଶିତ ଭବିଷ୍ୟତ ନିର୍ଭରଶୀଳ। ଉଦଘାଟନୀ ସମାରୋହରେ କବି ଗଙ୍ଗାଧର ଆଲୋଚନାରେ ସମୃଦ୍ଧ 'ଗଙ୍ଗାଧର ମେହେର : ଆଲୋଚନା ସଂଗ୍ରହ' ଶୀର୍ଷକ ଏକ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗର ବରିଷ୍ଠ ସହକାରୀ ଅଧ୍ୟାପକ ଡ. ଆଲୋକ ବରାଳ ମଂଚ ପରିଚାଳନା କରିଥିଲାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କଲ୍ୟାଣୀ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୧୯/୦୭ (ନି.ପ୍ର): କଲ୍ୟାଣି ମହାସଂଘର କାର୍ଯ୍ୟକାରିଣି ବୈଠକ ଆଜି ଜୟପୁର ମିଶନ ଶକ୍ତି ଗୃହରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସିଡିପିଓ ସୁଚିତା ପଣ୍ଡା, ଡିପିସି ମିଶନ ଶକ୍ତି ଜୟକୃଷ୍ଣ ମହାପାତ୍ର, ବିପିସି ମିଶନ ଶକ୍ତି ସ୍ୱାତି ପଟ୍ଟନାୟକ, ବିପିଏମ ନମିତା ତ୍ରିପାଠି, କଲ୍ୟାଣି ମହାସଂଘର ସଭାପତି ଲକ୍ଷ୍ମୀ ନାୟକ ସମ୍ପାଦକ ସୁଜାତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଗୋଟିଏ ଗଛ ମା ଙ୍କ ନାମରେ କିପରି ସଫଳ ହେବ, ଜୀବନ ଜୀବିକା କାଯ୍ୟ ସମିକ୍ଷା କରାଯାଇଥିଲା । ଏସଏଚଜି ଗ୍ରୁପର ସଦସ୍ୟଙ୍କୁ କେମିତି ବିଭିନ୍ନ ଜୀବନ ଜୀବିକା କାଯ୍ୟରେ ନିୟୋଜିତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା।

# ବିଜ୍ଞାନ ଜ୍ୟୋତି ମାଧ୍ୟମରେ ମେଧାବୀ ଛାତ୍ରୀଙ୍କୁ ପ୍ରୋତ୍ସାହନ

କୋରେଇ, ୧୯/୦୭ (ନି.ପ୍ର): ଯାଜପୁର ଜିଲ୍ଲାର ପାଣିକୋଇଲିସ୍ଥିତ ଜବାହାର ନବଦୋୟ ବିଦ୍ୟାଳୟରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଆନୁକୂଲ୍ୟରେ "ବିଜ୍ଞାନ ଜ୍ୟୋତି" କାର୍ଯ୍ୟକ୍ରମ କରାଯାଉଛି । ଜାତୀୟସ୍ତରରେ ଷ୍ଟେମ୍ ଶିକ୍ଷା ବା ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତରେ ଉଚ୍ଚଶିକ୍ଷା ଓ ମୌଳିକ ଗବେଷଣା କ୍ଷେତ୍ରରେ ଛାତ୍ରୀମାନଙ୍କ ଯୋଗଦାନ ଆଶାନୁରୂପ ହେଉନଥିବାରୁ ୯ମ ରୁ ୧୨ଶ ଶ୍ରେଣୀର ମେଧାବୀ ଛାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସହନ ଓ ମାର୍ଗଦର୍ଶନ ପ୍ରଦାନ କରାଯାଉଛି । ଏହି ଅବସରରେ ଉକ୍ତ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ଦୀକ୍ଷାଜ୍ୟୋତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନ ଜ୍ୟୋତି ପ୍ରଶିକ୍ଷଣ କାର୍ଯ୍ୟକ୍ରରେ ବିଶିଷ୍ଟ ଶିକ୍ଷାବିତ ତଥା ଗବେଷକ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନିଜେ ଆଦର୍ଶ ଶିକ୍ଷାଦାନ ଓ ତାଲିମ ମାଧ୍ୟମରେ ସେମାନେ କିପରି ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରିପାରିବେ ସେ ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଥିରେ ଉକ୍ତ ନବୋଦୟ ବିଦ୍ୟାଳୟ ସହ ସ୍ଥାନୀୟ ପାଣିକୋଲି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟଅତିଥି ରୂପେ ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀ ଗୌରହରି ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦିବ୍ୟଜ୍ୟୋତି ଜେନା, ରୋଜାଲିନ୍ ଦ୍ୱିବେଦୀ, ବିଷ୍ଣୁପ୍ରିୟା ମହାନ୍ତ, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ସାଫଲ୍ୟ ରାଉତ ଓ ଲିଜା କୁମାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ନବଦୋୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଶିକ୍ଷକ ଅଜିତ୍ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗତ ବର୍ଷ ୧୦ମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଉକ୍ତ ନବୋଦୟ ବିଦ୍ୟାଳୟର ଛାତ୍ରୀ ଶୀତଲ ତ୍ରିପାଠୀ ଓ ସର୍ବଭାରତୀୟ 'ଦିକ୍ଷିଣା' ଯୋଜନାରେ ମନୋନିତ ହୋଇଥିବା ଛାତ୍ରୀ ଅର୍ପିତା ମିଶ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜିକା କୁହେଲୀ ବୋଷ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜ୍ୟପାଳଙ୍କୁ ଡରି ତାଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ମୁଖ୍ୟମନ୍ତ୍ରୀ : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ପୁରୀ ରାଜଭବନରେ କାର୍ଯ୍ୟରତ ଓଡ଼ିଆ ଅଫିସର ବୈକୁଣ୍ଠ ପ୍ରଧାନଙ୍କୁ ମାଡ ମାରିବା ଘଟଣାରେ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଏବଂ ତାଙ୍କର ୫ଜଣ ସହଯୋଗୀଙ୍କୁ ଗିରଫ କରି ଦଣ୍ଡବିଧାନର ବ୍ୟବସ୍ଥା ନକରିବା ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ହୋଇପଡୁଛି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଡରି ତାଙ୍କ ପୁଅ ଲଳିତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ରଘୁବର ନନ୍ଦନ ଲଳିତ କୁମାରଙ୍କୁ ଗିରଫ କଲେ ହୁଏତ ତାଙ୍କର ପଦ ଚାଲିଯିବାର ଆଶଙ୍କା ରହିଛି ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେଉଁମାନେ ଓଡ଼ିଆ ଅସ୍ମିତାର ଝାଞ୍ଜ, କୀର୍ତନ କରୁଥିଲେ ସେମାନେ କେବଳ ନିର୍ବାଚନୀ ବୈତରଣୀ ପାର ହେବାପାଇଁ "ଓଡ଼ିଆ ଅସ୍ମିତା"କୁ ଅସ୍ତ୍ରଭାବେ ବ୍ୟବହାର କରୁଥିଲେ। କାରଣ ଜଣେ ଅସହାୟ ଓଡ଼ିଆକୁ ସାହାଯ୍ୟ କରିବାପାଇଁ ସେମାନେ ଆଗେଇ ଆସୁନାହାନ୍ତି। ଦଳ ଏବଂ କ୍ଷମତାର ଲୋଭରେ ଓଡ଼ିଆ ଅସ୍ମିତା କଥାକୁ ଗୌଣ କରିଦେଇଛନ୍ତି। ଏ ରାଜ୍ୟରେ ଦୁଇ ପ୍ରକାର ଆଇନ ଚାଲିବ ବୋଲି ସ୍ପଷ୍ଟ ହୋଇପଡୁଛି। ଗରିବ ଏବଂ ସାଧାରଣ ଜନତାଙ୍କ ପାଇଁ ଗୋଟିଏ ଓ କ୍ଷମାତାଶାଳୀ ଲୋକଙ୍କ ପାଇଁ ଅଲଗା। ଛାତ୍ର କଂଗ୍ରେସ ରଘୁବର ନନ୍ଦନ ଲଳିତ କୁମାରଙ୍କୁ ଦଣ୍ଡବିଧାନ ନହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବ। ଓଡ଼ିଆ ଜାତିର ଅପମାନକୁ ମୁଖ୍ୟମନ୍ତ୍ରୀ ସହି ଯାଇପାରନ୍ତି। ମାତ୍ର ଛାତ୍ର କଂଗ୍ରେସ ସହ୍ୟ କରିବ ନାହିଁ। ଛାତ୍ର କଂଗ୍ରେସର ସାଂଘାତିକ ପ୍ରତିକ୍ରିୟାର କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ସାମନା କରିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଶ୍ରୀ ନୱାଜ ଦୃଢ଼ୋକ୍ତି କରିଛନ୍ତି।

# ବ୍ଲକସ୍ତରୀୟ ଇସି ସଦସ୍ୟମାନଙ୍କ ବୈଠକ

କେନ୍ଦ୍ରାପଡ଼ା, ୧୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ସ୍ତରୀୟ ଇସି ସଦସ୍ୟ ମାନଙ୍କର ଏକ ବୈଠକ ତିନିମୁହାଣୀ ସ୍ଥିତ ଶ୍ରୀ ରାମ ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ୨୭ ଗୋଟି ଗ୍ରାମ ପଂଚାୟତ ର ମିଶନ ଶକ୍ତିର ଇସି ସଦସ୍ୟ ବା ସଦସ୍ୟା ମାନଙ୍କୁ ନେଇ ଏହି ବୈଠକରେ ଆଲୋଚନା କରା ଯାଇଥିଲା । ବୈଠକରେ ଆଭିମୁଖ୍ୟ ହେଲା ଯେ, ସଂଗଠନକୁ ଆଗକୁ ବଢାଇବା, ସଂଗଠନର ବିଭିନ୍ନ ସମସ୍ୟା ଏବଂ ନୂତନ ଭାବେ ସଭାପତି, ସଂପାଦିକା ଚୟନ କରିବା ସଙ୍ଗେ ସଙ୍ଗେ ଉପ ସଭାପତି ଚୟନକରିବା ଉପରେ ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଭରତପୁର ଗ୍ରାମ ପଂଚାୟତର ରାଜଲକ୍ଷ୍ମୀ ପଣ୍ଡାଙ୍କୁ ସଭାପତି, ବାରୋ ପଂଚାୟତ ସସ୍ମିତା ପ୍ରଧାନ ଙ୍କୁ ସଂପାଦିକା, କଂସାର ପଂଚାୟତର ବର୍ଷାରାଣୀ ଓଝାଙ୍କୁ ଉପ ସଭାପତି ଓ କୁରତଙ୍କ ପଂଚାୟତର ସୁମିତ୍ରା ନାୟକଙ୍କୁ ସହ ସଂପାଦିକା ଭାବେ ମନେନିତ କରାଯାଇଛି । ଆଗାମୀ ରବିବାର ଦିନ ପୁନଃଗଠନ ବୈଠକ ଡକାଯାଇ ଅନ୍ୟ ପଦବୀ ଗୁଡିକ ମନୋନିତ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।

# ଜିଲ୍ଲା ଶିଶୁ ସୁରକ୍ଷା କମିଟି ତଥା ଶିଶୁମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବୈଠକ ତଥା କର୍ମଶାଳା ଅନୁଷ୍ଠିତ




ବାରିପଦା, ୧୯/୭ (ନି.ପ୍ର): ଆଜି ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି ତଥା ଜିଲ୍ଲା କାର୍ଯ୍ୟକାରିଣୀ କମିଟି ପକ୍ଷରୁ ଇ ଉବଢ ରକ୍ଟକ୍ସ ଉଷସକ୍ଷୟକ୍ସରଭ ବା ଶିଶୁ ମାନଙ୍କ ପାଇଁ ଦିନ ଟିଏ କାର୍ଯ୍ୟକ୍ରମ ତଥା ସମ୍ବେଦନଶୀଳ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ ବୈଠକରେ ମୟୁରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଭାରତୀ ହାଁସଦା ଯୋଗ ଦେଇଥିଲେ। ଶିଶୁ ମାନଙ୍କ ପ୍ରକୃତ ସୁରକ୍ଷା ସେତେବେଳେ ହୋଇପାରିବ, ଯେତେବେଳେ ସେମାନେ ଉପଯୁକ୍ତ ଶିକ୍ଷା ପ୍ରାପ୍ତ କରିବେ ଏବଂ ଶିକ୍ଷା ସହିତ ସଚେତନତାକୁ ଆଧାର କରି ଶିଶୁ ଶ୍ରମିକ, ବାଲ୍ୟବିବାହ ଭଳି କୁ-ପ୍ରଥା ଦୂର ହୋଇ ପାରିବ ବୋଲି, ଶ୍ରୀମତୀ ହାଁସଦା କହିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସମସ୍ତ ଅଧିକାରୀ ତଥା ଶିଶୁ ସୁରକ୍ଷା ବିଭାଗ ସହିତ ଜଡିତ ଥିବା ସମସ୍ତ ବେସରକାରୀ ଅନୁଷ୍ଠାନ ଗୁଡିକର କର୍ମକର୍ତ୍ତାଙ୍କୁ ଜିଲ୍ଲା ଶିଶୁ ସୁରକ୍ଷାଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଙ୍କ ଦ୍ୱାରା ବିବରଣୀ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସୂଚନା ଅନୁସାରେ, ୧୧ଟି ଅନୁଷ୍ଠାନିକ ଶିଶୁ ଯତ୍ନ କେନ୍ଦ୍ର ଥିବା ବେଳେ ଏଥିରେ ୫୨୫ ଜଣ ଶିଶୁଙ୍କର ଯତ୍ନ ନିଆଯାଉଛି ଏବଂ ସେମାନଙ୍କ ଆବଶ୍ୟକୀୟ ପାଠପଢା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ମଧ କରାଯାଉଛି। ଜିଲ୍ଲାରେ ଥିବା ୪୦୪ ପଂଚାୟତ ଏବଂ ୨୬ଟି ବ୍ଲକରେ ଶିଶୁ ମାନଙ୍କ ସୁରକ୍ଷା ପାଇଁ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ବିଶେଷ କରି ମୟୂରଭଂଜ ଜିଲ୍ଲାର ୫୨୮ ଟି ଗ୍ରାମ ଏହି ଅଭିଯାନ ଦ୍ୱାରା ବାଲ୍ୟବିବାହ ମୁକ୍ତ ହୋଇଛି। ସମସ୍ତ ତଥ୍ୟକୁ ଗୁରୁତ୍ୱର ସହିତ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରିବା ସହିତ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏହି ବିଷୟ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ଭାବରେ ଗୁରୁତ୍ୱର ସହିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହି ପରିପ୍ରେକ୍ଷୀରେ ପରାମର୍ଶ ଦେବାକୁ ଯାଇ କହିଥିଲେଯେ, ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ଏହି ବିଷୟ ପ୍ରତି ସଚେତନତା ବାର୍ତ୍ତା ପ୍ରଚାର କରିବା, ପିତୃମାତୃହୀନ ଶିଶୁ ମାନଙ୍କ ପାଇଁ ଉନ୍ନତ ଜୀବନ ଶୈଳୀର ମାନଦଣ୍ଡ, ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ଚରିତ୍ର ଗଠନ ପ୍ରତି ଯତ୍ନବାନ ହେବ ଆବଶ୍ୟକ। ଯେଉଁ ଶିଶୁମାନେ ପ୍ରଶାସନ ଦ୍ୱାରା ସମସ୍ତ ସୁବିଧା ପାଉଛନ୍ତି ସେମାନଙ୍କର ସେହି ଯୋଜନା ଅନ୍ତର୍ଗତ ଉନ୍ନତିମୂଳକ ପ୍ରଗତି-ପତ୍ର ଉପସ୍ଥାପନା କରାଯିବ। ଶିଶୁ ମାନଙ୍କ ବିରୋଧରେ ହେଉଥିବା ସାଇବର ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି, ଏବଂ ଏହି ସମସ୍ତ କାର୍ଯ୍ୟକଳାପକୁ ତୁରନ୍ତ ରୋକିବା ପାଇଁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପଂଚାୟତରେ ବାଳିକା ପଂଚାୟତ ସ୍ଥାପନ କରିବା ଏବଂ ଏହି ଶିଶୁ ମାନଙ୍କର ଜୀବନଚର୍ଯ୍ୟା ତଥା ଜୀବନଶୈଳୀରେ ପ୍ରଗତି ସଂକଳନ କରି ଏହାକୁ କିଭଳି ତ୍ୱରାନ୍ୱିତ କରିହେବ ସେ ବିଷୟରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଯେଉଁ ଶିଶୁ ମାନେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ଏବଂ ପ୍ରଶାସନର ଔପଚାରିକତା ପରେ ସେମାନେ ସାଧାରଣ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କର ଜୀବନଶୈଳୀରେ ଆଉ କିଭଳି ଉନ୍ନତି ହୋଇପାରିବ ସେଥିପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଅନନ୍ତ ପଦ୍ମନାଭ ମହାମାନସିଂ କରିଥିବା ବେଳେ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଶ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣଚନ୍ଦ୍ର ସେଠି, ଜିଲ୍ଲା ରୋଜଗାର ଅଧିକାରୀ, ଶ୍ରୀ ଆଶିଷ ବସନ୍ତିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ସମସ୍ତ ଶିଶୁ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟ କରୁଥିବା ପ୍ରମୁଖ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ମୁଦାଲା ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୧୯/୭ (ନି.ପ୍ର): ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରାଧୀନ ତିନି ମୁଦାଲା ନିର୍ଦ୍ଦୋଷ ରେ ଖଲାସ । ବିବରଣୀ ଅନୁଯାଇ ୨୦୧୧ମସିହା ନଭେମ୍ବର ମାସରେ ବାଲିଗୋହିରି ଶନି ମନ୍ଦିର ଛକରେ ଉକ୍ତ ଗ୍ରାମର ବସନ୍ତ ମହାପାତ୍ର, ତାଙ୍କ ପୁଅ ଗୁଡୁ ମହାପାତ୍ର ଓ ପୁତୁରା ଅବଦୁଲ ମହାପାତ୍ର ମିଳିତ ଭାବେ ଉକ୍ତ ଗ୍ରାମର ଶଙ୍କର ଦଳେଇ ଓ ତାଙ୍କ ଭାଇ ଖଗେନ୍ଦ୍ର ଦଳେଇ ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସୂଚନା ଥାଉକି ଗତ ୧୩/୧୧/ ୨୦ ୨୧ରିଖରେ ଗୁଡୁ ମହାପାତ୍ର ଦ୍ରୁତ ଗତିରେ ନିଜ ବାଇକ କୁ ଚଲାଇ ଆସୁଥିବା ବେଳେ ଶଙ୍କର ଦଳେଇ ଓ ତାଙ୍କ ଭାଇ ଖଗେନ୍ଦ୍ର ଦଳେଇ ପ୍ରତିବାଦ କରିବାରୁ, ଏଥିରେ କ୍ରୋଧାନ୍ୱିତ ହୋଇ ଉପରୋକ୍ତ ତିନି ଅଭିଯୁକ୍ତ ଏହି ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଅବଦୁଲ ମହାପାତ୍ର ଏକ ପ୍ଲାସରେ ଉଭୟଙ୍କ ମୁଣ୍ଡରେ ପିଟି ଲହୁ ଲୁହାଣ କରିଦେଇଥିଲା । ଉଭୟପକ୍ଷଙ୍କ ଏତଲା ମୂଳେ ନୀଳଗିରି ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଥିଲା । ସାକ୍ଷ୍ୟ ପ୍ରମାଣ ଓ କାଗଜାତକୁ ଭିତ୍ତିକରି ଦୀର୍ଘ ଶୁଣାଣୀ ପରେ ୧୯/୭/ ୨୦୨୪ରିଖରେ ମାନ୍ୟବର ସହକାରୀ ଦୌରାଜଜ ନୀଳଗିରି ଶ୍ରୀମତୀ ସୁନନ୍ଦା ପ୍ରଧାନ ଅଭିଯୁକ୍ତ ମାନଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତ ମାନଙ୍କ ତରଫରୁ ଆଇନଜ୍ଞ ଅମୀୟ କୁମାର ନାୟକ ଓ ବିନୟ କୁମାର ପ୍ରଧାନ ମକଦ୍ଦମା ଲଢୁଥିଲେ ।

## ୱାର୍ଡ ସଭ୍ୟମାନଙ୍କୁ ପ୍ରଶିକ୍ଷଣ

ଜୟପୁର, ୧୯/୭ (ନି.ପ୍ର): ଜୟପୁର ବ୍ଲକ ସଭାଗୃହ ଠାରେ ଆଜି ଗ୍ରାମ ପଂଚାୟତ ୱାର୍ଡ ସଭ୍ୟ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ବ୍ଲକ ଅନ୍ତର୍ଗତ କୁମୁଲିପୁଟ, କାଳିଆ ଗାଁ,କଙ୍ଗା, ଫାମ୍ପୁଣି, ରାଣିଗଡ, ଉମୁରି ଗ୍ରାମପଂଚାୟତର ସମସ୍ତ ୱାର୍ଡ ସଭ୍ୟ ଯୋଗ ଦେଇଥିଲେ । ଡିବିଓ ?ସି ପକ୍ଷରୁ ଆୟୋଜିତ ଏହି ଶିବିରରେ ଏସଆଇଆରଡି ଦ୍ୱାରା ମନୋନୀତ ସୁରେଶ କୁମାର ହୋତା ଏବଂ ଗୋପୀନାଥ ପ୍ରଧାନୀ ତାଲିମ୍ ପ୍ରଦାନ କରିଥିଲେ । ବିଶେଷକରି ସେମାନଙ୍କ ଅଧିକାର, କର୍ତବ୍ୟ ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଧାରଣା ପ୍ରଦାନ କରିଥିଲେ ।

# ଘରୋଇ ଡାକ୍ତରଖାନାରେ ଯାଞ୍ଚ ହେଉନି ଅଗ୍ନି ନିରାପତ୍ତା ବ୍ୟବସ୍ଥା

### ଅଧିକାରୀ ବିନା ଯାଞ୍ଚରେ ଅନୁମତି ପ୍ରଦାନ କରୁଥିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି

ଖୋର୍ଦ୍ଧା, ୧୯/୭ (ନି.ପ୍ର): ଅନେକ ସମୟରେ ଅନେକ ଘରୋଇ ଡାକ୍ତର ଖାନରେ ଅଗ୍ନିକାଣ୍ଡ ଘଟିବ ଦୃଶ୍ୟ ଦେଖିବାକୁ ମିଳୁଛି । ଏବଂ ସେହି ଅଗ୍ନି କାଣ୍ଡ ଦ୍ୱାରା ଅନେକ ନିରୀହ ରୋଗୀ ତାଙ୍କର ମୂଲ୍ୟବାନ ଜୀବନକୁ ହରାଇଛନ୍ତି । ଯାହାକୁ ନେଇ ସରକାର ରାଜ୍ୟରେ ଯେତେ ଘରୋଇ ଡାକ୍ତର ଖାନା ରହିଛି ସବୁ ଗୁଡିକ ଅଗ୍ନି ନିରାପତା ବ୍ୟବସ୍ଥାକୁ କଡା କଡୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏବଂ ରୋଗୀ ମନକୁ ସୁରକ୍ଷିତ ଭାବରେ ସେବା ଯୋଗାଇଦେବା ପାଇଁ ନିୟମକୁ କଡାକଡି କରାଯାଇଛି । ତେବେ ଏହା କେବଳ କାଗଜ କଲମରେ ରହିଥିବା ବେଳେ ଏହି ନିୟମକୁ ସରକାରୀ ବାବୁ ମାନେ କାର୍ଯ୍ୟକାରୀ କରିବା ପାଇଁ ଆନ୍ତରିକତା ନଥିବା ଭଳି ମାନେ ହେଉଛି । କାରଣ ଯେଉଁ ଘରୋଇ ଡାକ୍ତର ଖାନାରୁ ପୁଲ ପୁଲ ଅର୍ଥ ଲାଞ୍ଚ ନେଇ ଅନୁମତି ପ୍ରଦାନ କରିଛନ୍ତି ତାକୁ ପୁଣି କେଉଁ ମୁଁହରେ ଯାଞ୍ଚ କରିବାକୁ ଯିବେ । ଯାହାଫଳରେ ଜିଲ୍ଲାରେ ଅନେକ ଘରୋଇ ଡାକ୍ତର ଖାନା ସରକାରଙ୍କ ନିୟମକୁ ଉଲଂଘନ କରି ଛତୁ ଫୁଟିଲା ଭଳି ଘରୋଇ ଡାକ୍ତର ଖାନା ଗୁଡିକ ଖୋଲିବାରେ ଲାଗିଛି । ଏବଂ ଏହାର ଯାଞ୍ଚ ପକ୍ରୟା ଆରମ୍ଭ ଆଜି ପର୍ଯ୍ୟନ୍ତି ଜିଲ୍ଲାରେ ଆରମ୍ଭ ହୋଇନଥିବା ସାଧାରଣରେ ଅଭିଯୋଗ ହେଉଛି । ଏହା କେବଳ ଗୋଟିଏ କି ଦୁଇଟି ଘରୋଇ ଡାକ୍ତର ଖାନା ନୁଁହ ଏପରିକି କିଛି ବର୍ଷ ମଧ୍ୟରେ ଜିଲ୍ଲାରେ ୨୫୨ ଟି ଘରୋଇ ଡାକ୍ତର ଖାନା ଖୋଲି ଯାଇଛି । ଯଦିଓ ଏହି ଘରୋଇ ଡାକ୍ତର ଖାନା ଗୁଡିକୁ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅନୁମତି ପ୍ରଦାନ କରିଛି ତେବେ ହାତଗଣତି କେତୋଟି ଡାକ୍ତର ଖାନାକୁ ଛାଡିଦେଲେ ଅନ୍ୟ କେଉଁ ଡାକ୍ତରଖାନାରେ ଅଗ୍ନି ନିରାପତା ବ୍ୟବସ୍ଥା ନଥିବା ଜଣାପଡୁଛି । ଏହିପରି କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ କିପରି ଅନୁମତି ପ୍ରଦାନ କରିଛନ୍ତି ତାକୁ ନେଇ ଜିଲ୍ଲାରେ କଳ୍ପନା ଜଳ୍ପନା ଜାରି ରହିଛି । ଡାକ୍ତର ଖାନା ଅନୁମତି ପ୍ରଦାନ କରିବା ପୂର୍ବରୁ ସରକାରୀ ନିୟମ ଅନୁଯାଇ ଡାକ୍ତରଖାନାରେ ଯାହା ରହିବ କଥା ତାହା ଅଛିକି ନାହିଁ ତାହାର ଯାଞ୍ଚ ଅଧିକାରୀ ମାନେ ନକରି ଅର୍ଥ ଲୋଭରେ ଅନୁମତି ବେଆଇନ ଭାବରେ ପ୍ରଦାନ କରିଥିବା ସାଧାରଣରେ ଅଭିଯୋଗ ହେଉଛି । ଯାହାର ଫଳ ସ୍ୱରୂପ କିଛି ନିରୀହ ରୋଗୀଙ୍କୁ ଏହାର ପରିଣାମ ଭୋଗିବାକୁ ପଡୁଥିବା ବୁଦ୍ଧିଜୀବୀ ମହଲରୁ ପ୍ରକାଶ ପାଉଛି । ତେବେ ଏହିପରି ବେଆଇନ କାର୍ଯ୍ୟ ସ୍ୱାସ୍ଥ୍ୟ ବିଭାଗ କରିବା ଫଳରେ ରୋଗୀ ନିଜ ଜୀବନ ବଞ୍ଚାଇବା ପାଇଁ ଡାକ୍ତର ଖାନା ଯାଇ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି । ଏହିପରି ଭାବରେ ଯଦି ଡାକ୍ତର ଖାନା ଗୁଡିକ ବେଆଇନ ଭାବରେ ଖୋଲେ ତେବେ ଆଗମୀଦିନ ମାନଙ୍କରେ ରୋଗୀ ଠାରୁ ଅଧିକ ଡାକ୍ତର ଖାନା ଜିଲ୍ଲାରେ ଦେଖିବାକୁ ମିଳିବ । ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଅଂଚଳର କିଛି ଡାକ୍ତରଖାନଙ୍କୁ ଛାଡିଦେଲେ ଅନ୍ୟ ସହର ଓ ଗ୍ରାମାଞ୍ଚଳ ମାନଙ୍କରେ ଯେଉଁ ଡାକ୍ତର ଖାନା ଗୁଡିକ ବେଆଇନ ଭାବରେ ଖୋଲା ଯାଇଅଛି ସେଠାରେ ଅଗ୍ନି ନିରାପତା ବ୍ୟବସ୍ଥା ତ ଦୂରର କଥା ନିୟମିତ ଷ୍ଟାପ କିମ୍ବା ଡାକ୍ତର ମଧ ନ ଥିବା ଅଭିଯୋଗ ହେଉଛି । ତେବେ ଏହାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ହେଉ କିମ୍ବା ଜିଲ୍ଲାପ୍ରଶାସନ ଗୁରୁତ୍ୱ ନଦେଇ ଅଣଦେଖା କରୁଥିବା ଭଳି ମାନେ ହେଉଛି । ଏପରିକି ରୋଗୀ ଚିକିତ୍ସା ସମୟରେ ଗୁରୁତର ହୁଏ କିମ୍ବା ଜରୁରୀ କାଳୀନ ସମୟରେ ଜଣେ ରୋଗୀ ଗୁରୁତର ହୁଏ ତେବେ ମୃତ୍ୟୁ ବରଣ କରିବା ସୁନିଶ୍ଚିତ ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି । ତେବେ ଏତେ ପରିମାଣର ଡାକ୍ତରଖାନା ଜିଲ୍ଲାରେ ଖୋଲିଲା କାହିଁକି ଯଦି ପ୍ରଶ୍ନ କରାଯିବ ତେବେ ଏହା ଉତ୍ତରରେ ରହିବ କେବଳ ବିଜୁ ସ୍ୱାସ୍ଥ୍ୟ କାର୍ଡ । ବିଜୁ ସ୍ୱାସ୍ଥ୍ୟ କାର୍ଡ ଯେଉଁ ଦିନଠାରୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ଆରମ୍ଭ କଲା ସେଇ ଦିନ ଠାରୁ କିଛି ଅସାଧୁ ବ୍ୟବସାୟୀ ଡାକ୍ତର ଖାନାକୁ ଏକ ଭଲ ରୋଜଗା ବ୍ୟବସାୟରେ ପରିଣତ କରି ଅର୍ଥ ହରିଲୁଟ କରିବାରେ ଲାଗି ପଡିଛନ୍ତି । ଯାହା ଫଳରେ ସରକାରୀ ତହବିଲରୁ ପ୍ରତିବର୍ଷ କୋଟି କୋଟି ଟଙ୍କାର ଅର୍ଥ ଲୁଟ ହେଉଥିବା ବ୍ୟତୀତ ଅନ୍ୟ କୌଣସି କାରଣ ନ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ପୂର୍ବରୁ ଖୋର୍ଦ୍ଧା ଜିଲ୍ଲାର ସମ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି କେଇଜଣ ମୃତ୍ୟୁ ବରଂ ହୋଇଥିବା ବେଳେ ଏହା ସାରା ଓଡିଶାକୁ ଚକିତ କରିଦେଇଥିଲା । ତେବେ ଏହିପରି ଦୃଘଟଣାର ସିକ ହୋଇ ମଧ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ନିଜର ମାନବିକତାକୁ ଭୁଲିଯାଇ ସାଧାରଣ କିଛିଟା ଅର୍ଥ ଲୋଭରେ ପାକେଟ ଗରମ କରିବା ଆଶାରେ ହଜାର ହଜାର ରୋଗୀଙ୍କୁ ଜୀବନ ବିପଦ ମୁଖକୁ ଠେଲି ଦେଉଛନ୍ତି । ଯାହାକୁ ନେଇ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ହୀନ କାର୍ଯ୍ୟକୁ ନିନ୍ଦା କରିବା ସହିତ ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ନେଇ ରାଜ୍ୟ ସରକାର କଡା ତଦନ୍ତ କରିବା ସହିତ ଅମାନୁଷିକ ଅଧିକାରୀ ମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### କାର୍ଯ୍ୟକାରିଣୀରେ ନେତା...

୩ ସ ଅର୍ଥାତ୍ ସରକାର, ସଂଗଠନ ଓ ସାଧାରଣ ଲୋକ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ହୋଇ କାମ କରିବ ସଂଗଠନ। ଲୋକଙ୍କ ସମସ୍ୟା ଓ ଗ୍ରାଉଣ୍ଡରୁ ସମସ୍ୟା ଆଣି ସଂଗଠନ ସରକାରଙ୍କୁ ଦେବ ଓ ସରକାରଙ୍କ ଯୋଜନା ଲୋକଙ୍କ ପାଖକୁ ନେବ। ରାଜ୍ୟରେ ସରକାରଙ୍କ ମାସକର ଉପଲବ୍ଧି ପାଇଁ ବି ଧନ୍ୟବାଦ ଦେଇଥିଲେ ନେତା। କାର୍ଯ୍ୟକାରିଣୀର ପ୍ରଥମ ଦିନରେ ରାଜନୈତିକ ଚିଠା ପ୍ରସ୍ତାବ ସହ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ବୈଠକ ପରେ ପୁରୀରେ ରଥାରୁଢ଼ ଶ୍ରୀଜିଉଙ୍କୁ ଦର୍ଶନ କରିବା ସହ ତିନି ରଥ ପରିକ୍ରମା କରିଛନ୍ତି ବିଜେପି ସଭାପତି। ନଡ୍ଡାଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ ଓ ସାଂସଦ ସମ୍ବିତ ପାତ୍ର ମଧ ଶ୍ରୀଜିଉଙ୍କୁ ଦର୍ଶନ କରିଛନ୍ତି।

### ଝାଡ଼ାବାନ୍ତିରେ ୨...

ଏବେ ବେଲଗୁଣ୍ଠା ଓ ଭଞ୍ଜନଗର ମେଡ଼ିକାଲରେ ୧୦ରୁ ଅଧିକ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଅନେକ ରୋଗୀ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଗାଁର କୂଅରୁ ପାଣି ପିଇ ଝାଡ଼ାବାନ୍ତି ବ୍ୟାପୁଥିବା ଗାଁ ଲୋକମାନେ ଅଭିଯୋଗ କରିଛନ୍ତି। ଗାଁକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ ଦୁଇବର୍ଷ ତଳେ ପାଇପ ବିଛାହୋଇ ସବୁ ଘରକୁ ଟ୍ୟାପ ଲାଗାଯାଇଥିଲା। ହେଲେ ପିଇବା ପାଣି ଆସୁ ନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଯାହା ଫଳରେ ଗାଁ ଲୋକମାନେ ବାଧ ହୋଇ ଦୂଷିତ ଜଳ ବ୍ୟବହାର କରୁଛନ୍ତି।

### ବ୍ଲାକ୍ ରୋଜ ବୁଡ଼ି...

ଜାହାଜ ଚଳାଚଳ ମନ୍ତ୍ରଣାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ସିବିଆଇ ଏହାର ତଦନ୍ତ ପାଇଁ ସମ୍ମତି ଜଣାଇଛନ୍ତି। ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାରୁ ରାଜ୍ୟ ସରକାର ସିବିଆଇ ତଦନ୍ତ ପାଇଁ ଅନୁମତି ଦେଇନଥିବା ଅଭିଯୋଗ ହୋଇଛି। ଏବେ ବିଜେପି ସରକାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ଅନୁମତି ଦିଅନ୍ତୁ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ। ବ୍ଲାକ୍ ରୋଜ ଜାହାଜର ମାଲିକ ହେଉଛନ୍ତି ସିଙ୍ଗାପୁରର ପାକମାର ସିପିଙ୍ଗ କମ୍ପାନୀର ଏମଡି ସିତକି କୋକ। କ୍ରାଇମ୍ ବ୍ରାଂଚ୍ ତାଙ୍କୁ କୋର୍ଟ ଜରିଆରେ ସିଙ୍ଗାପୁରରୁ ଆଣିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଜାହାଜରେ ଲହୁାପଥର ବୋହୁଥିବା ଓଡ଼ିଶାର ଦୁଇ କମ୍ପାନୀ ଥିଲେ- ଏ ବି ମିନେରାଲ୍ସ ଆଣ୍ଡ୍ ରିସୋର୍ସେସ୍ ଏବଂ ରେକଟର ମାଇନ୍ସ। ଚୋରା ଚାଲାଣ ବେଳେ ବୁଡ଼ି ଯାଇଥିବା ଜାହାଜରୁ ସମୁଦ୍ରରେ ଖେଳିଯାଇଥିଲା ଜାହାଜର ଇନ୍ଧନ । ଚୋରା ଚାଲାଣକାରୀ ଖସିଯାଇଥିବାବେଳେ ସାମୁଦ୍ରିକ ପରିବେଶ ପ୍ରତି ବିପଦ ସୃଷ୍ଟି ହେବାରୁ ପାରାଦୀପ ପୋର୍ଟ ଟ୍ରଷ୍ଟ ସମୁଦ୍ରରୁ ତେଲ କାଢ଼ିବାରେ ୧୭.୬୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସେତେବେଳେ ଏହି ଚୋରା ଲୁହାପଥର ଚାଲାଣ ପଛରେ ଶାସକ ବିଜେଡି ଦଳ ଲୋକ ଥିଲେ ବୋଲି ବିରୋଧୀ ବାରମ୍ବାର ଅଭିଯୋଗ କରିଥିଲେ, ହେଲେ ତଦନ୍ତ ନହେବାରୁ ଲୁହାପଥର ଚୋରା ଚାଲାଣକାରୀ ଦଣ୍ଡ ପାଇଲେ ନାହିଁ। ଅନ୍ୟପଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେଉଁ ଅଧିକାରୀଙ୍କୁ ରାଜ୍ୟବ୍ୟାପୀ ଚାର୍ଟେଡ ଫ୍ଲାଇଟ ବ୍ୟବହାର ପାଇଁ ଅନୁମତି ଦେଇଥିଲେ ସେ ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ମିଳୁନାହିଁ କହିଛି ଓଡ଼ିଶା ସୂଚନା ଅଧିକାର ଅଭିଯାନ। ସେହିଭଳି ଲକ୍ଷ୍ମୀ ବସ ସେବାରେ ୩,୧୭୮ କୋଟି ଖର୍ଚ୍ଚ ହୋଇଥିଲେ ବି ସେ ସଂପର୍କରେ ସବିଶେଷ ତଥ୍ୟ ମିଳୁନାହିଁ। ସୂଚନା ଅଧିକାର ଆଇନରେ ତଥ୍ୟ ନଦେଲେ ଆସନ୍ତା ୨୪ ତାରିଖରେ ଖାରବେଳ ଭବନ ଆଗରେ ଧାରଣା ଦିଆଯିବ ବୋଲି ଘୋଷଣା କରିଛି ଅଭିଯାନ।

### ବିଲକିସ୍ ବାନୋ ...

କିନ୍ତୁ ଆଉ ଗୋଟିଏ ବେଞ୍ଚ କହିଥିଲେ ଯେ ଗୁଜରାଟ ନୁହେଁ, ବରଂ ମହାରାଷ୍ଟ୍ର ସରକାର କ୍ଷମା ଦେବାକୁ ହକଦାର। ତେଣୁ ପୁନଃ କ୍ଷମା ଆବେଦନ ଉପରେ ବିଚାର ଶେଷ ହେବା ଯାଏ ଉଭୟ ଜାମିନରେ ଯିବାକୁ ଚାହିଁଥିଲେ। ତେବେ ସୁପ୍ରିମକୋର୍ଟ କହିଛନ୍ତି, "ଏସବୁ କ'ଣ ? ଏହା କେଉଁ ପ୍ରକାରର ଆବେଦନ ? ଏହା କେମିତି ବିଚାର ହେବ ? ଆଦୌ ସନ୍ତୋଷଜନକ ନୁହେଁ। ଆମେ କେମିତି ପିଆଇଏଲ ଆବେଦନକୁ ପକାଇ ରଖିପାରିବୁ ? ଦୁଇଟି ରାୟ ଥିଲା। ପୂର୍ବ ରାୟ(ମେ' ମାସ) ଦ୍ୱିତୀୟ ରାୟ(ଜାନୁଆରୀ) ବେଳେ ବିଚାରକୁ ନିଆଯାଇଥିଲା। ଆମେ ଆବେଦନକୁ ପକାଇ ରଖିନାହୁଁ।" ଅଗଷ୍ଟ ୨୦୨୨ରେ ଗୁଜରାଟ ସରକାର ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାରେ ଆଜୀବନ କାରା ଦଣ୍ଡାଦେଶରେ ଦଣ୍ଡିତ ହୋଇଥିବା ୧୧ ଦୋଷୀଙ୍କୁ ମୁକ୍ତ କରିଥିଲେ। ତେବେ ସମୟ ପୂର୍ବରୁ ଦୋଷୀମାନଙ୍କୁ ମୁକ୍ତ କରିବାକୁ ନେଇ ୩୦ ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟରେ ଦୁଇଟି ଆବେଦନ କରାଯାଇଥିଲା। ପ୍ରଥମ ଆବେଦନରେ ଦୋଷୀଙ୍କୁ ମୁକ୍ତ କରିବାକୁ ଚ୍ୟାଲେଞ୍ଜ କରି ସେମାନଙ୍କୁ ଜେଲ ପଠାଇବାକୁ ଦାବି କରାଯାଇଥିଲା। ଦ୍ୱିତୀୟଟିରେ ସୁପ୍ରିମକୋର୍ଟଙ୍କ ଆଦେଶର ପୁନର୍ବିଚାର କରିବାକୁ ଦାବି କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଖଲାସ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୦୨ ଗୁଜୁରାଟ ଦଙ୍ଗା ସମୟରେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ କରିବା ସହ ତାଙ୍କ ପରିବାର ସାତ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିଲା। ସେହି ସମୟରେ ବିଲକିସ ବାନୋଙ୍କ ବୟସ ୨୧ ବର୍ଷ ଥିଲା ଓ ସେ ପାଞ୍ଚ ମାସର ଗର୍ଭବତୀ ଥିଲେ। ଏହି ମାମଲାରେ ମୁମ୍ବାଇର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ୨୧ ଜାନୁଆରୀ ୨୦୦୮ରେ ସମସ୍ତ ୧୧ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ଏହି ନିଷ୍ପତ୍ତିକୁ ବମ୍ବେ ହାଇକୋର୍ଟ ମଧ ସମର୍ଥନ ଜଣାଇଥିଲେ।

### ବରିଷ୍ଠ ଆଇନଜୀବୀ...

ମଧ ସରକାରଙ୍କୁ ଘେରିଥିଲା। କାରଣ, ଆଡଭୋକେଟ୍ ଜେନେରାଲ ଏକ ସାମ୍ବିଧାନିକ ପଦବି। ସରକାର କ୍ଷମତାକୁ ଆସିବା ପରେ ପ୍ରଥମ କ୍ୟାବିନେଟରେ ଏଜି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି କରିବା କଥା। ଏକାଧିକ ବରିଷ୍ଠ ଆଇନଜୀବୀ ଲବିରେ ଥିବାରୁ ନିଷ୍ପତ୍ତି ବିଳମ୍ବ ହୋଇଥିଲା। ମୋହନ ସରକାର ଶେଷରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟଙ୍କ ନାଁରେ ମୋହର ମାରିଛନ୍ତି।

### ବୋଲ ବମ ଯାତ୍ରା: ଦୋକାନୀଙ୍କ...

ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ଉଚିତ।" ଗୋଟିଏ ଏକ୍ସ ପୋଷ୍ଟରେ ମୁଜାଫରନଗର ପୁଲିସ୍ କହିଥିଲା ଯେ କୌଣସି ପ୍ରକାରର ଧାର୍ମିକ ବିଭେଦ ସୃଷ୍ଟି କରିବା ଉଦ୍ଦେଶ୍ୟ ନୁହେଁ। କିନ୍ତୁ କେବଳ ମୁଜାଫରନଗର ଦେଇ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ସମ୍ମାନ ଜଣାଇ ଓ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ଦିଲ୍ଲୀ ଓ ହରିଦ୍ୱାର ମଧ୍ୟରେ ମୁଜାଫରନଗର ରହିଛି। ଏହି ଜିଲ୍ଲା ଦେଇ ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରାବଣମାସରେ ଯାତ୍ରା ଆରମ୍ଭ କରନ୍ତି। ପୁଲିସ୍ କହିଛି, "ପବିତ୍ର ଶ୍ରାବଣମାସରେ ଅଧିକାଂଶ ଲୋକ ବିଶେଷ କରି କାଉଡ଼ିଆମାନେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟରୁ ନିଜକୁ ଦୂରେଇ ରଖନ୍ତି। ପୂର୍ବରୁ ଦେଖିବାକୁ ମିଳିଛି ଯେ କାଉଡ଼ିଆମାନଙ୍କ ମାର୍ଗରେ ଏମିତି କିଛି ଦୋକାନ ରହିଛି, ଯେଉଁଠାରେ ସବୁ ପ୍ରକାରର ଖାଦ୍ୟ ବିକ୍ରି କରନ୍ତି। ସେମାନେ ଏମିତି ଭାବେ ନିଜ ନାଁକୁ ଚିତ୍ରଣ କରନ୍ତି ଯେ କାଉଡ଼ିଆମାନେ ଦ୍ୱନ୍ଦ୍ୱରେ ପଡ଼ି ଯାଆନ୍ତି। ଏଥିଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତି ମଧ ସୃଷ୍ଟି ହୋଇଛି। ଏହାକୁ ରୋକିବା ପାଇଁ ରାସ୍ତା କଡ଼ରେ ଥିବା ରେଷ୍ଟୁରାଣ୍ଟ, ଢାବା, ହୋଟେଲ ଓ ଦୋକାନଗୁଡ଼ିକ ସେମାନଙ୍କ ମାଲିକ ଏବଂ କର୍ମଚାରୀଙ୍କ ନାଁ ବଡ଼ବଡ଼ ଅକ୍ଷରରେ ଉଲ୍ଲେଖ କରିବାକୁ କୁହାଯାଇଛି।"

# ଅଜନ୍ତା ସର୍କସ ତରଫରୁ ଛାତ୍ରଛାତ୍ରୀଙ୍କୁ ଉପହାର: ସମସ୍ତ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କ ପାଇଁ ଅଜନ୍ତା ସର୍କସ ତରଫରୁ ୫୦ ପ୍ରତିଶତ ରିହାତି




ବାରିପଦା, ୧୯/୭ (ନି.ପ୍ର): ବାରିପଦା ପବିତ୍ର ରଥଯାତ୍ରା ଉପଲକ୍ଷେ ବାରିପଦା ଛଉ ପଡିଆ ଠାରେ ଚାଲିଛି ଅଜନ୍ତା ସର୍କସ। ଆଜିର ବ୍ୟସ୍ତ ବହୁଳ ଜୀବନରେ ବିଦ୍ୟାର୍ଥୀଙ୍କ ମନରଞ୍ଜନ ପାଇଁ ଅଜନ୍ତା ସର୍କସ ତରଫରୁ ଟିକଟ ର ମୂଲ୍ୟ ୫୦ ପ୍ରତିଶତ ରିହାତି ଦେଇଛି। ସମସ୍ତ ସରକାରୀ, ବେସରକାରୀ, କୋଚିଂ ଶିକ୍ଷାନୁଷ୍ଠାନର ସମସ୍ୟା ଛାତ୍ରଛାତ୍ରୀ ଓ ଅବିଭାବକ ଉଠାଇବେ ସର୍କସ ର ମଜା । ପିଲାଠୁ ବଡ଼ ସଭିଏଁ ଦେଖିବାକୁ ପାଇବେ ଅନେକ ରୋମାଞ୍ଚକର ଖେଳ ସହିତ ଜୋକର ର କରାମତି। ଅଜନ୍ତା ସର୍କସ ପକ୍ଷରୁ ଦିନକୁ ତିନୋଟି ଶୋ ଚାଲିଛି ପ୍ରଥମ ଶୋ ଦିନ ଗୋଟାଏ ରେ ଆରମ୍ଭ ହୋଇଥିବା ବେଳେ ଅନ୍ୟଟି ୪ ଟା ଓ ଶେଷ ଶୋ ରାତି ୭ ଟାରେ ଆରମ୍ଭ ହେଉଛି। ଏହି ସର୍କସ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ସର୍ବନିମ୍ନ ଟିକଟର ମୂଲ୍ୟ ୧୦୦ ଟଙ୍କା ଥିବା ବେଳେ ସର୍ବାଧିକ ୩୦୦ ରହିଛି। ହେଲେ ବିଦ୍ୟାର୍ଥୀଙ୍କ ମନରଞ୍ଜନ ପାଇଁ ଅଜନ୍ତା ସର୍କସ ତରଫରୁ ୫୦ ପ୍ରତିଶତ ରିହାତି ଦେଇଥିବା ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅଜନ୍ତା ସର୍କସ ର ମ୍ୟାନେଜର ବୈକୁଣ୍ଠ ନାଥ ପାତ୍ର। ଯେଉଁ ସର୍କସ ପିଲାମାନେ ଟିଭି ପରଦାରେ ଦେଖିଛନ୍ତି ସେମାନଙ୍କୁ ନିଜ ସାମନାରେ ଦେଖିବାର ମିଳିଛି ସୁଯୋଗ। ଏଠି କିଏ କେତେବେଳେ କୋଉ ଅଭିନୟ କରେ ତ ଆଉ କିଏ ଏଠି ନିଜ ଜୀବନକୁ ବାଜି ଲଗେଇ ପେଟ ପୋଷେ ଯାହାକୁ ଉପଭୋଗ କରନ୍ତି ସଭିଏଁ । ସର୍କସ ନାଟା ଶୁଣିବା ମାତ୍ରକେ ମନକୁ ଆନନ୍ଦ ଦେଇଥାଏ । ସମୟ ଅନୁସାରେ ଏହି ସର୍କସର ପରିଭାଷା ବଦଳିଛି ।ଏବେ ଆଉ ବାଘ କି ଭାଲୁ କି ପଶୁପକ୍ଷୀ ନାହାନ୍ତି କେବଳ ମନୋରଞ୍ଜନ କରି ସର୍କସକୁ ବଞ୍ଚେଇ ରଖିଛନ୍ତି କିଛି କଳାକାର । ବିଭିନ୍ନ ଷ୍ଟଣ୍ଟ କରି ଲୋକଙ୍କୁ ନିଜ ସହିତ ବାନ୍ଧି ରଖିଛନ୍ତି ତ, ଜୋକର ଅଭିନୟ କରି ହସେଇ ଚାଲିଛନ୍ତି । ସର୍କସରେ ଏବେ ପୋଲ ଖେଳ , ଫାୟାର ଶୋ , ସ୍ୱାଇଡର ଶୋ , ଜାଲି ମଧ୍ୟରେ ମୋଟରସାଇକେଲ ଚାଳନାର ଶୋ ସହ , ରିଙ୍ଗ ଡ୍ୟାନ୍ସ ଆଦିର ମଜା ନେଉଛନ୍ତି ଦର୍ଶକ । ତେବେ ଅଜନ୍ତା ସର୍କସ ତରଫରୁ ବିଦ୍ୟାର୍ଥୀଙ୍କ ପାଇଁ ଟିକଟ ର ମୂଲ୍ୟ ୫୦ ପ୍ରତିଶତ ର ରିହାତି ଦେଇଥିବାରୁ ଅବିଭାବକ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ।

# ବ୍ୟବହୃତ ପ୍ଲାଷ୍ଟିକ ବୋତଲ ମୁକ୍ତ ରଥଯାତ୍ରା : ପୁନଃ ପ୍ରକ୍ରିୟାକରଣ ବ୍ୟବସ୍ଥା

ପୁରୀ, ୧୯/୭ (ନି.ପ୍ର): ଚଳିତ ରଥଯାତ୍ରାକୁ ପରିବେଶ ଉପଯୋଗୀ କରିବା ସହ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ମୁକ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା।ଏହା ଏକ ବଡ ପଦକ୍ଷେପ । ଏକ ଦୀର୍ଘ ସ୍ଥାୟୀ ସୂତ୍ରରେ ଏହାର ପୁନଃ ପ୍ରକ୍ରିୟା କରଣ କରାଯାଉଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।ପୁରୀ ଜିଲ୍ଲା ପ୍ରଶାସନ, ପୁରୀ ପୌରପାଳିକା, ଏସ୍ ?ପିସିବି, ଆନନ୍ଦନା ଓ ହିନ୍ଦୁସ୍ତାନ କୋକୋକୋଲା ଲିମିଟେଡ଼ର ମିଳିତ ସହାୟତାରେ ଓଡ଼ିଶା ଡ଼େଭଲପମେଣ୍ଟ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ(ଓଡ଼ିଏମପି), ୱାଇ ଫର ଡ଼ି ଫାଉଣ୍ଡେସନ, ଫାଉଣ୍ଡେସନ ଫର କ୍ଲାଇମେଣ୍ଟ ପ୍ରୋଟେକ୍ସନ ର ମିଳିତ ଉଦ୍ୟମରେ ରଥଯାତ୍ରା ଠାରୁ ସୁନାବେଶ ପର୍ଯ୍ୟନ୍ତ ଦୀର୍ଘ ୧୨ ଦିନ ଧରି ପୁରୀ ସହରରେ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଙ୍କ ନିର୍ଦ୍ଦେଶ ରେ ଜୁଲାଇ ୫ ତାରିଖରେ ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ଯାଉଥିବା ସଫେଇ ସାଥୀ, ସୁପର ଭାଇଜର ଓ ସ୍ୱେଚ୍ଛାସେବୀ ମାନଙ୍କୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ହିନ୍ଦୁସ୍ତାନ କୋକୋକୋଲା ଲିମିଟେଡ଼ ର ଜାତୀୟ ମୁଖ୍ୟ (ଇପିଆର) ସଷ୍ଟେନିବିଲିଟି, ତୁଷାର ପଟ୍ଟନାୟକ, ପବ୍ଲିକ ଆଫେୟାର୍ସର ରାଜ୍ୟ ମୁଖ୍ୟ ମୁକେଶ ଯୋଶୀ, ପି.ଏ.ସି.ଏସ. ଶ୍ରୀ ନୀତେଶ କୁମାର, ଓ ଓଡ଼ିଏମ୍ ?ପିର ଆବାହକ, ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଫେଇ ସାଥି, ସୁପର ଭାଇଜର ଓ ସ୍ୱେଚ୍ଛାସେବୀମାନଙ୍କୁ ସେବା ମନୋବୃତି ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଭୁ ଜଗନ୍ନାଥଙ୍କର ଅପାର କରୁଣା ହେଲେ ଘୋଷଯାତ୍ରା ସମୟରେ ସେବା କରିବାର ସୁଯୋଗ ମିଳିଥାଏ । ତେଣୁ ସେବା ମନୋବୃତି ନେଇ କାର୍ଯ୍ୟକରିବା ସହିତ ଆମ ପରିବେଶକୁ ସୁନ୍ଦର ଓ ପରିଷ୍କାର କରିବାରେ ନିଜକୁ ଜଣେ ଜଣେ ସୈନିକ ଭାବେ ପ୍ରତିପାଦନ କରିବାକୁ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ମାନେ ଆହ୍ୱାନ ଜଣାଇଥିଲେ । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଥିଲେ ଯେ, ପୁରୀ ସହରର ୮ଟି ସ୍ଥାନରେ ପ୍ଲାଷ୍ଟିକ ବୋତଲ ସଂଗ୍ରହ କେନ୍ଦ୍ର ସ୍ଥାପନ କରାଯାଇ ସଫାଇ ସାଥୀମାନଙ୍କ ଦ୍ୱାରା ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଥିଲା । ସଂଗୃହିତ ପ୍ଲାଷ୍ଟିକ ବୋତଲ ଗୁଡ଼ିକୁ ପୁନଃ ବ୍ୟବହାର ନିମନ୍ତେ ହିନ୍ଦୁସ୍ତାନ କୋକୋକୋଲା ଲିମିଟେଡ଼ ତରଫରୁ ରିସାଇକେଲିଂ କମ୍ପାନୀକୁ ପ୍ରେରଣ କରାଯାଇଥିଲା । ଯାହା ଏବେ ସୁନ୍ଦର ଜ୍ୟାକେଟ ରେ ରୂପାନ୍ତରିତ ହୋଇଛି। ଆଗାମୀ ଦିନରେ ଏହାର ବ୍ରାଣ୍ଡିଂ କରିବା ସହ ପୁନଃ ବ୍ୟବହାର ଉପଯୋଗୀ ପାଣି ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରଖଯାଇଛି ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନ କୋକୋକୋଲା ଲିମିଟେଡ଼ ର ଜାତୀୟ ମୁଖ୍ୟ (ଇପିଆର) ସଷ୍ଟେନିବିଲିଟି ତୁଷାର ପଟ୍ଟନାୟକ, ପବ୍ଲିକ ଆଫେୟାର୍ସର ରାଜ୍ୟ ମୁଖ୍ୟ ମୁକେଶ ଯୋଶୀ ଓ ଓଡ଼ିଏମପି ର ଆବାହକ, ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାଇକ୍ରୋସଫ୍ଟ ସର୍ଭର ଡାଉନର ବଡ ପ୍ରଭାବ: ସାରାବିଶ୍ୱରେ ଅଟକିଗଲା ଅନଲାଇନ ସେବା

ନୂଆଦିଲ୍ଲୀ, ୧୯/୭ : ଅଚଳ ହୋଇଗଲା ବିଶ୍ୱ । ଅନଲାଇନ ସେବା ଉପରେ ଆମେ କେତେ ନିର୍ଭରଶୀଳ ହୋଇପଡିଛୁ ତାହା ଆଜି ଦେଖିବାକୁ ମିଳିଛି । ବିମାନ, ରେଳ ଚଳାଚଳ, ବ୍ୟାଙ୍କ ଓ ମେଡିକାଲ ସେବା, ଷ୍ଟକ ମାର୍କେଟ ଭଳି ଅନଲାଇନ ସେବା ଅଟକି ଯାଇଛି । ବିଶ୍ୱର ଅନ୍ୟତମ ଅଗ୍ରୀଣ ସଫ୍ଟୱାୟାର କମ୍ପାନୀ ମାଇକ୍ରୋସଫ୍ଟର ସର୍ଭର ଡାଉନ୍ ହେବା ପରେ ଏଭଳି ଅଚଳାବସ୍ଥା ଦେଖାଦେଇଛି । ମାଇକ୍ରୋସଫ୍ଟ ସର୍ଭର ଡାଉନ ହେବା ଫଳରେ ସାରାବିଶ୍ୱରେ ବିମାନ ସେବା ପ୍ରଭାବିତ ହୋଇଛି । ଆଉ ଏ ହେଉଛି ଭୁବନେଶ୍ୱର ବିମାନ ବନ୍ଦରରେ ତାର ପ୍ରଭାବ । ନାହିଁ ନଥିବା ଅସୁବିଧା ଭୋଗିଛନ୍ତି ଯାତ୍ରୀ । ଏକାଧିକ ଫ୍ଲାଇଟ୍ ବାତିଲ ହୋଇଥିବାବେଳେ ହାତ ଟେକି ଦେଇଛନ୍ତି ସେବା ପ୍ରଦାନକାରୀ କମ୍ପାନି । କୌଣସି ବିକଳ୍ପ ନଥିବାରୁ ଟିକେଟ୍ ବାତିଲ ବାବଦ ପଇସା ଫେରସ୍ତ ନେଇଯିବାକୁ ଅନୁରୋଧ କରୁଛନ୍ତି । ଏହିଭଳି ଅବସ୍ଥା ବିଶ୍ୱବ୍ୟାପୀ ଦେଖିବାକୁ ମିଳିଛି । ମାଇକ୍ରୋସଫ୍ଟ ସର୍ଭର କ୍ରାସ ଯୋଗୁଁ ୱିଣ୍ଡୋସରେ କାମ କରୁଥିବା ସିଷ୍ଟମଗୁଡିକ ଅଚଳ ହୋଇପଡିଛି । ଫଳରେ ଇଣ୍ଡିଗୋ ପକ୍ଷରୁ କିଛି ଯାତ୍ରୀଙ୍କୁ ହାତରେ ବୋର୍ଡିଂ ପାସ ଲେଖି ଦେଉଥିବା ଦେଖିବାକୁ ମିଳିଛି । ଶୁକ୍ରବାର ସକାଳୁ ୱିଣ୍ଡୋସରେ କାମ କରୁଥିବା ଲକ୍ଷଲକ୍ଷ ସିଷ୍ଟମରେ ହଠାତ୍ ବ୍ଲୁ ସ୍କ୍ରିନ୍ କିମ୍ବା ସିଷ୍ଟମ ରି-ଷ୍ଟାର୍ଟ ଓ ସଟଡାଉନ୍ ଭଳି ସମସ୍ୟା ଦେଖାଦେଇଥିଲା । ସର୍ଭର ସଟ୍ଡାଉନ୍ ସମସ୍ୟା ପାଇଁ କ୍ରାଉଡ୍ ଷ୍ଟ୍ରାଇକକୁ ଦାୟୀ କରାଯାଉଛି । କ୍ରାଉଡ୍ ଷ୍ଟ୍ରାଇକ ନୂଆ ଅପଡେଟ୍ ଜାରି କରିଛି । ଏଥିରେ କନଫିଗୁରେସନ୍ ଭୁଲ ହେବାରୁ ମାଇକ୍ରୋସଫ୍ଟ ବ୍ୟବହାରକାରୀଙ୍କୁ ସମସ୍ୟା ହୋଇଛି । ଅନେକ ଦେଶରେ ବିମାନ, ରେଳ ଚଳାଚଳ, ବ୍ୟାଙ୍କ ଓ ମେଡିକାଲ ସେବା, ଷ୍ଟକ ମାର୍କେଟ ଭଳି ଅନଲାଇନ ସେବା ଉପରେ ନିର୍ଭରଶୀଳ ସଂସ୍ଥା ଅଧିକ ପ୍ରଭାବିତ ହୋଇଛି । ମାଇକ୍ରୋସଫ୍ଟ ପକ୍ଷରୁ ଏକ ବିବୃତି ଜାରି କରି କ୍ରାଉଡ ଷ୍ଟ୍ରାଇକ ଅପଡେଟ ଏହାର ମୁଖ୍ୟ କାରଣ ବୋଲି ସ୍ପଷ୍ଟିକରଣ ଦିଆଯାଇଛି । ସମସ୍ୟାକୁ ଗୁରୁତର ସହ ନେଇ ସମାଧାନ କରାଯାଉଥିବା ମାଇକ୍ରୋସଫ୍ଟ କହିଛି ।

# ବିଭାଗୀୟ ଅଧିକାରୀଙ୍କ ସହିତ ସୁବର୍ଣ୍ଣରେଖା ନଦୀବନ୍ଧ ପରିଦର୍ଶନ କରି ସ୍ଥିତି ଅନୁଧାନ କଲେ ବସ୍ତା ବିଧାୟିକା



ଲଙ୍ଗଳେଶ୍ୱର, ୧୯/୭ (ନି.ପ୍ର): ବର୍ଷା ଋତୁ ଆସିଯାଇଥିବାରୁ ସୁବର୍ଣ୍ଣରେଖା ନଦୀବନ୍ଧର ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ସ୍ଥିତି ଅନୁଧାନ କରିଛନ୍ତି ମାନ୍ୟବର ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ସୁବାସିନୀ ଜେନା । ସୁବର୍ଣ୍ଣରେଖା ନଦୀକୂଳରେ ଥିବା ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଅନେକ ଗାଁ କୁ ବର୍ଷା ଋତୁରେ ବନ୍ୟା ଜନିତ ଅଧିକ ବିପଦ ରହୁଥିବାରୁ, ଆଜି ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅଞ୍ଚଳବାସୀଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ସୁବର୍ଣ୍ଣରେଖା ନଦୀ କୂଳିଆ ଅଞ୍ଚଳ ପରିଦର୍ଶନ କରି ବନ୍ୟା ଦାଉରୁ ନଦୀକୂଳର ସୁରକ୍ଷା, ନଦୀବନ୍ଧର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପ୍ରଥମେ ନିଖିରା ପଞ୍ଚାୟତର ମାନପୁର ଠାରେ ପହଞ୍ଚି ନଦୀ ବନ୍ଧର ସ୍ଥିତି ଅନୁଧାନ କରି ନଦୀ ବନ୍ଧ ଉପରେ ହଜାର ହଜାର ଅଧିବାସୀ ନିର୍ଭର କରିଆସୁଥିବାରୁ ବନ୍ଧର ସୁରକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟିକା ଆଲୋଚନା କରିଥିଲେ । ଏହାପରେ ବାଲିଆପାଳ ପଞ୍ଚାୟତର ସବୁଠାରୁ କ୍ଷତିଗ୍ରସ୍ତ ଅଂଚଳ କୁଦମାନସିଂ ଗସ୍ତ କରି ସୁଙ୍ଗମୁହଁ ପରିଦର୍ଶନ କରି ସେଠାରେ ସ୍ଥିତି ଅନୁଧାନ କରି ଏକ ସ୍ଲୁଇସ୍ ଗେଟ୍ ସ୍ଥାପନ ନିମନ୍ତେ ଆଲୋଚନା କରିଥିଲେ । ଏଥି ସହିତ ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ ଠାରେ ପହଞ୍ଚି ନଦୀ ଅତଡା ଖସୁଥିବାରୁ ଅଂଚଳବାସୀଙ୍କ ପ୍ରତି ବିପଦ ଥିବାରୁ ନଦୀବନ୍ଧର ମରାମତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ଗୁଡ଼ିକର ସ୍ଥାୟୀ ପ୍ରତିକାର ବାବଦରେ ଆଲୋଚନା କରିବା ସହ ଚଉମୁଖ - କଙ୍କଡ଼ାପାଳ ମଧ୍ୟବର୍ତ୍ତୀ ସମସ୍ତ ଅଞ୍ଚଳର ନଦୀର ପାର୍ଶ୍ୱ ସୁରକ୍ଷା ପାଇଁ ବିଧାୟିକା ଶ୍ରୀମତୀ ଜେନା ପ୍ରସ୍ତାବ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଇଂଜିନିୟର - ଇନ୍ - ଚିଫ୍ କମ୍ ସ୍ପେସିଆଲ ସେକ୍ରେଟାରୀ ମୁକୁଲ ବେରା, ସୁବର୍ଣ୍ଣରେଖା - ବୁଢ଼ାବଳଙ୍ଗ ବେସିନ୍ ର ମୁଖ୍ୟ ଯନ୍ତ୍ରୀ ରମାକାନ୍ତ ମହାପାତ୍ର, ବାରିପଦା ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାଶ, ବାଲେଶ୍ୱର ଡିଭିଜନ୍ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ସୁନୀଲ ଜେନା, ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ଦେବ କୁମାର ଦେ, ଅତନୁ ପାଲ୍, ହରେକୃଷ୍ଣ ଜେନା, ବିଜୟକୃଷ୍ଣ ବେହେରା, ସପନ ଦାସ, ରଘୁନାଥ ଜେନା, ଭାସ୍କର ସାହୁ, ଜଗବନ୍ଧୁ ଜେନା, ସୁଧାଂଶୁ ବାରିକ, ଦୀପକ ଜେନାଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# କୃଷି ଓ କୃଷି ଶ୍ରମିକଙ୍କ ବହୁବିଧ ସମସ୍ୟା : ସଂଯୁକ୍ତ କିଶାନମୋର୍ଚ୍ଚର ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର , ୧୯/୭ (ନି.ପ୍ର): ଭାରତ ଏକ କୃଷିପ୍ରଧାନ ରାଷ୍ଟ୍ର ହୋଇଥିବା ବେଳେ କୃଷି ଓ କୃଷି ଶ୍ରମିକ ମାନଙ୍କ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଆଜି ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ୧୩ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି । ସଂଯୁକ୍ତ କିଶାନ ମୋର୍ଚ୍ଚା ବ୍ଲକ ସଭାପତି ଦିଲ୍ଲିପ ଗିରିଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ବ୍ଲକରେ ବିଡିଓଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଉତ୍ପାଦିତ ଶଷ୍ୟର ଏମ୍ଏସ୍ପିକୁ ଆଇନ୍‌ଗତ କରିବା, ଚାଷୀ ଆତ୍ମହତ୍ୟା ବନ୍ଦ କରିବା, ଋଣ ଛାଡ କରିବା, କୃଷିକ୍ଷେତ୍ରରେ ବିଦ୍ୟୁତ୍ ଶକ୍ତ ଘରୋଇକରଣକୁ ବନ୍ଦ କରିବା, ବିଜୁଳି କର ଛାଡ କରିବା, କୃଷକର ୬୦ବର୍ଷ ପରେ ଓ କୃଷି ଶ୍ରମିକଙ୍କୁ ମାସିକ ୧୦ହଜାର ଟଙ୍କା ପେନ୍‌ସନ ଦେବା, ଥଇଥାନ ଓ ପୁର୍ନବ୍ୟବସ୍ଥା ବିନା ଉଚ୍ଛେଦ ବନ୍ଦ କରିବା, ୨୦୦୬ ଜଂଗଲ ଆଇନ୍‌କୁ କଡାକଡି ପାଳନ କରିବା, ୪ଟି ଶ୍ରମ କୋର୍ଡକୁ ବାତିଲ କରିବା, ମନରେଗାରେ ଦୈନିକ ୬୦୦ ଟଙ୍କା ମଜୁରୀ ବୃଦ୍ଧି କରିବା, ଜାତୀୟ ସର୍ବନିମ୍ନ ମଜୁରୀ ୨୬ହଜାରକୁ ବୃଦ୍ଧି କରିବା, ଠିକା ଶ୍ରମିକ ଉଚ୍ଛେଦ, ଜାତୀୟ ସମ୍ପତ୍ତିକୁ ବିକ୍ରି ନ କରିବା, ଲାଗୁ ହୋଇଥିବା ୩ଟି ଅପରାଧିକ ଆଇନକୁ ପ୍ରତ୍ୟାହାର କରିବା, ସିଆର୍‌ପିସି ବଦଳ କରିବାକୁ ବନ୍ଦ କରିବା ଆଦି ଦାବି ନେଇ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଏହି ଦାବିପତ୍ର ଦିଆଯାଇଛି । ଏଥିରେ କ୍ଷେତମଜଦୁର ୟୁନିୟନର ନେତା ଦିପ୍ତିମାନ ଆଚାର୍ଯ୍ୟ, ଶ୍ରମିକ ନେତା ପଲ୍ଟୁ ଦାସ, ଓଡିଶା କୃଷକ ନେତା ରବିନ୍ଦ୍ର ବାରିକ, ଦିଲ୍ଲିପ ପରିଡା, ତପନ ରଂଜନ ସାମଲ, ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ଜନଔଷଧି କେନ୍ଦ୍ରକୁ ଉଦ୍‌ଘାଟନ କଲେ ତହସିଲଦାର



ବସ୍ତା,୧୯।୭(ନିପ୍ର) : ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦାରୋଡ଼ ଷ୍ଟେସନ ପାଖରେ ଶୁକ୍ରବାର ପ୍ରଧାନ ମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ଉଦଘାଟିତ ହୋଇଯାଇଛି । ସମାଜସେବି ଆକାଶ ବେହେରା ଙ୍କତତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ ଯୋଗଦେଇ ଫିତାକାଟି ଶୁଭାରମ୍ଭ କରିଥିଲେ ।, ମୁଖ୍ୟ ବକ୍ତା ବିଜେପି ନେତା ବସନ୍ତ ବାରିକ ଏବଂ ସମ୍ମାନିତ ଅତିଥି ପଞ୍ଚାୟତ ସଭାପତି କମଳାକାନ୍ତ ବେହେରା, ଗକୁଳା ନନ୍ଦ ଜେନା ସୁକାନ୍ତ ପରିଡା ମୃର୍ତ୍ୟୁଞ୍ଜୟ ବେହେରା , ଆଶିଷ ଦାସ ଅଧିକାରୀ, ମୁକେଶ ବେହେରା, ତ୍ରିଲୋଚନ ବେହେରା ଯୋଗ ଦେଇ ଥିଲେ । ଜନ ଔଷଧି କେନ୍ଦ୍ରର ଚାହିଦା ଦିନକୁ ଦିନ ବଢୁଥିବା ବେଳେ ଏହାର ଫାଇଦା ଜନସାଧାରଣ ନେବାକୁ ଅତିଥି ମାନେ କହି ଥିଲେ । ସଭାରେ ସୁନିତା ରାଣି ସାହୁ ଓ ବିଷ୍ଣୁ ପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଜେପିର ମତଦାତା ଅଭିନନ୍ଦନ ସମାବେଶ

## ସିଦ୍ଧାନ୍ତ ବିହିନ ରାଜନୀତି ଦେଶପାଇଁ ବିପଦ, ଶୃଙ୍ଖଳା ଆବଶ୍ୟକ : ପ୍ରତାପ




ଜଳେଶ୍ୱର , ୧୯/୭ (ନି.ପ୍ର): ସାମ୍ପ୍ରତିକ ରାଜନିତୀରେ ସିଦ୍ଧାନ୍ତ ବିହିନ ରାଜନିତୀ ଗଣତନ୍ତ୍ର ପାଇଁ ବିପଦ । ତେଣୁ ଶୃଙ୍ଖଳା ରକ୍ଷା ଏକାନ୍ତ ଆବଶ୍ୟକ ବୋଲି ସାଂସଦ ପ୍ରତାପ ଷଡଙ୍ଗୀ ବିଜେପିର ମତଦାତା ଅଭିନନ୍ଦନ ସମାବେଶରେ ଉପସ୍ଥିତ କର୍ମୀ, ଭୋଟରମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ୬୦ନଂ ଜାତୀୟ ରାଜପଥ ନିକଟ ମଂଜୁ କଲ୍ୟାଣ ମଣ୍ଡପରେ ବିଜେପିର ମତଦାତା ଅଭିନନ୍ଦନ ସମାବେଶ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଯୁବନେତା ବିଶ୍ୱଜିତ୍ ଦାସ ଅଧ୍ୟକ୍ଷତା କରିଥିବା ବେଳେ ମଣ୍ଡଳ ସଭାପତି ତପନ ବିଶ୍ୱାଳ ସଂଯୋଜନା କରିଥିଲେ । ଏଥିରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ବିଜେପି ମତଦାତା ମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଅଭିନନ୍ଦନ ଜ୍ଞାପନ ପୂର୍ବକ ପ୍ରସ୍ତାହିତ କରିଥାଏ । ପ୍ରତିବଦ୍ଧତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାର ଉତ୍ସ ହୋଇଥିବା ବେଳେ ସନାତନ ଧର୍ମର ସୁରକ୍ଷା ଓ ଜନଶକ୍ତି ମଧ୍ୟରେ ଶୃଙ୍ଖଳା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ । ଏକତାର ହିଁ ବଳ ନିତୀରେ ଭାରତୀୟମାନେ ସମସ୍ତେ ସେମାନଙ୍କ ନିଜର ବିକାଶ ଲାଗି ପ୍ରଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗ ଦେଇ ଦଳ ବିରୋଧି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟ ହେବ ବୋଲି ମତବ୍ୟକ୍ତ କରିଥିଲେ । କର୍ମୀମାନେ ସଂଗଠିତ ହୋଇ ଆଗାମୀ ଦିନରେ ପଂଚାୟତ, ପଂଚାୟତ ସମିତି, ଜିଲାପରିଷଦ ଓ ପୌରପରିଷଦ ଦଖଲ କରିବାକୁ ପ୍ରତିଜ୍ଞା କରନ୍ତୁ ବୋଲି କହିଥିଲେ । ନିର୍ବାଚନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳିର ବିଧାନସଭା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଦୀର୍ଘ ୨୫ବର୍ଷର ବିଜେଡି ସରକାରର ପତନ ଘଟାଇ ମୋହନ ସରକାରଙ୍କୁ ଗାଦିସୀନ କରିବା, ସର୍ବୋପରି ମୋଦିଙ୍କ ହାତମୁଠାକୁ ଟାଣ କରିଥିବାରୁ ସେ ଜଳେଶ୍ୱରବାସୀଙ୍କୁ କୃତଜ୍ଞତା ଜଣାଇଥିଲେ । ବିଜେପି ସରକାର ଶ୍ରୀ ମନ୍ଦିରର ୪ ଦ୍ୱାର ଖୋଲିବା, ରତ୍ନଭଣ୍ଡାରର ପର୍ଦ୍ଦାଫାସ କରିବା, ସୁଭଦ୍ରା ଯୋଜନା ଇତ୍ୟାଦି ଓଡିଶା ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ । ଜଳେଶ୍ୱରରେ ବିଜେପି ସରକାର ଅମଳରେ ତାର ହକ୍ ପାଇପାରିବା ସହିତ ବିକାଶ ସଂପର୍କରେ ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳିର ବିଧାନସଭା ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଜିଲା ମହିଳାମୋର୍ଚ୍ଚ ସଭାନେତ୍ରୀ ସୁମତୀରାଣୀ ଦେ, ପ୍ରଭାରୀ ପରମାନନ୍ଦ ମହାପାତ୍ର, ତରୁଣ ପଟ୍ଟନାୟକ, ଜୟକୃଷ୍ଣ ଅଣ୍ଡିଆ, ସଂଯୋଜକ ଶାନ୍ତନୁ ପଟ୍ଟନାୟକ, ଚନ୍ଦନ ଦାସ, ଶ୍ରୀକଣ୍ଠ ମହାନ୍ତି, ରାଜେନ୍ଦ୍ର ପାତ୍ର, ରାମଚନ୍ଦ୍ର ବେସ୍ରା, ବନମାଳି ଧଳ ପ୍ରମୁଖ ଏଥିରେ ବକ୍ତବ୍ୟ ରଖି ଆସନ୍ତା ଦିନରେ ଜଳେଶ୍ୱରର ବିଧାୟକ ବିଜେପି ଦଳର ହୋଇନଥିଲେ ମଧ୍ୟ ବିକାଶ କ୍ଷେତ୍ରରେ ଅଗ୍ରାଧିକାର ପାଇବ ବୋଲି ମତବ୍ୟକ୍ତ କରିଥିଲେ । ଆଦିତ୍ୟ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# କୃଷକମାନେ ପ୍ରାକୃତିକ ଚାଷ ଆରମ୍ଭ କରିବା ଉଚିତ୍ : ଶିବରାଜ ସିଂ

ଲକ୍ଷ୍ନୌ, ୧୯/୭ (ନି.ପ୍ର): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୁକ୍ରବାର ଦିନ ଭାରତୀୟ ପ୍ରାକୃତିକ ଚାଷ ପ୍ରଣାଳୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି ଯେ, କୃଷକମାନେ ପ୍ରାକୃତିକ ଚାଷ ଆରମ୍ଭ କରିବା ଉଚିତ୍ । ଏହିପରି ଫଳ, ପନିପରିବା ଏବଂ ଖାଦ୍ୟ ବନାନ୍ତୁ ଯାହା ଶରୀର ପାଇଁ ଅମୃତ ପରି । ରାସାୟନିକ ସାର ବ୍ୟବହାର ନ କରି ଗୁଣବତା ସହିତ ଉତ୍ପାଦନ ବୃଦ୍ଧି କରାଯାଇପାରିବ । ରାସାୟନିକ ସାର ବିନା ଉତ୍ପାଦନ ବୃଦ୍ଧି ପାଇବ ନାହିଁ ବୋଲି ବିଶ୍ୱାସ କରାଯାଏ କିନ୍ତୁ ତାହା ନୁହେଁ । ପ୍ରଥମ ଏବଂ ଦ୍ୱିତୀୟ ବର୍ଷରେ ଉତ୍ପାଦନ ଆବଶ୍ୟକତା କମ୍ କିନ୍ତୁ ତୃତୀୟ ବର୍ଷରୁ ଉତ୍ପାଦନ ଉନ୍ନତି ଆରମ୍ଭ ହୁଏ । ଲକ୍ଷ୍ନୌର ଦି ସେଂଟ୍ରମ୍ ହୋଟେଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶିବରାଜ ସିଂ କହିଛନ୍ତି ଯେ, ଆମର ସଂକଳ୍ପ ଅଛି ଯେ, ଉତ୍ପାଦନ ହ୍ରାସ କରିବାକୁ ଦେବୁ ନାହିଁ । ଦେଶର ଶସ୍ୟ ଦୋକାନଗୁଡ଼ିକ ପୂରଣ ହେବ । ଆଜି ବିଶ୍ୱ ତାପମାତ୍ରାକୁ ନେଇ ବିଶ୍ୱ ଚିନ୍ତିତ ଅଛି । ରାସାୟନିକ ସାର ବ୍ୟବହାର ହେତୁ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଲା । ଫଳ, ପନିପରିବା ଏବଂ ଶସ୍ୟ ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଛି କିନ୍ତୁ ଏହା ଖାଇବା ଯୋଗ୍ୟ କି ? ସମସ୍ତ କୀଟ ସମାପ୍ତ ହୋଇଗଲେଣି । ଜିଆ ଦେଖାଯାଉନାହିଁ । ଯଦି ଏହା ଜାରି ରହେ ତେବେ ଏହି ପୃଥିବୀର ଭବିଷ୍ୟତ ପିଢ଼ୀ ରହିବା ପାଇଁ ଉପଯୁକ୍ତ ହେବେ ନାହିଁ । ତେଣୁ ସମୟ ସମୟରେ ସତର୍କ ରହିବା ଆବଶ୍ୟକ । ଯଦି ପୃଥିବୀ ବଂଚିବ, ତେବେ ଆମେ ବଂଚିବା ।

# ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ରସଗୋଲା ମହୋତ୍ସବ ପାଳିତ

ଭୁବନେଶ୍ୱର, ୧୯/୭ (ନି.ପ୍ର): ଓଡ଼ିଶାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିଳାଦ୍ରୀ ବିଜେ ଅବସରରେ ଶୁକ୍ରବାର ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ବୃଦ୍ଧ ମନ୍ଦିରଠାରେ ରସଗୋଲା ମହୋତ୍ସବକୁ ଉଦ୍‌ଘାଟନ କରି ଅର୍ଗସ ଟିଭିର ଅଧ୍ୟକ୍ଷ ସଞ୍ଜୟ କୁମାର ଜେନା କହିଲେ ଯେ, ରସଗୋଲା ଓଡ଼ିଆ ଅସ୍ମିତାର ପ୍ରତୀକ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ଖାଇବାକୁ ଦେଇ ତାଙ୍କର ମାନଭଞ୍ଜନ କରି ଶ୍ରୀମନ୍ଦିରରେ ପ୍ରବେଶ କରାଇଥାନ୍ତି । ସମାଜରେ ପତ୍ନୀଙ୍କ ପ୍ରତି ସ୍ୱାମୀର ଯେଉଁ କର୍ତ୍ତବ୍ୟ ତାହା ଶ୍ରୀଜଗନ୍ନାଥ ମହାପ୍ରଭୁ ଆମକୁ ବାଟ ଦେଖାଇଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି କହିଲେ ଯେ, ରସଗୋଲା ଓଡ଼ିଶାର ବୋଲି ପ୍ରମାଣିତ କରିବା ପାଇଁ ଆମକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ଆଜି ଆମେ ଓଡ଼ିଆ ଜାତି ଗର୍ବ କରିବା ରସଗୋଲା ଆମର । ଯେବେଠାରୁ ରଥଯାତ୍ରା ଆରମ୍ଭ ହୋଇଛି, ସେବେଠାରୁ ରସଗୋଲାର ମଧ ସୃଷ୍ଟି । ଆଜିର ମହୋତ୍ସବରେ ବିଶିଷ୍ଟ ବେଦବିତ୍ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ ଓ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ମନୋଜ ଲେଙ୍କା ସ୍ୱାଗତ ଭାଷଣ ଦେଇ କହିଲେ ଯେ, ଓଡ଼ିଆ ସଂସ୍କୃତିକୁ ବ ।ଇବା ପାଇଁ ଆମ ଅନୁଷ୍ଠାନ ୧୭ ବର୍ଷ ଧରି କାର୍ଯ୍ୟ କରିଚାଲିଛି । ଏହି ଅବସରରେ ରସଗୋଲାକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ଦେବା ପାଇଁ ଓକିଲାତି କରିଥିବା ଶୀଳଭଦ୍ର ଶାସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟସ୍ତରୀୟ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ହାପି ଲିଭିଙ୍ଗ ଫାଉଣ୍ଡେସନ, ଦୀର୍ଘ ୧୭ବର୍ଷ ଧରି ଜନସାଧାରଣଙ୍କ ସୁଖସ୍ୱାଚ୍ଛନ୍ଦ ପାଇଁ ବାସ୍ତୁ ପରାମର୍ଶ ଦେବା ସହ ଅର୍ଥନୈତିକ ଦୃଷ୍ଟିକୋଣରୁ ଅସୁବିଧା ଭିତରେ ଗତ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଆସିଛି ।

# ଟାଟା ଫାଉଣ୍ଡେସନ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ 'ଦୃଷ୍ଟି'ର ଶୁଭାରମ୍ଭ




ବାଲିଆପାଳ ୧୯/୭( ନି ପ୍ର) ଟାଟା ଫାଉଣ୍ଡେସନ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ ଶୁକ୍ରବାର ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ' ଦୃଷ୍ଟି ' ନାମକ ଏକ ଚକ୍ଷୁ ଚିକିତ୍ସାଳୟ ର ଶୋଭରମ୍ଭ ହୋଇଛି । ଏଥିରେ ତିନୋଟି ଚିକିତ୍ସା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ । ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ସ୍କୁଲ ପିଲାମାନଙ୍କ ଭବିଷ୍ୟତ କୁ ଲକ୍ଷ୍ୟ କରି ଚକ୍ଷୁ ର ଯତ୍ନ ଓ ନବ ଯାତ ଶିଶୁର ଆଖିକୁ ପରୀକ୍ଷା କରି ଏକ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯିବ ।ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ , ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ପ୍ରୀତମ୍ କୁମାର ସାହୁ, ସୁବର୍ଣ୍ଣ ରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ଼ ର କାର୍ଯ୍ୟ ନିର୍ବାହୀ ସୁଶାନ୍ତ କୁମାର ମିଶ୍ର , ବିରାଜ ଦାସ , ଟାଟା ଷ୍ଟିଲ ଫାଉଣ୍ଡେସନର ୟୁନିଟ୍ ହେଡ ପ୍ରମୋଦ କୁମାର ପାତ୍ର, ଟାଟା ଷ୍ଟିଲ ଫାଉଣ୍ଡେସନର ପବ୍ଲିକ୍ ହେଲଥ ମ୍ୟାନେଜର ଅକ୍ଷୟ କୁମାର ନାୟକ ପ୍ରମୁଖ ଏହାକୁ ଶୋଭରମ୍ଭ କରି ଥିଲେ । ସଧାରଣ ଲୋକ ଏହାର ଫାଇଦା ନେବାକୁ ସେମାନେ ଉଦ୍ ଘୋଷଣା କରିଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମ ଚାରୀ ଉପସ୍ଥିତ ଥିଲେ ।

# ଟେଣ୍ଡର ନୋଟିସରେ ତ୍ରୁଟି ଯୋଗୁ ଉପଜିଲ୍ଲାପାଳଙ୍କଠାରେ ଫେରାଦ ହେଲେ ଆଗ୍ରହୀ ନିଲାମଧାରୀ



ନୀଳଗିରି, ୧୯/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀ ଭାବରେ ନୀଳଗିରି ଅଞ୍ଚଳ ବେଶ ଖ୍ୟାତି ଲାଭ କରିଥିବା ବେଳେ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପାର୍କିଂ ଷ୍ଟାଣ୍ଡ ପାଇଁ ଆସନ୍ତା ୨୦ତାରିଖରେ ନିଲାମ କରାଯିବ ବୋଲି ପ୍ରସାଶନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।ତେବେ ନୋଟିସରେ ଉଲ୍ଲେଖ ଥିବା ସର୍ତାବଳୀରେ ତ୍ରୁଟି ରହିଥିବା କାରଣରୁ ନିଲାମଧାରୀଙ୍କ ପକ୍ଷରୁ ତ୍ରୁଟି ସଂଶୋଧନ କରିବା ପାଇଁ ନୀଳଗିରି ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ଠାରେ ଦ୍ୱାରସ୍ଥ ହୋଇଛନ୍ତି ।ତହସିଲଦାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ୧୨ ମାସ ନିମନ୍ତେ ଦେୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଗଷ୍ଟରୁ ୧ ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମାତ୍ର ୮ମାସ ପାଇଁ ନିଲାମ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ୧୨ ମାସ ପରିବର୍ତ୍ତେ ୮ମାସର ଅର୍ଥ ଦାଖଲ କରିବାକୁ ଉଲ୍ଲେଖ କରିବା ପାଇଁ ଦାବି କରାଯାଇଛି । ଅର୍ଥାତ୍ ୮ମାସ ପାଇଁ ନିଲାମ ଧରୁଥିବା ବ୍ୟକ୍ତି ୧୨ମାସର ଅର୍ଥ ସରକାରଙ୍କ ଠାରେ ପୈଠ ପାଇଁ ଆଦେଶ ଅଛି । ଯାହା ଦୋକାନୀଙ୍କ ପେଟକୁ ଲାତ ମରାଯିବା ସଦୃଶ୍ୟ ହୋଇଛି । ଏଭଳି ତ୍ରୁଟି ପାଇଁ ଅଞ୍ଚଳବାସୀ ତଥା ଟେଣ୍ଡର ଡାକିବାକୁ ଇଚ୍ଛୁକ ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ଟେଣ୍ଡର ଡାକିବାକୁ ଥିବା ଇଚ୍ଛୁକ ପ୍ରାର୍ଥୀମାନେ ଆଜି ସ୍ଥାନୀୟ ତହସିଲଦାର ଦୀପ୍ତିମୟୀ ବେହେରା ଓ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକ୍ ?ରେ ଓ ଦେବୋତ୍ତର ଆୟୁକ୍ତଙ୍କ ଭେଟି ନୂତନ ସଂଶୋଧିତ ବିଜ୍ଞପ୍ତି ଜାରି କରି ନିଲାମ କରିବା ପାଇଁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ଦିପ୍ତିମୟୀ ବେହେରା ଅଭଯୋଗ ଉପରେ ଉଚ୍ଚଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି । ସୂଚନା ଯେ ଗତବର୍ଷ ଏହି ଗାଡିଷ୍ଟାଣ୍ଡ ପାଇଁ ୨୫ଲକ୍ଷ ୫୦୦ଟଙ୍କାରେ ନିଲାମ ହୋଇଥିଲା । ଚଳିତବର୍ଷ ଏପ୍ରିଲ, ମେ, ଜୁନ ଓ ଜୁଲାଇ ମାସକୁ ବାଦ କରାଯାଇ ନିଲାମ ଟଙ୍କା ଧାର୍ଯ୍ୟ କରିବା ପରିବର୍ତ୍ତେ ବିତି ଯାଇଥିବା ଏହି ୪ମାସର ଟଙ୍କା ମିଶାଇ ତଥା ଗତବର୍ଷ ନିଲାମ ଟଙ୍କାର ୧୦ପ୍ରତିଶତ ଅର୍ଥ ବୃଦ୍ଧିକରି ମୋଟ ୨୭ଲକ୍ଷ ୫୦ହଜାରରୁ ନିଲାମ ଡାକ ଆରମ୍ଭ ହେବ ବୋଲି ତହସିଲଦାର ଧାର୍ଯ୍ୟ କରିଥିଲେ ।

# ମେଗା ରକ୍ତଦାନ ଶିବିର ପାଇଁ 'ପୋଲିସ ପବ୍ଲିକ ପ୍ରେସ' ପକ୍ଷରୁ ପ୍ରସ୍ତୁତି ବୈଠକ



ବାରିପଦା , ୧୯/୭ (ନି.ପ୍ର): ବାରିପଦା ର ଅଗ୍ରଣୀ ସେବା ଅନୁଷ୍ଠାନ 'ପୋଲିସ ପବ୍ଲିକ ପ୍ରେସ' ଓ 'ପି ପି ପି ଟ୍ରଷ୍ଟ' ପକ୍ଷରୁ ଆଗାମୀ ଅଗଷ୍ଟ ୪ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା ମେଗା ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ସଂଗଠନ ର ପ୍ରତିଷ୍ଠାତା ଡଃ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱ ରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଡଃ ନିରୋଜ କୁମାର ପୋଥାଳ , ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଉଦୟ ନାଥ ଜେନା, ବସନ୍ତ କୁମାର ମହାପାତ୍ର, ଅସୀମ କୁମାର ଚକ୍ରବର୍ତ୍ତୀ, ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାନ ର ଉପକାରିତା ଉପରେ ଆଲୋକପାତ କରିଥିଲେ । ଅନ୍ୟ ରକ୍ତଦାତା ଓ ସମାଜସେବୀ ମାନଙ୍କ ମଧ ରେ ସୁମିତା ଚୌବେ, ସସ୍ମିତା ମହାନ୍ତି, ଜୟସ୍ମିତା ମହାନ୍ତି, ଅମୃତା ରେଖା ରାୟ, ବିଛିନି ବିନ୍ଧାଣି, ବିଷ୍ଣୁପ୍ରିୟା ଦାସ, ସବିତା ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ନିଜ ନିଜ ର ମତାମତ ରଖିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ : ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo